


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

TM

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

E-mail : sambadkalikanews@gmail.com

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୦୧ ● ୧୨ ମଇ ୨୦୨୬ ମଙ୍ଗଳବାର ● ଭୁବନେଶ୍ୱର ● Vol -33 ● Issue-101 ● 12th May 2026, Tuesday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


## ସୋମନାଥ ଅମୃତ ମହୋତ୍ସବରେ ପ୍ରଧାନମନ୍ତ୍ରୀ

# ବିଶ୍ୱର କୌଣସି ଶକ୍ତି ଭାରତକୁ ନୁଆଁଇ ପାରିବ ନାହିଁ

**ଗିର ସୋମନାଥ,୧୧।୫**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର କହିଛନ୍ତି ଯେ, ବିଶ୍ୱର କୌଣସି ଶକ୍ତି ଭାରତକୁ ନୁଆଁଇ ପାରିବ ନାହିଁ। ସେ କହିଛନ୍ତି ଯେ, ୧୯୯୮ ମସିହାର ପୋଖରାନ ପରମାଣୁ ପରୀକ୍ଷା ବିଶ୍ୱକୁ ଭାରତର ଅଟଳ ରାଜନୈତିକ ଇଚ୍ଛାଶକ୍ତିର ପରିଚୟ ଦେଇଥିଲା।

ଗୁଜରାଟର ସୋମନାଥ ମନ୍ଦିରର ପୁନଃନିର୍ମାଣର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ 'ସୋମନାଥ ଅମୃତ ପର୍ବ-୨୦୨୬'ର ଐତିହାସିକ ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଥମ ଜ୍ୟୋର୍ତିଲିଙ୍ଗ ଭଗବାନ ସୋମନାଥଙ୍କ ଦର୍ଶନ ଏବଂ ପୂଜାର୍ଚ୍ଚନା କରିବା ଅବସରରେ ଆୟୋଜିତ ସୋମନାଥ ଅମୃତ ମହୋତ୍ସବକୁ ସମ୍ବୋଧନ କରି କହିଛନ୍ତି ଯେ, ୧୧ ମେ' ୧୯୯୮ରେ ଭାରତ ପୋଖରାନରେ ପ୍ରଥମ ତିନୋଟି ପରମାଣୁ ପରୀକ୍ଷା କରିଥିଲା ଏବଂ ତା'ପରେ ବିଶ୍ୱର ବିଭିନ୍ନ ଶକ୍ତିଶାଳୀ ଦେଶ ଭାରତ ଉପରେ ବିଭିନ୍ନ ପ୍ରକାରର ପ୍ରତିବନ୍ଧକ ଲାଗୁ କରିଥିଲେ।



ସେ କହିଛନ୍ତି, "୧୧ ମେ' ପରେ ସମଗ୍ର ବିଶ୍ୱ ଆମ ବିରୋଧରେ ହୋଇଯାଇ ଥିଲେ, କିନ୍ତୁ ୧୩ ମେରେ ଭାରତ ଆଉ ଦୁଇଟି ପରମାଣୁ ପରୀକ୍ଷା କରିଥିଲା। ଏହା ଦ୍ୱାରା ବିଶ୍ୱ ଜାଣିପାରିଲା ଯେ ଭାରତର ରାଜନୈତିକ ଇଚ୍ଛାଶକ୍ତି କେତେ ଅଟଳ।"

ସେ କହିଛନ୍ତି ଯେ, ସେତେବେଳର ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱାଧୀନ ସରକାର ଦେଖାଇଥିଲା ଯେ ଭାରତ ପାଇଁ ରାଷ୍ଟ୍ର ସର୍ବୋପରି। ମୋଦୀ କହିଛନ୍ତି, "ବିଶ୍ୱର କୌଣସି ଶକ୍ତି ଭାରତକୁ ନୁଆଁଇ ପାରିବ ନାହିଁ କି ଚାପରେ ରଖି ପାରିବ ନାହିଁ।"

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଭାରତ ପୋଖରାନ ପରମାଣୁ ପରୀକ୍ଷାକୁ 'ଅପରେସନ ଶକ୍ତି' ନାମ ଦେଇଥିଲା, କାରଣ ଶିବ ଓ ଶକ୍ତିଙ୍କ ଆରାଧନା ଭାରତର ପରମ୍ପରା ରହିଆସିଛି। ସେ କହିଛନ୍ତି ଯେ, ଏହି ଚିନ୍ତାଧାରା ଦେଶର ବୈଜ୍ଞାନିକ ପ୍ରଗତିର ପ୍ରେରଣାସ୍ରୋତ ହୋଇଛି।

ମୋଦୀ କହିଛନ୍ତି ଯେ, ସୋମନାଥ ଅମୃତ ମହୋତ୍ସବ କେବଳ ଅତୀତର ଉତ୍ସବ ନୁହେଁ, ବରଂ ଆଗାମୀ ଏକ ହଜାର ବର୍ଷ ପାଇଁ ଭାରତର ପ୍ରେରଣାର ପର୍ବ। ସେ କହିଛନ୍ତି ଯେ, ୧୯୪୭ରେ ଭାରତ ସ୍ୱାଧୀନ ହେବା ପରେ ୧୯୫୧ରେ ସୋମନାଥ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଭାରତର ସ୍ୱାଧୀନ ଚେତନାର ଘୋଷଣା କରିଥିଲା।

ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ସ୍ୱାଧୀନତା ସମୟରେ ସର୍ଦ୍ଦାର ବଲ୍ଲଭ (ପୃଷ୍ଠା ୭ରେ)

# ଦେଶରେ ମହଜୁଦ ଅଛି ୬୦ ଦିନର ତେଲ, ୪୫ ଦିନର ଏଲପିଜି

**ନୂଆଦିଲ୍ଲୀ,୧୧।୫**

ମଧ୍ୟ ପ୍ରାଚ୍ୟରେ ଜାରି ବିବାଦ ଓ ଇରାନ-ହର୍ମୁଜ ସଙ୍କଟର ପ୍ରଭାବ ଏବେ ଭାରତର ଅର୍ଥବ୍ୟବସ୍ଥା ଓ ସାଧାରଣ ଲୋକଙ୍କ ଉପରେ ପଡ଼ିଛି। ଗୋଟିଏ ପଟେ ସରକାର ଲଗାତାର ଏହି ଭରସା ଦେଉଛନ୍ତି ଯେ, ଦେଶରେ ଅଶୋଧିତ ତୈଳ, ଗ୍ୟାସ୍ ଓ ଏଲପିଜି ପର୍ଯ୍ୟାପ୍ତ ମାତ୍ରାରେ ମହଜୁଦ ରହିଛି, ସେଭଳି ଅନ୍ୟପକ୍ଷେ ସରକାରୀ ତୈଳ କମ୍ପାନୀ ପ୍ରବଳ କ୍ଷତି ସହୁଛି। ଏଭଳି ସ୍ଥିତିରେ ଦେଶରେ ଆଗାମୀ ଦିନରେ ପେଟ୍ରୋଲ ଓ ଡିଜେଲର ଦାମ୍‌ରେ ମଧ୍ୟ ଅଳ୍ପ ବୃଦ୍ଧି ହେବାର ସମ୍ଭାବନା ରହିଛି। ସୂଚନା ଅନୁସାରେ, ଆଗାମୀ ଦିନରେ ପେଟ୍ରୋଲ ଓ ଡିଜେଲ୍‌ର ଦାମ୍‌ରେ ପ୍ରାୟ ୫ ଟଙ୍କା ପ୍ରତି ଲିଟର ବୃଦ୍ଧି ହୋଇପାରେ।

ଉଲ୍ଲେଖନୀୟ ଯେ, ଭାରତ ନିଜର ଆବଶ୍ୟକତାର ବଡ଼ ଅଂଶ ବିଦେଶରୁ ଆମଦାନୀ କରେ। ଦେଶ ଦୁନିଆର ତୃତୀୟ ସବୁଠାରୁ ବଡ଼ ତୈଳ ଉପଭୋକ୍ତା ରହିଛି ଓ ଅଶୋଧିତ ତୈଳର ସପ୍ଲାଇର ଏକ ବଡ଼ ଅଂଶ ହର୍ମୁଜ ବାଟ ଦେଇ ଆସିଥାଏ। କିନ୍ତୁ ଇରାନ ଓ ପଶ୍ଚିମ ଏସିଆରେ ବଢୁଥିବା ସଂଘର୍ଷ କାରଣରୁ ସମୁଦ୍ର ପଥରେ ଚାପ ବଢି ଯାଇଛି। ଏହି କାରଣରୁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ଦାମ୍ ଖୁବ୍ ଉପରକୁ ଉଠିଯାଇଛି।



ଏହା ଭିତରେ ସରକାର ଲୋକଙ୍କୁ ଭୟଭୀତ ନହୋଇ ପେଟ୍ରୋଲ କିମ୍ବା ଏଲପିଜି ଜମା ନକରିବାକୁ ଅପିଲ କରିଛନ୍ତି। ସୂଚନା ଅନୁସାରେ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ହୋଇଥିବା ଉଚ୍ଚସ୍ତରୀୟ ବୈଠକରେ କୁହାଯାଇଛି ଯେ, ଭାରତ ପାଖରେ ବର୍ତ୍ତମାନ ୬୦ ଦିନ ପର୍ଯ୍ୟନ୍ତ ଅଶୋଧିତ ତୈଳ ଓ ପ୍ରାକୃତିକ ଗ୍ୟାସ୍‌ର ଭଣ୍ଡାର ରହିଛି। ସେଭଳି ଏଲପିଜିର ପ୍ରାୟ ୪୫ ଦିନର ଷ୍ଟକ୍ ଉପଲବ୍ଧ ରହିଛି। ଏହାଛଡ଼ା ଦେଶର ବିଦେଶୀ ମୁଦ୍ରା ଭଣ୍ଡାର ମଧ୍ୟ ୭୦୩ ଡଲାରର ମଜଭୁତ ସ୍ତରରେ ରହିଛି। ତଥାପି ମଧ୍ୟ ସରକାର ଇନ୍ଧନ ବଞ୍ଚାଇବା ଉପରେ ଜୋର ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିକଟରେ ଲୋକଙ୍କୁ ପେଟ୍ରୋଲ ଡିଜେଲର ସୀମିତ ଉପଯୋଗ କରିବା, ଅଯଥା ଯାତ୍ରା ନକରିବା ଓ ସାର୍ବଜନିକ ପରିବହନକୁ ଅଧିକ ବ୍ୟବହାର କରିବାକୁ ଅପିଲ କରିଛନ୍ତି। ପିଏମ୍ ମୋଦୀ କହିଛନ୍ତି, ଇନ୍ଧନର ସଞ୍ଚୟ କେବଳ ଟଙ୍କା ବଞ୍ଚାଇବାର ପଦ୍ଧତି ନୁହେଁ, ବରଂ ଦେଶର ବିଦେଶୀ ମୁଦ୍ରା ଭଣ୍ଡାର ଓ ଶକ୍ତି ସୁରକ୍ଷାକୁ ମଜଭୁତ କରିବାର ମଧ୍ୟ ମାଧ୍ୟମ ରହିଛି।

ଅନ୍ୟପକ୍ଷରେ କେନ୍ଦ୍ର ସରକାର ସୋମବାର କହିଛନ୍ତି ଯେ ପଶ୍ଚିମ ଏସିଆରେ ଚାଲିଥିବା ସଙ୍କଟ ସତ୍ତ୍ୱେ ଦେଶରେ ପେଟ୍ରୋଲ ଏବଂ ଡିଜେଲର ପର୍ଯ୍ୟାପ୍ତ ଷ୍ଟକ୍ ଉପଲବ୍ଧ ଅଛି ଏବଂ ଘରୋଇ ରୋଷେଇ (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ଭଦ୍ରକରେ ଚାରିବର୍ଷର ଶିଶୁ ବିକ୍ରି ଅଭିଯୋଗ ଉପରେ ପ୍ରଶାସନିକ ତଦନ୍ତ ଆରମ୍ଭ।
- ପୁରୀ ସମୁଦ୍ରତଟ ନିକଟରେ ଦୁର୍ଲଭ ଜଳଚକ୍ର ଦୃଶ୍ୟ ଦେଖି ପର୍ଯ୍ୟଟକ ଆଶ୍ଚର୍ଯ୍ୟଚକିତ।
- ଖୋର୍ଦ୍ଧାରେ ଜାତୀୟ ରାଜପଥରୁ ବ୍ରାଉନସୁଗାର ସହ ୪ ଗିରଫ।
- ପ୍ରଧାନ ବିଚାରପତି ଆଧୁନିକ ମାମଲା ପରିଚାଳନା ପ୍ରଣାଳୀ ଶୁଭାରମ୍ଭ କଲେ।
- ଆନ୍ଧ୍ର ପ୍ରଦେଶରେ ୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷିତ ମହିଳା ନକ୍ସଲ 'ଲକ୍ଷ୍ମୀ'ଙ୍କ ଆତ୍ମସମର୍ପଣ।
- ନାସିକ୍ ଟିସିଏସ୍ ଧର୍ମାନ୍ତରୀକରଣ ମାମଲା: ଅଭିଯୁକ୍ତ ନିଦା ଖାନଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଗଲା।
- ଦେଶରେ ଖରିଫ ବୁଣିବା ଋତୁ ପାଇଁ ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ ରହିଛି।
- ତେଲୁଗୁ ଅଭିନେତା ଭାରତ କାନ୍ତଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ
- ଜୁଲାଇ ପହିଲାରୁ ଭିବି - ଜି ରାମ ଜି ଆଇନ୍ ଲାଗୁ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୨୧୩ (-୨୨)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୯୪୫ (-୨୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୪୧୦ (-୧୬)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୭୫ (+୦)

## ଶୁଭେନ୍ଦୁ ଅଧିକାରୀଙ୍କ ପ୍ରଥମ କ୍ୟାବିନେଟ୍ ବୈଠକ

# ବାଂଲାଦେଶ ସୀମାନ୍ତରେ ହେବ ଫେନସିଂ : ବିଏସ୍‌ଏଫ୍‌କୁ ମିଳିବ ଜମି

**କୋଲକାତା,୧୧।୫**

ପଶ୍ଚିମବଙ୍ଗର ନବଗଠିତ ବିଜେପି ସରକାରର ପ୍ରଥମ କ୍ୟାବିନେଟ୍ ବୈଠକ ସୋମବାର ରାଜ୍ୟ ସଚିବାଳୟ ନବାନ୍ନରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ପରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ରାଜ୍ୟର ପ୍ରଶାସନିକ ଦିଗ, ସୁଶାସନ, ସୀମା ସୁରକ୍ଷା, କେନ୍ଦ୍ରୀୟ ଯୋଜନାର କାର୍ଯ୍ୟାନ୍ୱୟନ ଏବଂ ସଂବିଧାନିକ ଶାସନ ବ୍ୟବସ୍ଥାକୁ ନେଇ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଘୋଷଣା କରିଛନ୍ତି।

ପ୍ରଥମ କ୍ୟାବିନେଟ୍ ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ଅଧିକାରୀ ଅନେକ ବଡ଼ ନିଷ୍ପତ୍ତି ନେଇଛନ୍ତି। ସେଥିରେ ସୀମା ସୁରକ୍ଷା ବଳ



(ବିଏସଏଫ)କୁ ସୀମାରେ ୪୫ ଦିନ ମଧ୍ୟରେ ଜମି ହସ୍ତାନ୍ତର ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବାର ବଡ଼ ନିଷ୍ପତ୍ତି ମଧ୍ୟ ରହିଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପଶ୍ଚିମବଙ୍ଗରେ "ସୁଶାସନ, ସୁରକ୍ଷା ଏବଂ ଡବଲ୍ ଇଞ୍ଜିନ୍ ସରକାର"ର ନୂଆ ଯାତ୍ରା ଆରମ୍ଭ ହୋଇଛି, ଯାହା ଦେଶର ଅନ୍ୟ ବିଜେପି ଶାସିତ ରାଜ୍ୟମାନଙ୍କ ବିକାଶ ମଡେଲକୁ (ପୃଷ୍ଠା ୭ରେ)

# ପୁଣି ଆରମ୍ଭ ହେଲା ରତ୍ନଭଣ୍ଡାର ଗଣତିମଣତି

**ପୁରୀ,୧୧।୫**

**ନ୍ୟୁଜ୍‌ବ୍ୟୁରୋ**

ମେ' ମାସରେ ଶ୍ରୀଜଗନ୍ନାଥ ମନ୍ଦିର ରତ୍ନଭଣ୍ଡାରର ଗଣତି କାର୍ଯ୍ୟକ୍ରମ ନିମନ୍ତେ ୯ ଦିନ ଧାର୍ଯ୍ୟ କରାଯାଇଛି। ୧୧ ତାରିଖ ସୋମବାର ରତ୍ନଭଣ୍ଡାର ଗଣତି ମଣତି କରାଯାଇଥିଲା। ସେହିପରି ୧୨ ତାରିଖ ମଙ୍ଗଳବାର ଗଣତି ମଣତି କରାଯିବ। ଏହା ବ୍ୟତୀତ ଅନ୍ୟ ୭ ଦିନ ଏହି ଗଣତି କାର୍ଯ୍ୟକ୍ରମ କରାଯିବ। ସୋମବାର ଶ୍ରୀମନ୍ଦିର ପ୍ରଶାସନର ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ମେ'ମାସର ୧୯, ୨୧, ୨୩, ୨୬, ୨୮, ୨୯ ଓ ୩୦ ତାରିଖରେ ଗଣତି ହେବ। ଏ ନେଇ ଶ୍ରୀମନ୍ଦିର ପ୍ରଶାସକ ଡ. ଅରବିନ୍ଦ ପାଢୀ ସୂଚନା ଦେଇଛନ୍ତି।

ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ପାଇଁ ଗଣତି ମଣତି କାର୍ଯ୍ୟ ସ୍ଥଗିତ ରଖାଯାଇଥିଲା।



ଠାକୁରଙ୍କ ନୀତି କାନ୍ତିରେ ଯେଭଳି କୌଣସି ସମସ୍ୟା ସୃଷ୍ଟି ହେବ ନାହିଁ ସେଥିପାଇଁ ଗଣତି ମଣତି କାର୍ଯ୍ୟ ବନ୍ଦ ରଖାଯାଇଥିଲା। ରାଜ୍ୟ ସରକାରଙ୍କ ଏସଓପି ଅନୁଯାୟୀ ୧୧ ତାରିଖରୁ ଗଣତି ମଣତି କାର୍ଯ୍ୟ ଆରମ୍ଭ ହୋଇଛି। ପରେ ଆଉ କେଉଁ ଦିନ ଗଣତି ମଣତି କାର୍ଯ୍ୟ କରାଯିବ ସେନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଥିଲା।

ପୂର୍ବରୁ ଏପ୍ରିଲ୍ ୧୪ ତାରିଖରୁ ଭିତର ରତ୍ନଭଣ୍ଡାରରେ ଥିବା ରତ୍ନ (ପୃଷ୍ଠା ୭ରେ)

# ମନାଲିରେ ଦୁର୍ଘଟଣା ୬ ପର୍ଯ୍ୟଟକ ମୃତ

**ଭାବନଗର,୧୧।୫**

ଗୁଜୁରାଟର ଭାବନଗରରୁ ହିମାଚଳ ପ୍ରଦେଶ ବୁଲିବାକୁ ଆସିଥିବା ସିନ୍ଧି ସମ୍ପ୍ରଦାୟର ଏକ ପରିବାରର କାର୍ ମନାଲି ନିକଟରେ ଏକ ଘାଟିରେ ଖସିପଡ଼ିଲା।ଏହି ଦୁର୍ଘଟଣାରେ ଛଅ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଚାରି ଜଣ ଆହତ ହୋଇଛନ୍ତି। ଏହି ଦୁଃଖଦ ଖବର ପାଇବା ପରେ ପରିବାରର ବାକି ସଦସ୍ୟ ଏବଂ ସମାଜରେ ଶୋକର ଲହରୀ ଖେଳି ଯାଇଛି। ପରିଜନମାନେ କହିଛନ୍ତି ଯେ ଲଳିତଭାଇ ଫଟନାନି ତାଙ୍କ ପରିବାର ସହିତ ଛୁଟି ପାଇଁ ହିମାଚଳ ପ୍ରଦେଶ ଯାତ୍ରା କରିଥିଲେ। ସୋମବାର ଭୋର ସମୟରେ – ପ୍ରାୟ ୩:୩୦ ରୁ ୪:୦୦ ଟା ମଧ୍ୟରେ ପରିବାର ମନାଲିରୁ ବେଲା ଅଭିମୁଖେ କାର ଯୋଗେ ଯାଉଥିଲେ। (ପୃଷ୍ଠା ୭ରେ)

# ଭବାନୀପାଟଣା-ଖରିଆର ରୋଡ୍ ଖୁବ୍ ଶୀଘ୍ର ୪ ଲେନ୍ ବିଶିଷ୍ଟ ହେବ



**ଭୁବନେଶ୍ୱର,୧୧।୫**

**ନ୍ୟୁଜ୍‌ବ୍ୟୁରୋ**

ଭବାନୀପାଟଣାବାସୀଙ୍କ ଦୀର୍ଘଦିନର ଦାବି ଆଜି ସାକାର ରୂପ ନେବାକୁ ଯାଉଛି। ଭବାନୀପାଟଣାବାସୀଙ୍କ ଆବେଗକୁ ଗୁରୁତ୍ୱ ଦେଇ ପୂର୍ତ୍ତ ବିଭାଗ ଭବାନୀପାଟଣା-ଖରିଆର ରାସ୍ତାକୁ ଦୁଇ ଲେନ୍‌ରୁ ଚାରି ଲେନ୍ ବିଶିଷ୍ଟ କରିବାକୁ ଯାଉଛି। ଏହି ରାସ୍ତା ନିର୍ମାଣ ଦ୍ୱାରା ସ୍ଥାନୀୟ ଲୋକଙ୍କ ଗମନାଗମନରେ ସୁବିଧା ହେବା ସହ କ୍ଷୁଦ୍ର ଚାଷୀ ଓ ବ୍ୟବସାୟୀ ବିଶେଷ ଭାବେ ଉପକୃତ ହେବେ ବୋଲି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରକାଶ କରିଛନ୍ତି।

ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ନୂତନ ଭବାନୀପାଟଣା-ଖରିଆର ରାସ୍ତା ଭବାନୀପାଟଣା ଏବଂ ଖରିଆର ଅଞ୍ଚଳର ଲୋକଙ୍କ ପାଇଁ ଅନେକ ସୁଯୋଗ ସୃଷ୍ଟି କରିବ। କଳାହାଣ୍ଡି ଏବଂ ନୂଆପଡ଼ା ଜିଲ୍ଲା ମଧ୍ୟରେ ଯୋଗାଯୋଗ ଦ୍ରୁତ ଏବଂ ସୁଗମ ହେବା ସହ ସଂଯୁକ୍ତ ଗ୍ରାମଗୁଡ଼ିକର ଜନସାଧାରଣ ସହର ଏବଂ ବଜାରକୁ ମଧ୍ୟ ସହଜରେ ପହଞ୍ଚିପାରିବେ। ଉନ୍ନତ ରାସ୍ତା ଯୋଗୁଁ ଯାତ୍ରୀବାହୀ ବସ୍, ଆମ୍ବୁଲାନ୍ସ ଏବଂ ବ୍ୟକ୍ତିଗତ ଯାନଗୁଡ଼ିକ ଶୀଘ୍ର ଗନ୍ତବ୍ୟସ୍ଥଳରେ ପହଞ୍ଚିବା ସହ ଇନ୍ଧନ ଏବଂ (ପୃଷ୍ଠା ୭ରେ)

# ମବ୍ ଲିଞ୍ଚିଂରେ ଦଣ୍ଡ ଯାହା ହତ୍ୟାରେ ଦଣ୍ଡ ମଧ୍ୟ ସମାନ : କ୍ରାଇମବ୍ରାଞ୍ଚ ଡିଜି

**ଭୁବନେଶ୍ୱର,୧୧।୫**

**ନ୍ୟୁଜ୍‌ବ୍ୟୁରୋ**

ସୌମ୍ୟ ହତ୍ୟା ମାମଲାରେ କ୍ରାଇମବ୍ରାଞ୍ଚ ଡିଜି ପ୍ରତିକ୍ରିୟା ରଖି କହିଛନ୍ତି ଯେ, ମବ୍ ଲିଞ୍ଚିଂରେ ଦଣ୍ଡ ଯାହା ହତ୍ୟାରେ ଦଣ୍ଡ ମଧ୍ୟ ସମାନ। ସେ କହିଛନ୍ତି ଯେ, ବିଶେଷ ପରିସ୍ଥିତିରେ ମବ୍ ଲିଞ୍ଚିଂ ସେକ୍ସନ ଲଗାଯାଏ। ଜାତି, ଧର୍ମ ଆଧାରରେ ୫ରୁ ଅଧିକଙ୍କ ସଂପୃକ୍ତି ଥିଲେ ଭିଡ଼ ହିଂସା ଧାରା ଲାଗେ। କିନ୍ତୁ ଏହି ପରିସ୍ଥିତିରେ ଏଭଳି କିଛି ହୋଇ ନ ଥିବାରୁ ଭିଡ଼ ହିଂସା ଧାରା ଲାଗିନି। ମବ୍ ଲିଞ୍ଚିଂରେ ଦଣ୍ଡ ଯାହା ହତ୍ୟାରେ ଦଣ୍ଡ ମଧ୍ୟ ସେୟା। ଯେଉଁମାନେ ଘଟଣାସ୍ଥଳରେ ଥିଲେ ସମସ୍ତେ ଯେ ମବ୍ ଲିଞ୍ଚିଂ କରିଛନ୍ତି ତାହା ନୁହେଁ। ପ୍ରତ୍ୟକ୍ଷଦର୍ଶୀ ମଧ୍ୟ ଥିଲେ, ତଦନ୍ତ ଆଧାରରେ ଦଣ୍ଡ ଦିଆଯିବ ବୋଲି କ୍ରାଇମବ୍ରାଞ୍ଚ ଡିଜି କହିଛନ୍ତି।




## ଏକାଳ ପଖାଳ



ଦେଶ ପାଇଁ ଜନେ ସ୍ୱାର୍ଥକୁ ଟିକେ
ଧୀରେ ନିୟନ୍ତ୍ରଣ କର
ତେଲ ସରସର ଖାଇବା ବଦଳେ
ଭାତ ଡାଲ୍‌ମା ଆହାର
ଗାଡ଼ି ଚଳା ଥିଲେ ଦରକାର
ସୁନା ମୋହରେ ବରଷେ ନପଡ଼
ରାଷ୍ଟ୍ର ପାଇଯିବ ଯୋର!!

# ହର୍ମୁଜରେ କୌଣସି ଶାନ୍ତି ଆଶା ନାହିଁ



**ୱାଶିଂଟନ/ତେହେରାନ,୧୧।୫**

ଚଳିତ ବର୍ଷ ଫେବୃଆରୀ ଶେଷରେ ଆମେରିକା ଏବଂ ଇରାନ ମଧ୍ୟରେ ହର୍ମୁଜ ପ୍ରଣାଳୀକୁ ନେଇ ଚାଲିଥିବା ବିବାଦ ଆହୁରି ବଢ଼ିବାର ସମ୍ଭାବନା ବୃଦ୍ଧି ପାଇଛି। ଯୁଦ୍ଧ ଟାଳିବା ଏବଂ ବିବାଦ କମାଇବା ପାଇଁ ହୋଇଥିବା ନୂତନ କୂଟନୈତିକ ପ୍ରୟାସକୁ ଝଟ୍‌କା ଲାଗିଛି। ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୱାଶିଂଟନର ଶାନ୍ତି ପ୍ରସ୍ତାବ ଉପରେ ଇରାନର ପ୍ରତିକ୍ରିୟାକୁ ସମ୍ପୂର୍ଣ୍ଣ ଅଗ୍ରହଣୀୟ ବୋଲି କହିଛନ୍ତି। ଇରାନ ସେନା ଆମେରିକା ଏବଂ ଇସ୍ରାଏଲକୁ ସତର୍କ କରାଇଛି ଯେ, ଯଦି ପୁଣିଥରେ ଆକ୍ରମଣ ଆରମ୍ଭ ହୁଏ, ତେବେ ଉଭୟ ଦେଶକୁ କଳ୍ପନାରୁ ମଧ୍ୟ ଅଧିକ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ।

ସୂଚନା ଅନୁଯାୟୀ, ଏହି ଘଟଣାକ୍ରମ ଉପରେ ବିସ୍ତୃତ ଆଲୋଚନା କରାଯାଇଛି। ଯୁଦ୍ଧ ଶେଷ କରିବା ପାଇଁ ଇରାନ ଦେଇଥିବା ନୂତନ ପ୍ରସ୍ତାବକୁ ଟ୍ରମ୍ପ ସମ୍ପୂର୍ଣ୍ଣ ଭାବେ ଖାରଜ କରିଦେଇଛନ୍ତି। ଇରାନ ତାହାର ଉତ୍ତରରେ କହିଛି ଯେ ସେ ବିବାଦ ରୋକିବାକୁ ପ୍ରସ୍ତୁତ, କିନ୍ତୁ ସର୍ତ୍ତ ହେଉଛି ଆମେରିକା ତୁରନ୍ତ ନୌସେନା ନାକାବନ୍ଦି ହଟାଇବ, ପ୍ରତିବନ୍ଧକ ଗୁଡ଼ିକୁ ସମାପ୍ତ କରିବ ଏବଂ ପରମାଣୁ କାର୍ଯ୍ୟକ୍ରମ ଓ ବିଦେଶ ନୀତିରେ ହସ୍ତକ୍ଷେପ କରିବ ନାହିଁ।

ଏହି ସବୁ ବିଷୟକୁ ନେଇ ୱାଶିଂଟନ ପୂର୍ବରୁ ଯୁଦ୍ଧ ଆରମ୍ଭ କରିବାର ଯୁକ୍ତି ଦେଇଥିଲା। ଆମେରିକୀୟ (ପୃଷ୍ଠା ୭ରେ)

# ମୌସୁମୀ ପାଇଁ ପାଗ ଅନୁକୂଳ!

**ଭୁବନେଶ୍ୱର,୧୧।୫**

**ନ୍ୟୁଜ୍‌ବ୍ୟୁରୋ**

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଅଗ୍ରସର ପାଇଁ ପାଗ ଅନୁକୂଳ ସମ୍ଭାବନା। ଏ ନେଇ 'ଏକ୍ସ'ରେ ସୂଚନା ଦେଇଛନ୍ତି ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ। ଚଳିତ ସପ୍ତାହର ଶେଷ ଆଡ଼କୁ ଦକ୍ଷିଣ ବଙ୍ଗୋପସାଗରକୁ ଛୁଇଁବା ଆଶା ରହିଛି। ଆଣ୍ଡାମାନ ସାଗର, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଆସିବାର ସମ୍ଭାବନା।

ଦକ୍ଷିଣପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଉତ୍ତର ଶ୍ରୀଲଙ୍କା ଉପକୂଳ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଅଧିକ ଘନୀଭୂତ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ



ବିଜୁଳି ଘଡ଼ଘଡ଼ି ସହିତ ବର୍ଷା ହେବାର ସମ୍ଭାବନା ରହିଛି।

ଓଡ଼ିଶାରେ ନାହିଁ ବାତ୍ୟା ଭୟ। ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବ ଓଡ଼ିଶା ଉପରେ ନଥିବା ବେଳେ ବାତ୍ୟାର କୌଣସି ସମ୍ଭାବନା ନଥିବା ସ୍ପଷ୍ଟ କରିଛି ପାଣିପାଗ ବିଭାଗ। ବର୍ତ୍ତମାନ ରାଜ୍ୟରେ କୌଣସି ନିର୍ଦ୍ଦିଷ୍ଟ ପାଣିପାଗ ନିୟାମକ ସକ୍ରିୟ ନଥିବା ବେଳେ ସକାଳେ ଖରା ଏବଂ ସନ୍ଧ୍ୟାରେ କାଳବୈଶାଖୀ (ପୃଷ୍ଠା ୭ରେ)

32 YEARS

ସମ୍ବାଦ କଳିକା

ଭୁବନେଶ୍ୱର, ୧୨ ମଇ, ୨୦୨୬ ମଙ୍ଗଳବାର





# ସମ୍ବଲପୁରର ବିକାଶ ପାଇଁ ୧୯୪ କୋଟି ଟଙ୍କାର ପ୍ରକଳ୍ପ ଶୁଭାରମ୍ଭ କଲେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

**ସମ୍ବଲପୁର,ନ୍ୟୁଜ ବ୍ୟୁରୋ**

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ସମ୍ବଲପୁର ଜିଲ୍ଲାର ନାକଟିଦେଉଳ, ରେଢାଖୋଲ ଏବଂ ଯୁଯୁମୁରା ବ୍ଲକର ସର୍ବାଙ୍ଗୀନ ବିକାଶ ନିମନ୍ତେ ପ୍ରାୟ ୧୯୪ କୋଟି ଟଙ୍କା ବ୍ୟୟରେ ୪୮ଟି ବିକାଶମୂଳକ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ସମ୍ବଲପୁରର ବୀରତ୍ୱର ଗାଥାକୁ ସ୍ମରଣ କରି କହିଛନ୍ତି ଯେ, ଏହି ମାଟି ହେଉଛି ସଂଘର୍ଷର ମାଟି। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମଧୁ ଗଡ଼ତିଆଙ୍କ ପରି ବୀରମାନେ ସ୍ୱାଭିମାନ ପାଇଁ ଇଂରେଜଙ୍କ ବିରୁଦ୍ଧରେ ସାଲିସବିହୀନ ଲଢେଇ କରିଥିଲେ। ସେହି ପବିତ୍ର ଭୂମିକୁ ପ୍ରଣାମ ଜଣାଇବା ସହ ଆଜି ଅନେକ ହିତାଧିକାରୀଙ୍କୁ ସରକାରୀ ଯୋଜନାର ସୁଫଳ ମଧ୍ୟ ହସ୍ତାନ୍ତରଣ କରିଛନ୍ତି। ପର୍ଯ୍ୟଟନ ଓ ଐତିହ୍ୟର ବିକାଶକୁ ଗୁରୁତ୍ୱ ଦେଇ ଶ୍ରୀ ପ୍ରଧାନ ନାକଟିଦେଉଳ ବ୍ଲକ ଅନ୍ତର୍ଗତ 'ଭୀମମଣ୍ଡଳୀ ଇକୋ ହେରିଟେଜ୍ ସାଇଟ୍'ର ଭୂମିପୂଜନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଐତିହ୍ୟ ସ୍ଥଳୀର ବିକାଶ ପାଇଁ ପ୍ରାୟ ୮ କୋଟି ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଅନୁମୋଦନ ଦେଇଥିବାରୁ ସେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଖୁବ୍ ଶୀଘ୍ର ଏଠାରେ ପ୍ରବେଶ ପଥ, ବ୍ରିଜ୍, ଭ୍ୟୁ ପଏଂଟ, ସୌର ଶକ୍ତି ବ୍ୟବସ୍ଥା ସହ ପର୍ଯ୍ୟଟକଙ୍କ ପାଇଁ ସମସ୍ତ ଅତ୍ୟାଧୁନିକ ସୁବିଧା ଓ ବିଶ୍ରାମ ଗୃହ ନିର୍ମାଣ କରାଯିବ, ଯାହା ଭୀମମଣ୍ଡଳୀର ଗୌରବମୟ ଇତିହାସକୁ ବିଶ୍ୱ ଦରବାରରେ ଲୋକଲୋଚନକୁ ଆଣିବ। ଅଂଚଳର ଜନସାଧାରଣଙ୍କ ସୁବିଧା ପାଇଁ ନାକଟିଦେଉଳଠାରେ କମ୍ୟୁନିଟି ହେଲଥ୍ ସେଂଟରର ନୂତନ ଭବନ ଏବଂ ଯୁବ କ୍ରୀଡ଼ାବିତ୍‌ଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଏକ ମିନି ଷ୍ଟାଡିୟମ ନିର୍ମାଣ ନିମନ୍ତେ ପଦକ୍ଷେପ ନିଆଯାଇଛି। ସେହିପରି ରେଢାଖୋଲ ବ୍ଲକ ଅଧୀନରେ ଥିବା ରାମପୁର-ଗିରିଶଚନ୍ଦ୍ରପୁର ରାସ୍ତାର ଉନ୍ନତିକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି, ଯାହା ଅଂଚଳର ଗମନାଗମନ ବ୍ୟବସ୍ଥାକୁ ସୁଗମ କରିବ। ଆଜି ଶୁଭାରମ୍ଭ ହୋଇଥିବା ଏହି ପ୍ରକଳ୍ପଗୁଡ଼ିକ ସ୍ଥାନୀୟ ସାମାଜିକ ଓ ଆର୍ଥିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଲୋକଙ୍କ ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ଆଣିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ନାକଟିଦେଉଳକୁ ଭାରତ ସରକାର ଏକ 'ଆକାଂକ୍ଷୀ ବ୍ଲକ' ଭାବେ ଚୟନ କରିଥିବାରୁ ଏଠାରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ବିକାଶ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହି ଅଂଚଳରେ ଦୁଗ୍ଧ ଚାଷ, ପନିପରିବା ଓ ଆମ୍ବ ଚାଷକୁ ବ୍ୟାପକ କରି ସ୍ଥାନୀୟ ଚାଷୀଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବା ସହ ସମ୍ବଲପୁର ଜିଲ୍ଲାର ସର୍ବାଙ୍ଗୀନ ବିକାଶ କରିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ମନ୍ତ୍ରୀ ଜଣାଇଛନ୍ତି।

# ସୋଆ ପକ୍ଷରୁ ଦିନିକିଆ ଟିଏଚ୍ଇ ଓଡ଼ିଶା ରିଜିଓନାଲ୍ କନ୍‌କ୍ଲେଭ୍ ଆୟୋଜିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି) ପକ୍ଷରୁ ଆୟୋଜିତ ଏବଂ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟ ଠାରେ ଶୁକ୍ରବାର ଅନୁଷ୍ଠିତ ଏକ ଦିନିକିଆ ସମ୍ମିଳନୀରେ ଓଡ଼ିଶାର ୩୭ଟି ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ଅନୁଷ୍ଠାନର କୁଳପତି, ପ୍ରଶାସକ ଏବଂ ଶିକ୍ଷାବିତ୍‌ମାନେ ଯୋଗ ଦେଇ ଉଚ୍ଚ ଶିକ୍ଷାର ବିକାଶ ଏବଂ ବିଶ୍ୱ ସ୍ତରରେ ଅନୁଷ୍ଠାନଗୁଡ଼ିକୁ ପ୍ରତିଷ୍ଠିତ କରିବାର ବିଭିନ୍ନ ଦିଗ ନେଇ ଆଲୋଚନା ଓ ବିଚାରବିମର୍ଷ କରିଛନ୍ତି। ଟାଇମ୍ସ ହାୟର ଏଜୁକେସନ୍ (ଟିଏଚ୍ଇ) ଓଡ଼ିଶା ରିଜିଓନାଲ୍ କନ୍‌କ୍ଲେଭରେ ବକ୍ତାମାନେ ବିଶ୍ୱ ସ୍ତରରେ ଓଡ଼ିଶାର ଶିକ୍ଷା ଓ ଗବେଷଣା କ୍ଷେତ୍ରକୁ କିଭଳି ଅଧିକ ବିକଶିତ କରାଯାଇ ପାରିବ ସେ ନେଇ ବକ୍ତବ୍ୟ ରଖିଥିଲେ। ଏହି ସମ୍ମିଳନୀରେ ବିପିୟୁଟିର କୁଳପତି ପ୍ରଫେସର ଅମୀୟ କୁମାର ରଥ ଯୋଗ ଦେଇ ନିଜ ବକ୍ତବ୍ୟରେ ଶିକ୍ଷାର ଗୁଣବତା ଉପରେ ଅଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ବିଶ୍ୱର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଗୁଡ଼ିକ ସମ୍ପର୍କରେ ଅଧିକ ତଥ୍ୟ ହାସଲ କରିବା ନିମନ୍ତେ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଶ୍ୱବିଦ୍ୟାଳୟର ପ୍ରତିନିଧିମାନଙ୍କୁ ନିମନ୍ତ୍ରଣ କରାଯାଇଥିବା ସେ କହିଥିଲେ।

କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଏବଂ ଓଡ଼ିଶା ୟୁନିଭର୍ସିଟି ଅଫ ଟେକ୍ନୋଲଜି ଆଣ୍ଡ ରିସର୍ଚ୍ଚ (ଓୟୁଟିଆର)ର କୁଳପତି ପ୍ରଫେସର ବିଭୁତି ଭୂଷଣ ବିଶ୍ୱାଳ ଉପସ୍ଥିତ ଥାଇ ନିଜର ବକ୍ତବ୍ୟ ରଖିଥିଲେ। ପ୍ରଫେସର ନନ୍ଦ କହିଥିଲେ ଯେ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳର ଆବିର୍ଭାବ ବିଶ୍ୱବିଦ୍ୟାଳୟର ଶିକ୍ଷା କ୍ଷେତ୍ରରେ ଏକ ପରିବର୍ତନ ଆଣିଛି। ଏଥି ନିମନ୍ତେ ଅନେକ ଆହ୍ୱାନର ସମ୍ମୁଖୀନ ହେବାକୁ ପଡୁଛି। ବିଶ୍ୱବିଦ୍ୟାଳୟ ଗୁଡ଼ିକ ଏକକ ଅନୁଷ୍ଠାନ ନୁହନ୍ତି ମାତ୍ର ସମାଜ ସହ ଯୋଡ଼ି ହୋଇ ରହିବା ଆବଶ୍ୟକ ବୋଲି ପ୍ରଫେସର ନନ୍ଦ କହିଥିଲେ। ପ୍ରଫେସର ବିଶ୍ୱାଳ କହିଥିଲେ ଯେ ଟିଏଚ୍ଇ ଏବଂ କ୍ୟୁଏସ୍ ଭଳି ର୍‍ୟାଙ୍କିଂ ପ୍ରକ୍ରିୟା ଭାରତର ଶିକ୍ଷାନୁଷ୍ଠାନଗୁଡ଼ିକୁ ବିଶ୍ୱ ସ୍ତରରେ ଚିହ୍ନିତ ହେବା ପାଇଁ ସହାୟକ ହେଉଛି। ଟିଏଚ୍ଇର ଜେନେରାଲ ମ୍ୟାନେଜର ଏବଂ ସିନିୟର ରିଜିଓନାଲ୍ ଡାଇରେକ୍ଟର (ଏସିଆ) ରିତିନ୍ ମାଲହୋତ୍ରା ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ଏବଂ ଗବେଷଣା ମାପଦଣ୍ଡର ବିଶ୍ୱସ୍ତରୀୟ ପରିସ୍ଥିତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ସୋଆର ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ସମ୍ମିଳନୀରେ ଦୁଇଟି ପର୍ଯ୍ୟାୟରେ ଆଲୋଚନା ଏବଂ ଗୋଟିଏ ସାମୁହିକ ଆଲୋଚନା ରଖାଯାଇଥିବା ବେଳେ ଗୁଣବତା ଭିତିକ ଶିକ୍ଷା, ବୈଷୟିକ ଏବଂ ଗବେଷଣା କ୍ଷେତ୍ରରେ ବିଶ୍ୱର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଗୁଡ଼ିକ ସହିତ କିଭଳି ଆନ୍ତର୍ଜାତିକ ସହଭାଗିତା ଏବଂ ଭାଗିଦାରୀ କରାଯାଇ ପାରିବ ସେ ନେଇ ଆଲୋଚନା କରାଯାଇଥିଲା। ଏହି ସମ୍ମିଳନୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଝାଡ଼ଖଣ୍ଡର ପୂର୍ବତନ କୁଳପତି ପ୍ରଫେସର କେ.ବି ଦାସ ଏବଂ ଇନ୍ଦିରା ଗାନ୍ଧି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲଜି (ଆଇଜିଆଇଟି), ସାରଙ୍ଗର ନିର୍ଦ୍ଦେଶକ ପ୍ରଫେସର ବିଭୁ ପ୍ରସାଦ ପାଣିଗ୍ରାହୀ ଯୋଗ ଦେଇଥିଲେ।

# ମାନବ ସମାଜର ସେବା ହିଁ ହେନେରୀ ଡୁରାଣ୍ଟଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି

**ରାଉରକେଲା, ନ୍ୟୁଜ ବ୍ୟୁରୋ**




ଗତ ୮ ତାରିଖରେ ଭାରତୀୟ ରେଡକ୍ରସ ସୋସାଇଟି ରାଉରକେଲା ସିଟି ଶାଖା ପକ୍ଷରୁ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଉଦିତନଗରସ୍ଥିତ ସମନ୍ୱିତ ଆଦିବାସୀ ଉନ୍ନୟନସଂସ୍ଥାର ସମ୍ମିଳନୀ କକ୍ଷ ଠାରେ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ତଥା ରାଉରକେଲା ମହାନଗର ନିଗମର ଆୟୁକ୍ତ ସୁଶ୍ରୀ ଦୀନା ଦସ୍ତଗୀର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ନୋବେଲ ଶାନ୍ତି ପୁରସ୍କାରର ପ୍ରଥମ ବିଜେତା ହେନରୀ ଡୁରାଣ୍ଟଙ୍କୁ ସ୍ମରଣ କରିଥିଲେ ଓ କହିଥିଲେ ଯେ, ଏହି ଦିନଟି ହେନରୀ ଡୁରାଣ୍ଟଙ୍କ ଜନ୍ମଦିନ ଅବସରରେ ପାଳନ କରାଯାଏ। ସେ ଯୁଦ୍ଧ ସମୟରେ ଆହତ ଓ ଅସହାୟ ଲୋକଙ୍କୁ ସହାୟତା କରିବାର ମହାନ ଚିନ୍ତାଧାରାରୁ ରେଡ୍ କ୍ରସ୍ ଆନ୍ଦୋଳନର ଆରମ୍ଭ କରିଥିଲେ। ଭାରତୀୟ ରେଡକ୍ରସ ସଂଗଠନ ରକ୍ତଦାନ ଶିବିର, ପ୍ରାକୃତିକ ବିପଦ ସମୟରେ ସହାୟତା, ପ୍ରାଥମିକ ଚିକିତ୍ସା ପ୍ରଶିକ୍ଷଣ ଓ ସ୍ୱାସ୍ଥ୍ୟ ସଚେତନତା ଭଳି ବହୁ ସେବାମୂଳକ କାର୍ଯ୍ୟ କରୁଛି। ଆଜିର ଦିନରେ ଆମେ ସମସ୍ତେ ମାନବ ସେବା ପାଇଁ ସଦା ପ୍ରସ୍ତୁତ ରହିବାର ସଙ୍କଳ୍ପ ନେବା। ଛୋଟ ଛୋଟ ସହଯୋଗ ମଧ୍ୟ ଜଣେ ଅସହାୟ ଲୋକଙ୍କ ଜୀବନରେ ବଡ଼ ପରିବର୍ତ୍ତନ ଆଣିପାରେ । ମାନବ ଜୀବନ ମୂଲ୍ୟବାନ ନିଜ ଆଖ ପାଖରେ ଯଦି କୌଣସି ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ଦେଖିଲେ ତୁରନ୍ତ ସହଯୋଗ କରିବା ପାଇଁ ତତ୍ପରତା ଦେଖାଇ ଜୀବନ ବଞ୍ଚାଇବାରେ ସହଯୋଗ କରିବା ଉଚିତ୍। ମାନବ ଜୀବନ ବଞ୍ଚେଇବା, ଦୁର୍ବଳ ସମୂହଙ୍କର ସହାୟତା କରି ସେମାନଙ୍କୁ ବଞ୍ଚିବାର ଆଶ୍ୱସ୍ତି ପ୍ରଦାନ କରିବା ହେଉଛି ଆଜି ଦିନର ସଂକଳ୍ପ । ଏହା ବ୍ୟତୀତ ଅତିରିକ୍ତ ଜିଲ୍ଲାପାଳ ସୂଚନା ଦେଇଥିଲେ ଯେ ଗତ ବର୍ଷ ଜୁଲାଇ ମାସରୁ ଅଦ୍ୟାବଧି ରାଉରକେଲା ଅତିରିକ୍ତ ଜିଲ୍ଲପାଳ କାର୍ଯ୍ୟାଳୟର ରେଡକ୍ରସ ପାଣ୍ଠି ରୁ ୨୨ଜଣଙ୍କୁ ୨ ଲକ୍ଷ ୬୧ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଏଥିରେ ସର୍ବାଧିକ କ୍ୟାନସରର ରୋଗୀ ଅଛନ୍ତି। ଏହା ବ୍ୟତୀତ ଟ୍ରାଫିକ ଗେଟରେ ହୋଇଥିବା ଅଗ୍ନିକାଣ୍ଡ କ୍ଷତିଗ୍ରସ୍ତ ୬ ଜଣ ଦୋକାନୀ, ସ୍ୱଚ୍ଛ ସାଥୀ ତଥା ନିକଟରେ ବିମାନ ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ମଧ୍ୟ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ପୂର୍ବରୁ ସକାଳେ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ଥିଲା । ଏହି ଶୋଭା ଯାତ୍ରାରେ ସିଭିଲ ଡିଫେନ୍ସ ଭୋଲେନଟିଅର ସାମିଲ ହୋଇଥିଲେ । ଅତିରିକ୍ତ ଜିଲ୍ଲାପାଳ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରାଇଥିଲେ । ଏହି ସଚେତନତା ରାଲି ରାଉରକେଲା ମହାନଗରନିଗମ କାର୍ଯ୍ୟାଳୟରୁ ଆରମ୍ଭ କରି ଆମ୍ବେଦକର ଛକ ଦେଇ ଆଇଟିଡି ଏ ସମ୍ମିଳନୀ କକ୍ଷ ପର୍ଯ୍ୟନ୍ତ ଯାଇଥିଲା। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକ, ଅତିରିକ୍ତ ଉପ ଜିଲ୍ଲାପାଳ ଚାନ୍ଦିନୀ, ରାଉରକେଲା ମହାନଗର ନିଗମର ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ, ପିଏଆଇ ଟିଡିଏ ପାନପୋଷ ବିକ୍ରଣୀ କିସପୋଟ୍ଟା ଡେପୁଟି କମିଶନର ଚନ୍ଦ୍ରକାନ୍ତ, ଡେପୁଟି କଲେକ୍ଟର ପ୍ରକ୍ଷରଷ୍ଟା ବଡ଼ପଣ୍ଡା ସମେତ ଅତିରିକ୍ତ ଜିଲ୍ଲାପାଳ କାର୍ଯ୍ୟାଳୟର କର୍ମଚାରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ରାଉରକେଲା ସୀମା ଫାତିମା ଏକ୍କା କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ।

# ସ୍ୱଦେଶୀ ଜାଗରଣ ମଞ୍ଚ ପକ୍ଷରୁ ଜିଲ୍ଲା ବିଚାର ବର୍ଗ କାର୍ଯ୍ୟକ୍ରମ

**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**




ଜଗତସିଂହପୁର ସ୍ୱଦେଶୀ ଜାଗରଣ ମଞ୍ଚ ଓଡିଶା ପୂର୍ବ ବିଭାଗ ପକ୍ଷରୁ ବଡ଼ବଜାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଜିଲ୍ଲା ବିଚାର ବର୍ଗ ଶୀର୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମଞ୍ଚର ଜିଲ୍ଲା ସଂଚାଳକ ଭଗବାନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱୟଂ ସେବକ ସୁରେଶ ରାୟ ଏବଂ ସ୍ୱଦେଶୀ ଜାଗରଣ ମଞ୍ଚର ବରିଷ୍ଠ କାର୍ଯ୍ୟକର୍ତା ଆଶୁତୋଷ ମୁଖାର୍ଜୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଦେଶୀ ଜିନିଷ ବର୍ଜନ ଏବଂ ସ୍ୱଦେଶୀ ଜିନିଷ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ । ସ୍ୱାଧୀନତାର ୭୯ ବର୍ଷ ପରେ ମଧ୍ୟ ଆମ ଦେଶରେ ସ୍ୱଦେଶୀ ବସ୍ତୁ ଅପେକ୍ଷା ବାହାର ଦେଶରେ ନିର୍ମିତ ବସ୍ତୁ ବା ଉପକରଣର ଅଧିକ ଚାହିଦା ରହିଥିବା ଲକ୍ଷ କରାଯାଉଛି। ଏହାଦ୍ୱାରା ଦେଶର ଅର୍ଥନୀତି ଉପରେ ପ୍ରଭାବ ପଡୁଥିବାରୁ ସ୍ୱଦେଶୀ ଜାଗରଣ ସଚେତନତା କାର୍ଯ୍ୟକ୍ରମକୁ ଗ୍ରାମ ଠାରୁ ଆରମ୍ଭ କରି ଜିଲ୍ଲା ସ୍ତର ପର୍ଯ୍ୟନ୍ତ ଅଧିକ ସକ୍ରିୟ କରିବାର ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସେହିପରି ଶିକ୍ଷାବିତ୍ ବିଜୟ କୁମାର ବିଶ୍ୱାଳ,ଆଇନଜୀବୀ ପିତାମ୍ବର ପଣ୍ଡା, ଅଜିତ ରାଉତରାୟ, ଏବିଭିପିର ପୂର୍ବତନ ଜିଲ୍ଲା ସହ ସଂଯୋଜକ ଶଶାଙ୍କ ଶେଖର ପଣ୍ଡା, ମଞ୍ଚର ବରିଷ୍ଠ ସଦସ୍ୟ ବିଜୟ ଦତ୍ତ, ମହିଳା କୃଷ୍ଣ ମୁରାରୀ ମିଶ୍ର, ମହିଳା ପ୍ରମୁଖ ଶ୍ରୀମତୀ ପଙ୍କଜୀନି,ପ୍ରଶାନ୍ତ ମହାପାତ୍ର, ଦୀପକ ରଞ୍ଜନ ବାରିକ ଏବଂ ସୌରଭ କାନୁନଗୋ ପ୍ରମୁଖ ଏଥିରେ ଯୋଗଦେଇ ନିଜର ମତାମତ ଉପସ୍ଥାପନ କରିଥିଲେ । ଏହି ଅବସରରେ ମଞ୍ଚର ଆଗାମୀ ଦିନର କାର୍ଯ୍ୟକ୍ରମ ସମ୍ପର୍କରେ ଜିଲ୍ଲା ସଂଚାଳକ ଭଗବାନ ସ୍ୱାଇଁ ସୂଚନା ଦେଇଥିଲେ । ପ୍ରାରମ୍ଭରେ ମଞ୍ଚର ବରିଷ୍ଠ କାର୍ଯ୍ୟକର୍ତା ବିଜୟ ରାଉତରାୟ ଅତିଥି ପରିଚୟ କରିଥିବା ବେଳେ ଶେଷରେ ବିଭାଗ ସହ ସଂଯୋଜକ ପ୍ରଦୀପ୍ତ ଷଡ଼ଙ୍ଗୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ସଡ଼କ ଦୁର୍ଘଟଣାରେ କ୍ଷତିଗ୍ରସ୍ତଙ୍କୁ ସହାୟତା ରାଶି ପ୍ରଦାନ

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**



କେନ୍ଦ୍ରାପଡାର ଅତିରିକ୍ତ ମାନ୍ୟବର ଜିଲ୍ଲା ଦୌରାଜଜ୍ ବିଷ୍ଣୁଦେବ ଜେନା ବିଭିନ୍ନ ସ୍ଥାନରେ [illegible] ସହାୟତା ପ୍ରଦାନ କରାଯାଇଛି। କେନ୍ଦ୍ରାପଡା ଆରଟିଓ ଅଫିସ୍ ସାମ୍ନାରେ ନବଜ୍ୟୋତି ପ୍ରସାଦ ଲେଙ୍କା ଯାଉଥିବା ସମୟରେ ପଛପଟୁ ଏକ ହାଇଓ୍ୱା ଗାଡି ପିଟିଦେବା ଫଳରେ ସେ ଗୁରୁତର ଆହାତ ହୋଇଥିଲେ। ତାଙ୍କୁ ୪ ଲକ୍ଷ ୫୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। କେନ୍ଦ୍ରାପଡା ଜିଲ୍ଲା ରାଜକନିକା ଥାନା ଅନ୍ତର୍ଗତ ଜ୍ୟୋତି ପ୍ରକାଶ ବିଶ୍ୱାଳ ଏକ ବୁଲେଟ୍ ମଟର ସାଇକେଲ୍ ଯାଉଥିବା ସମୟରେ ପୁରୀ ମେରାଇନ୍ ଡ୍ରାଇଭ୍‌ରେ ଦ୍ରୁତଗାମୀ କାର୍ ତାଙ୍କୁ ଧକ୍କା ଦେବା ଫଳରେ ତାଙ୍କର ଦୁଇ ଗୋଡ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ବିଚାରପତି ୫ ଲକ୍ଷ ୩୦ ହଜାର ଟଙ୍କା ତାଙ୍କୁ କ୍ଷତିପୂରଣ ପ୍ରଦାନ କରାଯାଇଛି। ସେହିପରି ଇନ୍ଦୁପୁର ଘାଗରାର ଚନ୍ଦ୍ରଶେଖର ପରିଡା ଢେଙ୍କାନାଳ କଲେଜ୍ ବାଇପାସ୍ ରାସ୍ତାରେ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁବରଣ କରିଥିବାବେଳେ ତାଙ୍କୁ ୨୬ ଲକ୍ଷ ୨୫ ହଜାର ଟଙ୍କା ସହାୟତା ମିଳିଛି। ଏଥିସହିତ କେନ୍ଦ୍ରାପଡା ସଦରଥାନା ଅନ୍ତର୍ଗତ ଯଯାଙ୍ଗ ଗ୍ରାମର ଅକ୍ଷୟ କୁମାର ଦାସ ଭୁବନେଶ୍ୱର ପାହାଡ ବଜାରଠାରେ ତା ୧୬.୦୪.୨୦୨୧ ମସିହାରେ ମଟର ସାଇକେଲ୍‌ରେ ଯାଉଥିବାବେଳେ ଏକ ଟ୍ରକ ଦୁର୍ଘଟଣାରେ ସେ ଗୁରୁତର ଭାବେ ଆହତ ହୋଇ ସବୁଦିନ ପାଇଁ ଅଚଳ ହୋଇଯାଇଥିବାରୁ ତାଙ୍କୁ ୩୩ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରାଯାଇଛି। ଏହି ମାମଲା ପରିଚାଳନା ସମୟରେ ବରିଷ୍ଠ ଆଇନଜିବୀ ନଳିନୀକାନ୍ତ ତ୍ରିପାଠୀ, ପ୍ରମୋଦ କୁମାର ଅଧିକାରୀ, ମହମ୍ମଦ ନଇମ୍, ଶ୍ରୀକାନ୍ତ ତ୍ରିପାଠୀ, ଶଶିଭୂଷଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ଶହୀଦ ଭଗତ ସିଂ ଯୁବକ ସଂଘ ପକ୍ଷରୁ ବିଶ୍ୱ ମାତୃଦିବସ ପାଳନ

**ବ୍ୟାସନଗର, ନ୍ୟୁଜ ବ୍ୟୁରୋ :**



ବ୍ୟାସନଗରର ଅଗ୍ରଣୀ ସମାଜସେବୀ ଅନୁଷ୍ଠାନ ଶହୀଦ ଭଗତ ସିଂ ଯୁବକ ସଂଘ ପକ୍ଷରୁ ବିଶ୍ୱ ମାତୃଦିବସ ସ୍ଥାନୀୟ ବ୍ୟାସଶ୍ରୀ କଳାନିକେତନ ଠାରେ ପାଳନ ହେଇଯାଇଛି । ଏହି ମାତୃଦିବସରେ ଯୁବକ ସଂଘର ସ୍ଥାୟୀ ସଭାପତି ରାଜେନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ମାଙ୍କ ବିଷୟରେ ଏକ ଆଲୋଚନା ସଭା କରାଯାଇଥିଲା । ଏହି ସଭାରେ ମୁଖ୍ୟ ଅତିଥି ଭାବେ ବ୍ୟାସନଗର ପୌରପରିଷଦର ଅଧ୍ୟକ୍ଷ ଶ୍ରୀଯୁକ୍ତ ସୁବାଷ ଚନ୍ଦ୍ର ବଳ, ସନ୍ମାନିତ ଅତିଥି ଭାବେ ୧୯ନମ୍ବର ଓ୍ୱାର୍ଡର କାଉଁସିଲର ଶ୍ରୀମତୀ ଅରୁନ୍ଧତୀ ପରିଡା, ସଂଘର ଉପଦେଷ୍ଟା ନାରାୟଣ ଚନ୍ଦ୍ର ନାୟକ, ବ୍ୟଙ୍ଗ କବି ବାଇଧର ମାଝୀ ସମେତ ଯୋଗଦେଇ ମାତୃକରୁଣା ଉପରେ ଆଲୋଚନା କରିଥିଲେ। ଆଲୋଚନା ପରେ ସମସ୍ତ ମା ମାନଙ୍କୁ ସନ୍ମାନ ସହିତ ନୂତନ ବସ୍ତ୍ର ପ୍ରଦାନ କରାଯାଇଥଲା। ଏହି କାର୍ଯ୍ୟକ୍ରମ ସରିଲାପରେ ପ୍ରତେକ ରବିବାର ପରି ଆଜି ରବିବାର ମଧ୍ୟ ଅସହାୟ ବ୍ୟକ୍ତି ବିଶେଷଙ୍କୁ ରନ୍ଧା ଖାଦ୍ୟ ବଣ୍ଟାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସଂଘର କାର୍ଯ୍ୟକାରୀ ସଭାପତି ରମେଶ ଚନ୍ଦ୍ର ବିଶ୍ୱାଳ, ସମ୍ପାଦକ ହେମନ୍ତ କୁମାର ଧୀର, ସୌମ୍ୟ ରଞ୍ଜନ ପରିଡା, ସୁଦର୍ଶନ ମଲ୍ଲିକ, ହେମନ୍ତ କୁମାର ନାୟକ, ମହେଶ୍ୱର ନାୟକ, ତପନ ସିଂ, ଭଗବାନ ପଣ୍ଡା, ବିଶ୍ୱଜିତ ଦାସ,ବିଜୟ ନନ୍ଦୀ, ଆଶିଷ ମଲ୍ଲିକ, ସାହିଲ ବୋଇତାଇ ସମେତ ସଂଘର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ରାଜସ୍ୱ ସଂଗ୍ରହରେ କେନ୍ଦ୍ରାପଡା ଜିଲ୍ଲା ଧାର୍ଯ୍ୟ ଲକ୍ଷ୍ୟ ଟପିଲା

**କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ**



କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ୍.ଆର୍.ଆୟାର୍‌ଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସମ୍ମିଳନୀ କକ୍ଷରେ ରାଜସ୍ୱ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ଜେନାଙ୍କ ସଂଯୋଜନାରେ ଆୟୋଜିତ ଏହି ଜିଲ୍ଲାସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକରେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା ରାଜସ୍ୱ ଅଧିକାରୀଙ୍କ ସମେତ ଜିଲ୍ଲାର ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ଜିଲ୍ଲା ଖଣି ଅଧିକାରୀ, ଜିଲ୍ଲା ଅବକାରୀ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ସମୀକ୍ଷାରେ ଅଂଶ ଗ୍ରହଣ କରିଥିଲେ। ଏହି ସମୀକ୍ଷା ବୈଠକରେ ଜିଲ୍ଲାକୁ ଦିଆଯାଇଥିବା ଧାର୍ଯ୍ୟଲକ୍ଷ୍ୟଠାରୁ ଅଧିକ ରାଜସ୍ୱ ଆଦାୟ ହୋଇଥିବାରୁ ଜିଲ୍ଲାପାଳ ଶ୍ରୀ ଆଇ.ଆର୍ ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର ଓ ସୁପରଭାଇଜର ମାନଙ୍କୁ ପ୍ରଶଂସା କରିଥିଲେ। ଏହି ବୈଠକରେ ଖଣିଚୋରୀକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଖଣି ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବାଲି ମାଟି ଇତ୍ୟାଦି ଚୋରା ଉଠାଇ ନେଉଥିବା ଗାଡି ଓ ମାଲିକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲ୍ଲାପାଳ ଖଣି ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ ଚୋରା ମଦ, ଗଞ୍ଜେଇ ଓ ବ୍ରାଉନ୍‌ସୁଗାର ବିକ୍ରି ବଢୁଥିବାରୁ ଅବକାରୀ ଅଧିକ୍ଷକଙ୍କୁ ଚୋରା ବ୍ୟବସାୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହିତ ଏମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଆଲୋଚନା କରାଯାଇଛି। ଏଥିସହିତ ବେଆଇନ୍ ଭାବେ ବାଲି ନେଇ ଯାଉଥିବା (ଟିପି ନଥିବା) ଗାଡି ଗୁଡିକୁ ଜବତ କରି ଜୋରିମାନା ଆଦାୟ କରିବା, ଦିନବେଳା ବାଲି, ଗୋଡି ଆଦି ବଡ ଗାଡି ଗୁଡିକୁ ସହର ଭିତରେ ପ୍ରବେଶ କରୁଥିବା ଦେଖିବାକୁ ପାଇଲେ ସେମାନଙ୍କଠାରୁ ଜୋରିମାନା ଆଦାୟ କରିବା ସହିତ ଗାଡିକୁ ଜବତ କରିବା ପାଇଁ ତହସିଲଦାର ଓ ପୋଲିସ୍ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାର ସମସ୍ତ ତହସିଲ୍ ଗୁଡିକରେ ପଡି ରହିଥିବା ରାଜସ୍ୱ କାର୍ଯ୍ୟଗୁଡିକୁ ତୁରନ୍ତ ସମାଧାନ କରି ଜନସାଧାରଣଙ୍କ କାମରେ ଲଗାଇବା ପାଇଁ ଜିଲ୍ଲାପାଳ ତହସିଲଦାର ମାନଙ୍କୁ ଉପଦେଶ ଦେଇଛନ୍ତି। ତହସିଲ୍ ମାନଙ୍କରେ ବେ ବନ୍ଦୋବସ୍ତ, ବସୁନ୍ଧରା ଯୋଜନାରେ ପଟ୍ଟା ପ୍ରଦାନ ଆଦି ଉପରେ ଗୁରୁତ୍ୱ ଦେଇ ଜିଲ୍ଲାପାଳ ଶ୍ରୀ ଆଇ.ଆର୍ ତହସିଲଦାରମାନଙ୍କୁ ସମୟସୀମା ମଧ୍ୟରେ ସବୁ କାର୍ଯ୍ୟ ଗୁଡିକୁ ସମାପ୍ତ କରିବା ପାଇଁ କହିଛନ୍ତି।

# କାର୍‌ରେ ଓଡ଼ିଶାରୁ ଛତିଶଗଡ ଗଞ୍ଜେଇ ଚାଲାଣ ଗାଡ଼ି ଛାଡି ଗଞ୍ଜେଇ ମାଫିଆ ଫେରାର୍

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସୋନପୁର ଜିଲା ଡୁଙ୍ଗୁରିପାଲି ଥାନା ବେହେରାମାଳ ଗ୍ରାମପଂଚାୟତ ଲଙ୍ଗଳକଟା ଗ୍ରାମ ଚାଷଜମି ରାସ୍ତାରୁ ଶନିବାର ସକାଳ ୭ଟା ସମୟରେ ୨ କ୍ୟୁଂଟାଲ ୭୨ କିଲୋ ୨୦୦ ଗ୍ରାମ ଗଞ୍ଜେଇ ଜବତ କରି ଗଞ୍ଜେଇ ବୋଝେଇ ଏକ କେଟ୍ରା କାର ଗାଡି ନମ୍ବର ଓଡି ୧୭ଢ ୭୧୨୭କୁ ଜବତ କରିଛି ଡୁଙ୍ଗୁରିପାଲି ପୋଲିସ। ଗଞ୍ଜେଇ ମାଫିଆମାନେ ଗାଡି ଛାଡି ଫେରାର ହୋଇଯାଇଛନ୍ତି। ଓଡିଶାରୁ ଛତିଶଗଡ଼ ଗଂଜେଇ ଚାଲାଣ। ପ୍ରାପ୍ତ ପୋଲିସ ସୂତ୍ରରୁ ପ୍ରକାଶ ଯେ, ଶନିବାର ବୌଦ୍ଧ ପଟରୁ ଛତିଶଗଡକୁ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଏକ ଧଳା ରଙ୍ଗର ଏକ କାର ଗଂଜେଇ ବୋଝେଇ କରି ଆସୁଥିବା ଦେଖି କୌଣସି ସୂତ୍ରରୁ ଖବର ପାଇ ସୋନପୁର ପୋଲିସ ଟିମ୍ କାର୍‌କୁ ପିଛା କରି ବିନିକା ଓ ରାମପୁର ପୋଲିସକୁ ଖବର ଦେଇଥିଲା । ସୋନପୁର, ବିନିକା ଓ ରାମପୁର ଥାନା ପୋଲିସ ଟିମ ମିଳିତ ହୋଇ ଭୋର ୫ଟା ସମୟରେ କାରକୁ ପିଛା କରିଥିଲେ । ହେଲେ ଗଂଜେଇ ମାଫିଆ ମାନେ ଗଞ୍ଜେଇ ପାର କରି ନ ପାରି ଡୁଙ୍ଗୁରିପାଲି ଥାନା ବେହେରା ମାଲ ଗ୍ରାମ ପଞ୍ଚାୟତ ଲଙ୍ଗଳକଟା ଗ୍ରାମ ନିକଟ ଚାଷ ଜମି ରାସ୍ତାରେ ଗଂଜେଇ ଭର୍ତି ଏକ ଧଳା କାରକୁ ଛାଡି ଫେରାର ହୋଇଯାଇଥିଲେ। ଚାଷଜମି ରାସ୍ତାରେ ସକାଳ ୭ଟା ରେ ଏକ ଧଳା କାର ଥିବା ଦେଖି ଲଙ୍ଗଳକଟା ଗ୍ରାମର ରବୀନ୍ଦ୍ର ତ୍ରିପାଠୀ ଡୁଙ୍ଗୁରିପାଲି ପୋଲିସକୁ ଖବର ଦେଇଥିଲେ । ଡୁଙ୍ଗୁରିପାଲି ପୋଲିସ ଘଟଣାସ୍ଥଳକୁ ସକାଳ ୭ଟା ସମୟରେ ପହଂଚିଥିଲେ । ପରେ ଦିନ ୧୧ଟା ସମୟରେ ରାମପୁର ଅତିରିକ୍ତ ତହସିଲଦାର ରୋହିତ କୁମାର ବାଘ ମାଜିଷ୍ଟ୍ରେଟ ଦାୟିତ୍ୱରେ ଉପସ୍ଥିତ ରହିଥିଲେ। ପୋଲିସ କାର୍ ଭିତରୁ ଗଂଜେଇସବୁକୁ ବାହାର କରିଥିଲେ । କାର ଭିତରୁ ମୋଟ ୨୭୦ ପକେଟ ଗଂଜେଇ ବାହାରିଥିଲା । ମାଜିଷ୍ଟ୍ରେଟ ବାଘଙ୍କ ଉପସ୍ଥିତରେ ଓଜନ କରାଯାଇଥିଲା । ଗଂଜେଇକୁ ଓଜନ କଲା ପରେ ତାହା ୨ କ୍ୟୁଂଟାଲ ୭୨ କିଲୋ ୨୦୦ ଗ୍ରାମ ହୋଇଥିଲା । ଓଜନ ଗଂଜେଇ ସବୁ ୧୨ ଗୋଟି ବଡ଼ ପକେଟରେ ଭର୍ତି କରି ସିଲ୍ କରାଯାଇ ପୋଲିସ ଜବତ କରିରଖିଛି । ଗଂଜେଇ ମାଫିଆ ମାନେ ଗଂଜେଇ ଚାଲାଣ କରୁଥିବା ବେଳେ ଦୁଇଟି ନମ୍ବର ପ୍ଲେଟ ଓଡିଶା ଓ ଛତିଶଗଡ ନମ୍ବର ପ୍ଲେଟ ଓ କାର୍ କୁ ପୋଲିସ ଜବତ କରିଛି । ଜବତ ହୋଇଥିବା ଗଂଜେଇର ସରକାରୀ ମୂଲ୍ୟ ୨୭ ଲକ୍ଷ ଟଙ୍କା ହେବା ପୋଲିସ କହିଛି। ଏ ନେଇ ଡୁଙ୍ଗୁରିପାଲି ପୋଲିସ କେଶ ନଂ -୧୧୫/୨୬ ରେ ଅବକାରୀ ଆକ୍ଟ ୩୧୮/(୪)ଭାରତୀୟ ନ୍ୟାୟ ସହିତା ଅନୁଯାୟୀ ୨୦ (ଭ)ମ ୨୫/୨୯, ୨୦(ଭ)(ସସ)ମ ୨୫/୨୯ ମାମଲା ରଜୁ ହୋଇଥିବା ତଦନ୍ତ ଅଧିକାରୀ ଏସଆଇ ଅମିତ କୁମାର ଧଳ କହିଛନ୍ତି ।

# ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇଁ ଗରିବ ଜନତାଙ୍କୁ ଲାୟନ୍ସ କ୍ଲବର ସହାୟତା

**ବରଗଡ଼, ନ୍ୟୁଜ ବ୍ୟୁରୋ**

ବର୍ତ୍ତମାନ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଗରିବ ଲୋକେ ଅତିଷ୍ଠ ହୋଇ ପଡୁଥିବା ବେଳେ ସେମାନଙ୍କୁ ଶିତଳ ଛାଇ ଟିକିଏ ଦେବା ପାଇଁ ବରଗଡ଼ ଲାୟନ୍ସ କ୍ଲବର ସଦସ୍ୟ ମାନେ ବରଗଡ଼ କୃଷକ ବଜାର ପ୍ରାଙ୍ଗଣରେ ମାଗଣାରେ ଛତା ବଣ୍ଟନ କରିଥିଲେ। ଏହାଦ୍ୱାରା ସେମାନେ ପ୍ରଚଣ୍ଡ ଖରା ଓ ବର୍ଷାରୁ ନିଜକୁ କିଛି ପରିମାଣରେ ରକ୍ଷା କରି ପାରିବେ ବୋଲି ସଦସ୍ୟ ମାନେ ପ୍ରକାଶ କରିଥିଲେ । ଏହି ମହାନ ସେବାଦାନ ପାଇଁ ବରଗଡ଼ ଲାୟନ୍ସ କ୍ଲବର ସଭାପତି ମନୋଜ ମହାପାତ୍ର ସଂପାଦକ ଅଭୟ କୁମାର ଭୋଇ, ତଥା ଅନ୍ୟାନ୍ୟ ସଦସ୍ୟ ସର୍ବଶ୍ରୀ, ଲାୟନ୍ ଅଶୋକ ଅଗ୍ରୱାଲ, ଲାୟନ୍ ପ୍ରଦୀପ ଟାୟଲ, ଲାୟନ୍ ଅମରଜୀତ ସିଂହ ଓ ଆହୁରି ଅନେକ ଯୋଗ ଦେଇ ସହଯୋଗ କରିଥିଲେ ।

# ପ୍ରାକୃତିକ କୃଷି ଓ ପାରମ୍ପରିକ ବିହନ ସଂରକ୍ଷଣ ସଂପର୍କରେ ଦିନିକିଆ ଆଲୋଚନା ଚକ୍ର

**କନ୍ଧମାଳ, ନ୍ୟୁଜ ବ୍ୟୁରୋ**

ଶ୍ରୀ ଅନ୍ନ ଅଭିଯାନ, ଟିକାବଲି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଙ୍କ ମିଳିତ ସହଯୋଗରେ କଟିମାହା ପଂଚାୟତ ଅର୍ନ୍ତଗତ ପ୍ରଧାନପଡା ଠାରେ ପ୍ରାକୃତିକ କୃଷୀ ଓ ପାରମ୍ପରିକ ବିହନ ସଂଗ୍ରକ୍ଷଣ ସଂପର୍କରେ ଏକ ଦିନିକିଆ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନା ଚକ୍ରରେ ଟିକାବାଲି ବ୍ଲକ୍ କୃଷି ଅଧିକାରି ସ୍ୱାଗତିକା ଦାସ, ସହ କୃଷି ଅଧିକାରି ଶୁଭସ୍ମିତା ସାହୁ ପଂଚାୟନ କୃଷି ପରିଦର୍ଶକ ସରସ୍ୱତୀ ବେହେରା ଯୋଗ ଦେଇ ଆଜିର ପରିବର୍ତ୍ତନଶୀଳ ପାଣିପାଗ ଓ ବର୍ଷାର ଅନିୟମିତତା ମଧ୍ୟରେ ପାରମ୍ପରିକ ଚାଷକୁ ବଂଚାଇ ରଖିବା ଅତ୍ୟନ୍ତ ଜରୁରୀ ବୋଲି ମତ ରଖିଥିଲେ । ଦେଶୀ ଧାନ ବିହନ ଦ୍ୱାରା ହେଉଥିବାଚାଷ ପ୍ରକୃତି ସହ ସମନ୍ୱୟ ରଖିଥାଏ ଏବଂ କମ୍ ବର୍ଷା କିମ୍ବା ବିପରିତ ପରିସ୍ଥିତିରେ ମଧ୍ୟ ଭଲ ଉତ୍ପାଦନ ଦେଇଥାଏ ବୋଲି ସୂଚନା ଦେବା ସହିତ ରାସାୟନିକ ସାର ଓ ବିଷାକ୍ତ ଔଷଧ ବ୍ୟବାହାର ନହେବାରୁ ଏହି ଧାନ ଅଧିକ ପୌଷ୍ଟିକ ଓ ସ୍ୱାସ୍ଥ୍ୟକର ହୋଇଥାଏ ବୀାଲି କହିଥିଲେ । ପାରମ୍ପରିକ ଚାଷ କେବଳ ଏକ ଚାଷ ପ୍ରଣାଳୀ ନୁହେଁ, ଏହା ଆମ ସଂସ୍କୃତିକୁ. ପରିବେଶ ଓ ଆଗାମୀ ପିଢୀଙ୍କ ସୁରକ୍ଷା ସହ ଜଡିତ। ଦେଶି ଧାନ ବିହନ ମାଟିର ଉର୍ବରତାକୁ ରକ୍ଷା କରିବା ସହିତ କୃଷକଙ୍କ ଖର୍ଚ୍ଚକୁ ମଧ୍ୟ କମାଇଥାଏ। ସ୍ୱାତୀ ଅନୁଷ୍ଠାନ ଏହି ପାରମ୍ପରିକ ଚାଷ ଓ ଦେଶୀ ଧାନ ବିହନ ସୁରକ୍ଷା ଉପରେ କୃଷକ ମାନଙ୍କୁ ପ୍ରଶିକ୍ଷଣ ଦେଇ ସଚେତନ କରୁଛନ୍ତି । ଏହି ପ୍ରୟାସରେ ତୁଳସୀ ସ୍ୱୟଂସହାୟକ ଦଳ ୭ ପ୍ରକାରର ଦେଶୀ ଧାନ ବିହନ ଉତ୍ପାଦନ କରି ପ୍ରୟ ୧୧ କ୍ୱିଂଟାଲ ବିହନ ସଂଗ୍ରହ କରିଥିଲେ। ପରେ ଏହି ବିହନ ଗୁଡିକୁ ବିହନ ବିତରଣ, ବିହନ ବିକ୍ରି ଓ ସିଡ୍ ବ୍ୟାଙ୍କ୍ ରେ ସଂରକ୍ଷଣ ମାଧମରେ ।ନ୍ୟ କୃଷକ ମାନଙ୍କ ନିକଟକୁ ପହଂଚାଯାଇଛି । ଏହା ଦ୍ୱାରା ପାରମ୍ପରିକ ଚାଷ ପ୍ରତି କୃଷକ ମାନଙ୍କ ଆଗ୍ରହ ବଢୁଥିବା ସହ ଦେଶୀ ବିହନ ସୁରକ୍ଷା ମଧ୍ୟ ସମ୍ଭବ ହେଉଛି । ଏହିପରି ପଦକ୍ଷେପ ପରିବେଶ ସୁରକ୍ଷା, ସ୍ୱାସ୍ଥ୍ୟକର ଖାଦ୍ୟ ବ୍ୟବସ୍ଥା ଓ ସ୍ୱାବଲମ୍ବୀ କୃଷି କୁ ଆଗକୁ ନେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛି । ଏହି କାର୍ଯ୍ୟକ୍ରମକୁ ଗିରିଶ ଚନ୍ଦ୍ର ସାମଲ ଙ୍କ ସହିତ ସ୍ୱଧର୍ମ ରାଉତ ପରିଚାଳନା କରିଥିଲେ ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଭାରତୀୟଙ୍କ 'ଲାଇଫ୍ ଲାଇନ୍' ଫୁଜୈରା

ପଶ୍ଚିମ ଏସିଆରେ ଲାଗି ରହିଥିବା ଯୁଦ୍ଧ ଓ ଅସ୍ଥିରତା ମଧ୍ୟରେ ଭାରତ ନିଜର ରଣନୀତିକ ସଫଳତା ହାସଲ କରିଛି । ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜଳପଥ 'ଷ୍ଟ୍ରେଟ୍ ଅଫ୍ ହୋର୍ମୁଜ୍'ରେ ଉତ୍ତେଜନା ଲାଗି ରହିଥିବା ବେଳେ ଭାରତ ଏହାର ବିକଳ୍ପ ମାର୍ଗ ଖୋଜି ବାହାର କରିଛି । ସଂଯୁକ୍ତ ଆରବ ଏମିରେଟ୍ସ (UAE) ର 'ଫୁଜୈରା ପୋର୍ଟ'କୁ ନେଇ ଭାରତ ଏକ ବଡ଼ ଚୁକ୍ତି କରିବାକୁ ଯାଉଛି । ଏହି ଚୁକ୍ତି ଦ୍ୱାରା କେବଳ ବ୍ୟବସାୟ ନୁହେଁ, ବରଂ ସଙ୍କଟ ସମୟରେ ଲକ୍ଷ ଲକ୍ଷ ଭାରତୀୟ ଶ୍ରମିକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇପାରିବ । ଆସନ୍ତା ମେ ୧୫ ତାରିଖରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜର ୟୁରୋପ ଗସ୍ତ ଆରମ୍ଭ କରିବାକୁ ଯାଉଛନ୍ତି । ଏହି ଗସ୍ତର ପ୍ରଥମ ପର୍ଯ୍ୟାୟରେ ସେ ୟୁଏଇର ଫୁଜୈରା ପୋର୍ଟରେ ରହିବେ । ସେଠାରେ ଉଭୟ ଦେଶ ମଧ୍ୟରେ ଏହି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି । ଏହାପରେ ପିଏମ୍ ମୋଦୀ ନିଦରଲ୍ୟାଣ୍ଡ, ସ୍ୱିଡେନ, ନରୱେ ଏବଂ ଇଟାଲୀ ଗସ୍ତ କରିବେ । ଇରାନ, ଆମେରିକା ଏବଂ ଇସ୍ରାଏଲ୍ ମଧ୍ୟରେ ଚାଲିଥିବା ସଂଘର୍ଷ ଯୋଗୁଁ ଖାଡ଼ି ଦେଶଗୁଡ଼ିକରେ ବିମାନ ଚଳାଚଳ ବାଧାପ୍ରାପ୍ତ ହେଉଛି । ପଶ୍ଚିମ ଏସିଆରେ ପ୍ରାୟ ୧ କୋଟି ଭାରତୀୟ କାମ କରନ୍ତି, ଯେଉଁଥିରୁ କେବଳ ୟୁଏଇରେ ୪୩ ଲକ୍ଷରୁ ଅଧିକ ଭାରତୀୟ ଅଛନ୍ତି । ଯଦି ଯୁଦ୍ଧ ଯୋଗୁଁ ଆକାଶ ମାର୍ଗ ବନ୍ଦ ହୋଇଯାଏ, ତେବେ ଫୁଜୈରା ପୋର୍ଟ ଦେଇ ଜାହାଜ ସାହାଯ୍ୟରେ ଲକ୍ଷ ଲକ୍ଷ ଭାରତୀୟଙ୍କୁ ସିଧାସଳଖ ଭାରତ ଅଣାଯାଇପାରିବ । ଫୁଜୈରା ପୋର୍ଟ ହୋର୍ମୁଜ୍ ଷ୍ଟ୍ରେଟ୍ର ପଶ୍ଚିମ ଦିଗରେ ଅବସ୍ଥିତ । ସାଧାରଣତଃ ପାରସ୍ୟ ଖାଡ଼ିରୁ ତେଲ ରପ୍ତାନି ପାଇଁ ହୋର୍ମୁଜ୍ ଏକମାତ୍ର ମୁଖ୍ୟ ରାସ୍ତା । ଯଦି ଇରାନ ଏହି ରାସ୍ତାକୁ ବନ୍ଦ କରିଦିଏ, ତେବେ ସାରା ବିଶ୍ୱରେ ତେଲ ସଙ୍କଟ ଦେଖାଦେବ । କିନ୍ତୁ ଫୁଜୈରା ଏକମାତ୍ର ବନ୍ଦର ଯାହା ହୋର୍ମୁଜ୍ ଷ୍ଟ୍ରେଟ୍ ବାହାରେ ଅବସ୍ଥିତ ଏବଂ ଏଠାରୁ ଜାହାଜଗୁଡ଼ିକ ସିଧାସଳଖ ଭାରତ ମହାସାଗରକୁ ଆସିପାରିବେ । ଫୁଜୈରା ପୋର୍ଟ କେବଳ ତେଲ ପାଇଁ ନୁହେଁ, ବରଂ ପ୍ରସ୍ତାବିତ 'ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଅର୍ଥନୈତିକ କରିଡର' (IMEC) ର ଏକ ପ୍ରମୁଖ କେନ୍ଦ୍ର ଭାବରେ ଉଭା ହେବ । ଦୁବାଇ ବନ୍ଦରରେ କୌଣସି ସମସ୍ୟା ଉପୁଜିଲେ, ଫୁଜୈରା ଏବଂ ଖୋର ଫକ୍କର ବନ୍ଦର ଦେଇ ଭାରତୀୟ ପଣ୍ୟଦ୍ରବ୍ୟ ସଡ଼କ ମାର୍ଗରେ ୟୁଏଇକୁ ପଠାଯାଇପାରିବ । ବିଶେଷଜ୍ଞଙ୍କ ମତରେ, ୟୁଏଇ ସହ ଭାରତର ଏହି ନିବିଡ଼ ସମ୍ପର୍କ ସାଉଦି ଆରବ ପାଇଁ ଏକ ବଡ଼ ସଙ୍କେତ । ସାଉଦି ଆରବ ପକ୍ଷରୁ କଞ୍ଚା ତେଲ ଉପରେ ଆଦାୟ କରାଯାଉଥିବା 'ଏସିଆନ୍ ପ୍ରିମିୟମ'ରୁ ଭାରତ ଏବେ ମୁକ୍ତି ପାଇପାରିବ । ୟୁଏଇ ସହ ମୁକ୍ତ ବ୍ୟାପାର ଚୁକ୍ତି (FTA) ପରେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ବହୁଗୁଣିତ ହୋଇଛି, ଯାହା ଭାରତୀୟ ଅର୍ଥନୀତିକୁ ସୁଦୃଢ଼ କରିବ । ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ଏବଂ ଫୁଜୈରା ଚୁକ୍ତି ଭାରତର ଦୂରଦୃଷ୍ଟି ସମ୍ପନ୍ନ ବୈଦେଶିକ ନୀତିର ଏକ ବଡ଼ ବିଜୟ ବୋଲି କୁହାଯାଉଛି ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

## ମଦ କ'ଣ ?

"ଧନ ମଦ ଜନ ମଦ ପଣ ମଦ ପିଇ
କୁଳ ମଦ ବିଦ୍ୟାମଦ କାମ ମଦେ ବାଇ
ଏହି ମଦେ ମାତି କରି ଗୁରୁଙ୍କୁ ନସେବେ
ଗୁରୁ ପାଶେ ନ ବସଇ ବୈଷ୍ଣବ ନ ସେବେ ।"

ହେ ସୁଧିଜନ । ବର୍ତ୍ତମାନ ହେଉଛି ନିଜର ସମୀକ୍ଷାର ବେଳେ, ନିଜକୁ ସମୀକ୍ଷା କର, ସୁଧିଜନ ଉଚିତ ମାର୍ଗରେ ନିଅ, ଗୁରୁଙ୍କ ଠାରୁ ପରାମର୍ଶ ନିଅ । କାରଣ ଗୁରୁହିଁ କାରଣ ଶରୀର, ଗୁରୁହିଁ ଗୌରବ, ଗୁରୁହିଁ ଚେତନା, ଗୁରୁହିଁ ଶକ୍ତି, ଭକ୍ତି, ମୁକ୍ତିର ଆଧାର। ତେଣୁ ହେ ଭକ୍ତ ହେ ମାନବ, ଧନ, ମନ, ଜନ, ପଣ, କୁଳ, ଗୋତ୍ର, ବିଦ୍ୟାରେ ଅନ୍ଧ ନ ହୋଇ ଜୀବନ ଶୈଳୀରେ କୌଶଳତାକୁ ଅବଲମ୍ବନ କଲେ ସମାଜର ନିଶ୍ଚୟ ଅଗ୍ରଗତି ହେବ । ଏହା ଶ୍ରୀ ଅନନ୍ତ ଚେତାବନି ବା ନିର୍ଦ୍ଦେଶ, ତୁମେ ମାନ ବା ମାନ ସେଥିରେ ଯା ଆସ ନାହିଁ । ତେଣୁ ହେ ସୁଧିଜନ ମାନବ କଲ୍ୟାଣ ଉଦ୍ଦେଶ୍ୟରେ ନିଜକୁ ଉତ୍ସର୍ଗ କର, ଦେଖିବ ତୁମ ସହ ଏ ଜଗତ କେବେ ସୁନ୍ଦର ଦେଖାଦେବ । ହରିଓଁ ।

## ସାଧନାର ପଥ

"ସାଧନାର ପଥ
ଆଖି କାନ ନାକ ଗୋଟି
ପୁଣି ମୁଖ ପଥ"

ଶ୍ରଦ୍ଧେୟ ଭକ୍ତବୃନ୍ଦ ପ୍ରଥମେ ସାଧନା ଆରମ୍ଭ କର ତୁମ ଯଶାରୁ ପବନର ତାତି, ସୂର୍ଯ୍ୟ, ଚନ୍ଦ୍ରକୁ ମେଳ କର । ଭୋଜନ ସୂର୍ଯ୍ୟ ସ୍ୱରରେ କର ଧ୍ୟାନ, ଧାରଣା ଚନ୍ଦ୍ର ସ୍ୱରରେ କର ସୁସୁମ୍ନାରେ ନିରବ ଗୃହ ।

ତାପରେ ଆଖି, ଆଖି ଯେଉଁ ଆଡେ ବୁଲୁଛି ତାକୁ ଧ୍ୟାନ ଦିଅ । କାନ ଉପରେ ନଜର ଦିଅ, ମୁଖକୁ ଜୋରଦାର ଲଗାମ ଦିଅ, କାରଣ ଆଖି ଦ୍ୱାରା ଶରୀର ତଥା ପରିବେଶର ସଫାସୁତୁରା ରଖ, ଦେଖିବ ତୁମର ମନ ଆପେ ଆପେ ସ୍ୱଚ୍ଛ ହୋଇଯିବ । ଯେଉଁଠି ଆଖି ପଡୁଛି ସେ ସ୍ଥାନର ଯତ୍ନ ନିଅ। ସେହି ପରି କାନ, କାନ ଯେଉଁ ଗ୍ରହଣ କରୁଛି ସେ ଶବ୍ଦ ଠିକ ନା ଭୁଲ ତାକୁ ବିବେକ ଦ୍ୱାରା ପରିଚାଳିତ କର । ଦେଖିବ କର୍ଣ୍ଣର ପବିତ୍ରତା ଆପେ ଆପେ ଆସିଯିବ । ପୁନଶ୍ଚ ମୁଖ ଦ୍ୱାରା ଭଲ କଥା ବାର୍ତ୍ତା ହୁଅ, ଭଜନ କର, ଜପ କର, ନାମ କର, ଦେଖିବ ତୁମ ଶରୀର ଆପେ ଆପେ ଗୋଟେ ମନ୍ଦିର ହୋଇଯିବ ନିଶ୍ଚୟ ସେଠାରେ ଜଗନ୍ନାଥ ବିଜେ କରିବେ । (କ୍ରମଶଃ...)

# ଶ୍ରମର ଗରିମା ଓ ଅଧିକାରର ସଂଘର୍ଷ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

କୌଣସି ଦେଶର ପ୍ରଗତି ତା'ର ଶିଳ୍ପାୟନ ଉପରେ ନିର୍ଭର କରେ ଏବଂ ଶିଳ୍ପାୟନର ଆତ୍ମା ହେଉଛି ଶ୍ରମିକ। ଆନ୍ତର୍ଜାତୀୟ ଶ୍ରମିକ ଦିବସ, ଯାହାକୁ 'ମେ ଦିବସ' ବୋଲି କୁହାଯାଏ, ତାହା କେବଳ ଏକ କ୍ୟାଲେଣ୍ଡର ତାରିଖ ନୁହେଁ, ଏହା ହେଉଛି ବିଶ୍ୱର ସମସ୍ତ ଶ୍ରମଜୀବୀ ମଣିଷଙ୍କ ସ୍ୱାଭିମାନ ଓ ଏକତାର ପ୍ରତୀକ। ପ୍ରତିବର୍ଷ ମେ' ମାସ ୧ ତାରିଖରେ ପାଳିତ ହେଉଥିବା ଏହି ଦିବସଟି ଶ୍ରମିକମାନଙ୍କର ସାମାଜିକ ଓ ଅର୍ଥନୈତିକ ସଫଳତାକୁ ସ୍ୱୀକୃତି ଦେବା ସହ ସେମାନଙ୍କ ନ୍ୟାର୍ଯ୍ୟ ଅଧିକାର ପାଇଁ ହୋଇଥିବା ରକ୍ତାକ୍ତ ସଂଘର୍ଷକୁ ସ୍ମରଣ କରାଇଥାଏ। ଅଷ୍ଟାଦଶ ଶତାବ୍ଦୀର ଶିଳ୍ପ ବିପ୍ଳବ ପରେ ବିଶ୍ୱ ଅର୍ଥନୀତିରେ ବ୍ୟାପକ ପରିବର୍ତ୍ତନ ଆସିଥିଲା। କିନ୍ତୁ ଏହି ସମୃଦ୍ଧି ପଛରେ ଥିଲା ଶ୍ରମିକମାନଙ୍କର ଅକଥନୀୟ ନିର୍ଯ୍ୟାତନା। ଶ୍ରମିକମାନଙ୍କୁ ଦିନକୁ ୧୫ ରୁ ୧୬ ଘଣ୍ଟା କାମ କରିବାକୁ ବାଧ କରାଯାଉଥିଲା। ଏହା ସହିତ କାର୍ଯ୍ୟକ୍ଷେତ୍ରରେ ଅସ୍ୱାସ୍ଥ୍ୟକର ପରିବେଶ ଓ ସ୍ୱଳ୍ପ ମଜୁରୀ ସେମାନଙ୍କ ଜୀବନକୁ ଦୁର୍ବିସହ କରିଦେଇଥିଲା। ଏହି ଶୋଷଣ ବିରୋଧରେ ସ୍ୱରଉତ୍ତୋଳନ ହେଲା ଆମେରିକାର ଚିକାଗୋ ସହରରେ। ୧୮୮୬ ମସିହା ମେ ୧ ତାରିଖରେ ହଜାର ହଜାର ଶ୍ରମିକ ଏକତ୍ରିତ ହୋଇ ୮ ଘଣ୍ଟା କାର୍ଯ୍ୟ ଦିବସ ଦାବି କରିଥିଲେ। ମେ ୪ ତାରିଖରେ ହେ-ମାର୍କେଟ ସ୍କୋୟାରରେ ଚାଲିଥିବା ଏକ ଶାନ୍ତିପୂର୍ଣ୍ଣ ସଭା ଉପରେ କେହି ଜଣେ ବୋମା ମାଡ କରିବା ପରେ ପୋଲିସ ଗୁଳି ଚାଳନା କରିଥିଲା। ଏଥିରେ ଅନେକ ଶ୍ରମିକ ସହିଦ ହୋଇଥିଲେ ଏବଂ ଅନେକ ଶ୍ରମିକ ନେତାଙ୍କୁ ଫାଶୀ ଦିଆଯାଇଥିଲା। ସେମାନଙ୍କର ଏହି ବଳିଦାନ ବ୍ୟର୍ଥ ଗଲାନାହିଁ। ୧୮୮୯ ମସିହାରେ ପ୍ୟାରିସରେ ଆୟୋଜିତ ଆନ୍ତର୍ଜାତୀୟ ସୋସିଆଲିଷ୍ଟ କନ୍‌ଫରେନ୍ସରେ ଏହି ଦିବସକୁ ସାରା ବିଶ୍ୱରେ 'ଶ୍ରମିକ ଦିବସ' ଭାବେ ପାଳନ କରିବାକୁ ନିଷ୍ପତି ନିଆଗଲା। ଭାରତରେ ଶ୍ରମ ଆନ୍ଦୋଳନରେ ଇତିହାସ ଜାତୀୟ ମୁକ୍ତି ସଂଗ୍ରାମ ସହ ଜଡିତ। ଭାରତରେ ଶ୍ରମ ଆନ୍ଦୋଳନର ଇତିହାସ ଜାତୀୟ ମୁକ୍ତି ସଂଗ୍ରାମ ସହ ଜଡିତ। ଭାରତରେ ପ୍ରଥମ କରି ୧୯୨୩ ମସିହା ମେ ୧ ତାରିଖରେ ମାଦ୍ରାଜ (ବର୍ତ୍ତମାନର ଚେନ୍ନାଇ) ଶ୍ରମିକ ଦିବସ ପାଳିତ ହୋଇଥିଲା। ଏହାର ନେତୃତ୍ୱ ନେଇଥିଲେ ଲେବର କିଶାନ୍ ପାର୍ଟି ଅଫ୍ ହିନ୍ଦୁସ୍ତାନ'ର ନେତା ସିଙ୍ଗାରାଭେଲୁ । ସେହିଦିନ ପ୍ରଥମ କରି ଭାରତୀୟ ଶ୍ରମିକ ଶକ୍ତିର ପ୍ରତୀକ ସ୍ୱରୁପ 'ଲାଲ ପତାକା' ଉଡାଯାଇଥିଲା। ବାସ୍ତବରେ ଏହି ଦିବସ ଭାରତୀୟ ଶ୍ରମିକମାନଙ୍କ ମଧ୍ୟରେ ଶ୍ରେଣୀ ସଚେତନତା ଜାଗ୍ରତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ମୌଳିକ ଅଧିକାର : ଧାରା ୨୩ (ବେଠି ଖଟାଇବା ନିଷେଧ) ଏବଂ ଧାରା ୨୪ (ଶିଶୁ ଶ୍ରମିକ ନିଷେଧ) ଶ୍ରମିକଙ୍କ ମୌଳିକ ସୁରକ୍ଷା ନିଶ୍ଚିତ କରେ। ନୀତି ନିର୍ଦ୍ଦେଶାବଳୀ (DPSP) : ଧାରା ୩୯, ୪୧, ୪୨ ଓ ୪୩ ଅଧୀନରେ ରାଷ୍ଟ୍ର ଶ୍ରମିକମାନଙ୍କୁ ନ୍ୟାର୍ଯ୍ୟ ମଜୁରୀ, ସୁରକ୍ଷିତ କାର୍ଯ୍ୟ ପରିବେଶ ଏବଂ ପରିଚାଳନାରେ ଅଂଶଗ୍ରହଣ କରିବାର ସୁଯୋଗ ଦେବାକୁ ପ୍ରତିଶ୍ରୁତିବଦ୍ଧ। ସମକାଳୀନ ସଂସ୍କାର : ନିକଟରେ ଭାରତ ସରକାର ୪୪ଟି ଜଟିଳ ଶ୍ରମ ଆଇନକୁ ସରଳୀକରଣ କରି ୪ଟି ଲେବର କୋଡ୍ (Labour Codes) ପ୍ରଣୟନ କରିଛନ୍ତି, ଯାହା ମଜୁରୀ, ସାମାଜିକ ସୁରକ୍ଷା, ଶିଳ୍ପ ସମ୍ପର୍କ ଓ ବୃତିଗତ ସ୍ୱାସ୍ଥ୍ୟ ଉପରେ ଆଧାରିତ। ବର୍ତ୍ତମାନର ଜଗତୀକରଣ ଓ ବୈଷୟିକ ଯୁଗରେ ଶ୍ରମିକମାନଙ୍କ ସମସ୍ୟାର ସ୍ୱରୁପ ବଦଳିଛି। ୧. ଅସଙ୍ଗଠିତ କ୍ଷେତ୍ର : ଭାରତର ପ୍ରାୟ ୯୦ ପ୍ରତିଶତ ଶ୍ରମିକ ଅସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟ କରନ୍ତି। ସେମାନଙ୍କ ପାଇଁ ନିୟମିତ ଦରମା, ବୀମା କିମ୍ବା ପେନସନ ପରି ସୁବିଧା ଏବେ ବି ଏକ ସ୍ୱପ୍ନ। ୨. ଗିଗ୍ ଇକୋନୋମି (Gig Economy): ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ କାମ କରୁଥିବା ଡେଲିଭରି ବୟ ବା ଫ୍ରିଲାନ୍ସରମାନେ ଶ୍ରମିକର ସଂଜ୍ଞା ବାହାରେ ରହିଯାଉଛନ୍ତି, ଯାହାଫଳରେ ସେମାନଙ୍କୁ ସାମାଜିକ ସୁରକ୍ଷା ମିଳିପାରୁନାହିଁ। ୩. ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ : କୃତ୍ରିମ ବୁଦ୍ଧିମତାର ବ୍ୟବହାର ଯୋଗୁଁ ଅନେକ ପାରମ୍ପରିକ ଚାକିରି ହଜିଯିବାର ଭୟ ଦେଖାଦେଇଛି। ଏହା ଶ୍ରମିକମାନଙ୍କ ପାଇଁ ରି-ସ୍କିଲିଂ (Re-skilling) ର ଆବଶ୍ୟକତା ସୃଷ୍ଟି କରିଛି।

୪. ପ୍ରବାସୀ ଶ୍ରମିକ ସମସ୍ୟା : କୋଭିଡ-୧୯ ମହାମାରୀ ସମୟରେ ପ୍ରବାସୀ ଶ୍ରମିକମାନଙ୍କର ଅସହାୟତା ପ୍ରମାଣ କରିଛି ଯେ ସେମାନଙ୍କ ପାଇଁ ଏକ ସୁଦୃଢ ଜାତୀୟ ଡାଟାବେସ ଓ ସୁରକ୍ଷା ଜାଲର ଅଭାବ ରହିଛି।

ଶ୍ରମିକମାନଙ୍କର ସ୍ଥିତିରେ ସୁଧାର ଆଣିବା ପାଇଁ ନିମ୍ନଲିଖିତ ପଦକ୍ଷେପଗୁଡିକ ଜରୁରୀ : ସାର୍ବଜନୀନ ସାମାଜିକ ସୁରକ୍ଷା : ସରକାର ପ୍ରତ୍ୟେକ ଶ୍ରମିକଙ୍କୁ ଇ-ଶ୍ରମ (e-Shram) ପୋର୍ଟାଲ ଜରିଆରେ ପଞ୍ଜିକୃତ କରି ସେମାନଙ୍କୁ ସ୍ୱାସ୍ଥ୍ୟ ଓ ବାର୍ଦ୍ଧକ୍ୟ ସୁରକ୍ଷା ଦେବା ଉଚିତ। ଦକ୍ଷତା ବିକାଶ : ବଦଳୁଥିବା ସମୟ ସହ ତାଳ ମିଶାଇ ଶ୍ରମିକମାନଙ୍କୁ ନୂତନ ଜ୍ଞାନକୌଶଳରେ ପ୍ରଶିକ୍ଷିତ କରିବା ଆବଶ୍ୟକ। ଲିଙ୍ଗଗତ ସମାନତା : କର୍ମକ୍ଷେତ୍ରରେ ମହିଳାମାନଙ୍କୁ ସମାନ କାର୍ଯ୍ୟ ପାଇଁ ସମାନ ମଜୁରୀ ଏବଂ ସୁରକ୍ଷିତ ପରିବେଶ ଯୋଗାଇବା ଏକ ବିକଶିତ ଭାରତ ପାଇଁ ଅପରିହାର୍ଯ୍ୟ। ଶ୍ରମିକ ଦିବସ କେବଳ ପତାକା ଉତ୍ତୋଳନ କିମ୍ବା ଶୋଭାଯାତ୍ରାରେ ସୀମିତ ରହିବା ଉଚିତ ନୁହେଁ। ଶ୍ରମିକମାନେ ହେଉଛନ୍ତି ଜାତି ଗଠନର ଅଦୃଶ୍ୟ ବିଶ୍ୱକର୍ମା। ଯେଉଁ ଦିନ ପ୍ରତ୍ୟେକ ଶ୍ରମିକ ତା'ର ପାଇବାକୁ ଥିବା ହକ ପାଇବ ଏବଂ ଶୋଷଣରୁ ମୁକ୍ତ ହେବ, ସେହିଦିନ ହିଁ ଶ୍ରମିକ ଦିବସ ପାଳନର ଯଥାର୍ଥତା ପ୍ରତିପାଦିତ ହେବ। ଏକ ସମୃଦ୍ଧ ଓ ସମାନତାଭିତ୍ତିକ ସମାଜ ଗଠନ ପାଇଁ ଶ୍ରମିକମାନଙ୍କ ପ୍ରତି ସମ୍ମାନଜନକ ଦୃଷ୍ଟିକୋଣ ରଖିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ। ଶ୍ରମ ହିଁ ସମ୍ପଦ - ଏହି ଉକ୍ତିଟି ମାନବ ସଭ୍ୟତାର ବିକାଶର ମୂଳଦୁଆ। ବିଶ୍ୱର ଅର୍ଥନୈତିକ ଚକ୍ରକୁ ସଚଳ ରଖିବାରେ ଶ୍ରମିକ ଶ୍ରେଣୀର ଭୂମିକା ଅତୁଳନୀୟ। ପ୍ରତିବର୍ଷ ମେ ମାସ ୧ ତାରିଖକୁ ଆନ୍ତର୍ଜାତୀୟ ଶ୍ରମିକ ଦିବସ ବା ମେ ଦିବସ ଭାବେ ପାଳନ କରାଯାଏ। ଏହା କେଳବ ଏକ ଛୁଟିଦିନ ନୁହେଁ, ବରଂ ଏହା ଶ୍ରମିକମାନଙ୍କର ଆତ୍ମସମ୍ମାନ, ସଂଘର୍ଷ ଏବଂ ସେମାନଙ୍କ ନ୍ୟାର୍ଯ୍ୟ ଅଧିକାର ପ୍ରାପ୍ତିର ଏକ ବିଜୟ ଗାଥା। ୧୮ଶ ଏବଂ ୧୯ଶ ଶତାବ୍ଦୀରେ ଶିଳ୍ପ ବିପ୍ଳବ ଯୋଗୁଁ ସାରା ବିଶ୍ୱରେ କଳକାରଖାନା ପ୍ରତିଷ୍ଠା ହେଲା। କିନ୍ତୁ ଏହି ବିକାଶ ପଛରେ ଥିଲା ଶ୍ରମିକମାନଙ୍କର ଚରମ ଶୋଷଣ। କାର୍ଯ୍ୟ ସମୟ : ସେତେବେଳେ ଶ୍ରମିକମାନଙ୍କୁ ଦିନକୁ ୧୪ରୁ ୧୬ ଘଣ୍ଟା କାମ କରିବାକୁ ପଡୁଥିଲା। ଅମାନବୀୟ ପରିବେଶ : ନିମ୍ନ ମଜୁରୀ ଏବଂ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ କାମ କରିବା ଫଳରେ ଅନେକ ଶ୍ରମିକ ରୋଗାକ୍ରାନ୍ତ ହୋଇ ମୃତ୍ୟୁବରଣ କରୁଥିଲେ।

୧୮୮୬ ମସିହା ମେ ୧ ତାରିଖରେ ଆମେରିକାର ଚିକାଗୋ ସହରରେ ହଜାର ହଜାର ଶ୍ରମିକ ୮ ଘଂଟା କାର୍ଯ୍ୟ ଦିବସ ଦାବିରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଆରମ୍ଭ କରିଥିଲେ। ୧. ଘଟଣାବଳୀ: ମେ ୪ ତାରିଖରେ ହେ-ମାର୍କେଟ ସ୍କୋୟାରରେ ଏକ ସଭା ଚାଲିଥିବା ବେଳେ ବୋମା ମାଡ ହୋଇଥିଲା, ଯାହାପରେ ପୋଲିସ ଗୁଳି ଚାଳନା କରି ଅନେକ ଶ୍ରମିକଙ୍କୁ ହତ୍ୟା କରିଥିଲା। ୨. ବୈଶ୍ୱିକ ସ୍ୱୀକୃତି : ୧୮୮୯ ମସିହାରେ ପ୍ୟାରିସରେ ଅନୁଷ୍ଠିତ ଆନ୍ତର୍ଜାତୀୟ ସୋସିଆଲିଷ୍ଟ କନ୍‌ଫରେନ୍ସରେ ଏହି ସହିଦମାନଙ୍କ ସ୍ମୃତିରେ ଅନୁଷ୍ଠିତ ଆନ୍ତର୍ଜାତୀୟ ସୋସିଆଲିଷ୍ଟ କନଫରେନ୍ସରେ ଏହି ସହିଦମାନଙ୍କ ସ୍ମୃତିରେ ମେ ୧ ତାରିଖକୁ ଆନ୍ତର୍ଜାତୀୟ ଶ୍ରମିକ ଦିବସ ଭାବେ ଘୋଷଣା କରାଗଲା। ପ୍ରଥମ ପାଳନ : ୧ ମେ, ୧୯୨୩ ରେ ମାଦ୍ରାଜ (ଚେନ୍ନାଇ)ଠାରେ'ଲେବର କିଶାନ୍ ପାର୍ଟି ଅଫ୍ ହିନ୍ଦୁସ୍ତାନ ଦ୍ୱାରା ପ୍ରଥମ କରି ମେ ଦିବସ ପାଳନ କରାଯାଇଥିଲା। ସିଙ୍ଗାରାଭେଲୁ : ଏହି ମହାନ ନେତାଙ୍କ ନେତୃତ୍ୱରେ ପ୍ରଥମ ଥର ପାଇଁ ଶ୍ରମିକମାନଙ୍କ ଏକତାକୁ ପ୍ରଦର୍ଶନ କରାଯାଇଥିଲା ଏବଂ ଭାରତୀୟ ପରିପ୍ରେକ୍ଷୀରେ ଲାଲ ପତାକାକୁ ଶ୍ରମିକ ଶକ୍ତିର ପ୍ରତୀକ ଭାବେ ବ୍ୟବହାର କରାଗଲା। ସୃଷ୍ଟିର ପ୍ରାରମ୍ଭରୁ ମାନବ ସଭ୍ୟତାର ବିକାଶ ପର୍ଯ୍ୟନ୍ତ ଯଦି କୌଣସି ଶକ୍ତି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ, ତାହା ହେଉଛି ଶ୍ରମ। ଶ୍ରମ ବିନା ଜୀବନ ନିଷ୍ପ୍ରାଣ ଏବଂ ସମାଜ ଗତିହୀନ। ଜଣେ ବ୍ୟକ୍ତିର ବ୍ୟକ୍ତିଗତ ଉନ୍ନତି ହେଉ ବା ଏକ ଜାତିର ଅର୍ଥନୈତିକ ସମୃଦ୍ଧି, ସବୁଠି ଶ୍ରମର ସ୍ୱାକ୍ଷର ରହିଛି। 'ଶ୍ରମ ହିଁ ସମ୍ପଦ' - ଏହି କ୍ଷୁଦ୍ର ବାକ୍ୟଟି ମଧ୍ୟରେ ଏକ ବିରାଟ ଜୀବନ ଦର୍ଶନ ଲୁଚି ରହିଛି। ଶ୍ରମ କେବଳ ଶାରୀରିକ କ୍ଳାନ୍ତି ନୁହେଁ, ବରଂ ଏହା ସଫଳତାର ସୁବର୍ଣ୍ଣ ଚାବିକାଠି। ଶ୍ରମକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇପାରେ: ୧. ଶାରୀରିକ ଶ୍ରମ : କ୍ଷେତ୍ରରେ କାମ କରୁଥିବା କୃଷକ, କାରଖାନାର ଶ୍ରମ କିମ୍ବା ରାସ୍ତା ତିଆରି କରୁଥିବା ଶ୍ରମଜୀବୀମାନେ ଏହାର ଉଦାହରଣ। ସେମାନଙ୍କର ଝାଳ ବୁହା ପରିଶ୍ରମ ଯୋଗୁଁ ସମାଜର ଭୌତିକ ଭିତିଭୂମି ଠିଆ ହୋଇଛି। ୨. ମାନସିକ ଶ୍ରମ : ବୈଜ୍ଞାନିକ, ଶିକ୍ଷକ, ଡାକ୍ତର, ଇଞ୍ଜିନିୟର ଏବଂ ଚିନ୍ତାଶୀଳ ବ୍ୟକ୍ତିମାନେ ନିଜର ବୁଦ୍ଧି ଓ କୌଶଳ ବ୍ୟବହାର କରି ଯେଉଁ କାର୍ଯ୍ୟ କରନ୍ତି, ତାହା ହେଉଛି ମାନସିକ ଶ୍ରମ। ବାସ୍ତବରେ, ଶାରୀରିକ ଓ ମାନସିକ ଶ୍ରମ ଏକ ମୁଦ୍ରାର ଦୁଇଟି ପାର୍ଶ୍ୱ ସଦୃଶ। ଗୋଟିଏ ବିନା ଅନ୍ୟଟିର ସ୍ଥିତି ଅସମ୍ଭବ। ଶ୍ରମ ଓ ସଫଳତା : ଏକ ଅବିଚ୍ଛେଦ୍ୟ ସମ୍ପର୍କ ଜୀବନରେ ସଫଳତା ପାଇବା ପାଇଁ କୌଣସି ସର୍ଟକଟ ବା ସହଜ ପଥ ନାହିଁ। ଭାଗ୍ୟବାଦୀମାନେ ଅଦୃଶ୍ୟ ଭାଗ୍ୟ ଉପରେ ନିଭର କରି ବସି ରହନ୍ତି, କିନ୍ତୁ କର୍ମବୀରମାନେ ନିଜର ପରିଶ୍ରମ ଦ୍ୱାରା ନିଜର ଭାଗ୍ୟ ନିଜେ ଲେଖନ୍ତି। ଆଳସ୍ୟର କୁପ୍ରଭାବ : ଆଳସ୍ୟ ମଣିଷର ସବୁଠାରୁ ବଡ ଶତ୍ରୁ। ଏହା ମସ୍ତିଷ୍କକୁ ଜଡ କରିଦିଏ ଏବଂ ଦାରିଦ୍ର୍ୟକୁ ନିମନ୍ତ୍ରଣ କରେ। କର୍ମଠତାର ଲାଭ : ଯିଏ ପରିଶ୍ରମ କରେ, ତା'ର ଶରୀର ସୁସ୍ଥ ରହେ, ମନେ ପ୍ରଫୁଲ୍ଲ ରହେ ଏବଂ ଆତ୍ମବିଶ୍ୱାସ ବୃଦ୍ଧି ପାଏ। ଇତିହାସ ସାକ୍ଷୀ ଅଛି ଯେ, ଶ୍ରମିକମାନଙ୍କୁ ସେମାନଙ୍କର ନ୍ୟାର୍ଯ୍ୟ ଅଧିକାର ପାଇଁ ଦୀର୍ଘ ଦିନ ଧରି ସଂଘର୍ଷ କରିବାକୁ ପଡିଛି। ଶିଳ୍ପ ବିପ୍ଳବ : ୟୁରୋପରେ ଶିଳ୍ପ ବିପ୍ଳବ ପରେ ଶ୍ରମିକମାନଙ୍କୁ ଦିନକୁ ୧୬ଘଂଟା କାମ କରିବାକୁ ପଡୁଥିଲା। ଶୋଷଣ ଚରମ ସୀମାରେ ପହଂଚିଥିଲା।

ମେ' ଦିବସର ଜନ୍ମ : ୧୮୮୬ ମସିହାରେ ଆମେରିକାର ଚିକାଗୋ ସହରରେ ଶ୍ରମିକମାନଙ୍କ ଆନ୍ଦୋଳନ ଏବଂ ସେମାନଙ୍କର ବଳିଦାନ ଫଳରେ ସାରା ବିଶ୍ୱରେ ୮ଘଂଟା କାର୍ଯ୍ୟ ଦିବସର ନିୟମ ଲାଗୁ ହେଲା। ଭାରତୀୟ ସଂସ୍କୃତିରେ ଶ୍ରମ: ଆମ ଶାସ୍ତ୍ରରେ କୁହାଯାଇଛି "କୁର୍ବନ୍ନେବେହ କର୍ମାଣି ଜିଜୀବିଷେଚ୍ଛତଂ ସମାଃ" ଅର୍ଥାତ୍ କର୍ମ କରି ଶହେ ବର୍ଷ ବଂଚିବା ପାଇଁ ଇଚ୍ଛା କର। ମହାତ୍ମା ଗାନ୍ଧୀ ମଧ୍ୟ 'ଶରୀର ଶ୍ରମ' (Bread Labor) ଉପରେ ଗୁରୁତ୍ୱ ଦେଇଥିଲେ।

କୌଣସି ଦେଶର ଜାତୀୟ ଆୟ (National Income) ଏବଂ ଜିଡିପି (GDP) ମୁଖ୍ୟତଃ ସେହି ଦେଶର ଶ୍ରମିକ ଶକ୍ତିର ଦକ୍ଷତା ଉପରେ ନିର୍ଭର କରେ। ୧. କୃଷି : ଭାରତ ପରି ଏକ କୃଷି ପ୍ରଧାନ ଦେଶରେ କୃଷକର ଶ୍ରମ ହିଁ କୋଟି କୋଟି ଜନତାଙ୍କ ମୁହଁରେ ଆହାର ଯୋଗାଇଥାଏ। ୨. ଶିଳ୍ପ ଓ ନିର୍ମାଣ : ଆକାଶଛୁଆଁ ଅଟ୍ଟାଳିକା, ବିଶାଳ ବନ୍ଧ ଏବଂ ବୈଜ୍ଞାନିକ ଯନ୍ତ୍ରପାତି ସବୁ ଶ୍ରମର ହିଁ ରୂପାନ୍ତର। ୩. ସେବା କ୍ଷେତ୍ର : ଆଇଟି (IT) କ୍ଷେତ୍ରର ବିକାଶ ହେଉ ବା ବ୍ୟାଙ୍କିଙ୍ଗ, ଶ୍ରମିକର ବୌଦ୍ଧିକ ପରିଶ୍ରମ ହିଁ ଅର୍ଥ ବ୍ୟବସ୍ଥାକୁ ଗତିଶୀଳ କରେ। ଆଜିର ଯୁଗରେ ଶ୍ରମିକମାନେ ଅନେକ ନୂତନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି : ଯନ୍ତ୍ରୀକରଣ (Automation) : ରେବୋଟିକ୍ସ ଓ AI ଯୋଗୁଁ ଅନେକ ଶାରୀରିକ ଶ୍ରମଭିତ୍ତିକ ଚାକିରି ବିପଦରେ। ଏଥିପାଇଁ ଶ୍ରମିକମାନଙ୍କଚ 'କୁଶଳୀ ଶ୍ରମିକ' (Skilled Labor) ରେ ପରିଣତ କରିବା ଜରୁରୀ। ଅସଙ୍ଗଠିତ କ୍ଷେତ୍ର : ଆଜି ବି ଶତକଡା ୯୦ଭାଗ ଶ୍ରମିକ ଅସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟରତ, ଯେଉଁଠାରେ ସେମାନଙ୍କୁ ନ୍ୟାର୍ଯ୍ୟ ମଜୁରୀ ଓ ସାମାଜିକ ସୁରକ୍ଷା ମିଳୁନାହିଁ। ସରକାରୀ ପଦକ୍ଷେପ : ଭାରତ ସରକାରଙ୍କ 'ଶ୍ରମେବ ଜୟତେ' ଯୋଜନା ଏବଂ ବିଭିନ୍ନ ଶ୍ରମ ସଂହିତା (Lobor Codes) ଶ୍ରମିକମାନଙ୍କ ଜୀବନଧାରଣର ମାନ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ଆମ ସମାଜରେ କେତେକ ଲୋକ ଶାରୀରିକ ଶ୍ରମକୁ ଛୋଟ ନଜରରେ ଦେଖନ୍ତି। ଏହା ଏକ ଭୁଲ୍ ଧାରଣା। କୌଣସି କାମ ଛୋଟ ବା ବଡ ନୁହେଁ। ଜଣେ ସଫେଇ କର୍ମଚାରୀଙ୍କ ଶ୍ରମ ଯେତିକି ଗୁରୁତ୍ୱପୂର୍ଣ୍ଣ ଜଣେ ଶାସନକର୍ତ୍ତାଙ୍କ ଶ୍ରମ ମଧ୍ୟ ସେତିକି ଗୁରୁତ୍ୱପୂର୍ଣ୍ଣ। ସମାଜ ସେହିଦିନ ହିଁ ପ୍ରକୃତରେ ସଭ୍ୟ ହେବଳ ଯେଉଁଦିନ ପ୍ରତ୍ୟେକ ଶ୍ରମକୁ ସମାନ ସମ୍ମାନ ମିଳିବ। ପରିଶେଷରେ ଏତିକି କୁହାଯାଇପାରେ ଯେ, ଶ୍ରମ ହିଁ ମାନବ ଜୀବନର ଶ୍ରେଷ୍ଠ ପୁଞ୍ଜି। ଆଳସ୍ୟ ହେଉଛି ଅଭିଶାପ ଏବଂ ଶ୍ରମ ହେଉଛି ଆଶୀର୍ବାଦ। ଯେଉଁ ଜାତି ଶ୍ରମକୁ ସମ୍ମାନ ଦିଏ ଏବଂ କର୍ମକୁ ପୂଜା କରେ ସେହି ଜାତି ବିଶ୍ୱ ଦରବାରରେ ଶୀର୍ଷ ସ୍ଥାନ ଅଧିକାର କରେ। ଶ୍ରମିକର ହାତରେ ହିଁ ନୂତନ ବିଶ୍ୱର ସୌଭାଗ୍ୟ ଲେଖାହୁଏ।

ଧାରା ୨୩ : ବେଠି ଖଟାଇବା ଏବଂ ମଣିଷ ଚାଲାଣକୁ ନିଷେଧ କରେ। ଧାରା ୨୪ : ୧୪ବର୍ଷରୁ କମ୍ ଶିଶୁଙ୍କୁ କାରଖାନା ବା ବିପଦଜନକ କାର୍ଯ୍ୟରେ ନିୟୋଜିତ କରିବା ଉପରେ କଟକଣା। ରାଷ୍ଟ୍ରର ନୀତି ନିୟାମକ ନିର୍ଦ୍ଦେଶାବଳୀ (DPSP) : ଧାରା ୩୯, ୪୧, ୪୨ ଏବଂ ୪୩ ଶ୍ରମିକମାନଙ୍କ ପାଇଁ ଉପଯୁକ୍ତ ମଜୁରୀ, ସୁରକ୍ଷିତ କାର୍ଯ୍ୟ ପରିବେଶ ଏବଂ ସାମାଜିକ ନ୍ୟାୟ। ନିଶ୍ଚିତ କରେ। ବର୍ତ୍ତମାନର ଚଗତକରଣ ଯୁଗରେ ଶ୍ରମିକମାନେ ନୂତନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି: ଅସଙ୍ଗଠିତ କ୍ଷେତ୍ର (Unorganized Sector) : ଭାରତର ପ୍ରାୟ ୯୦% ଶ୍ରମିକ ଅସଙ୍ଗଠିତ କ୍ଷେତ୍ରରେ କାମ କରନ୍ତି, ଯେଉଁଠାରେ ଚାକିରିର ସ୍ଥାୟିତ୍ୱ କିମ୍ବା ପେନସନ ଭଳି ସୁବିଧା ନାହିଁ। ୨. Gig Economy : ଅନଲାଇନ ପ୍ଲାଟଫର୍ମ (Zamato, Swiggy, Uber)ରେ କାମ କରୁଥିବା ଶ୍ରମିକମାନଙ୍କୁ କର୍ମଚାରୀର ମାନ୍ୟତା ମିଳୁନାହିଁ। ୩. Labour Codes ୨୦୨୦: ସରକାର ପୁରୁଣା ଶ୍ରମ ଆଇନକୁ ସଂସ୍କାର କରି ୪ଟି ଲେବର କୋଡ ପ୍ରଣୟନ କରିଛନ୍ତି, ଯାହା ଶ୍ରମିକଙ୍କ ସୁରକ୍ଷା ଓ ଶିଳ୍ପ ବିକାଶ ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ ଲକ୍ଷ୍ୟ ରଖିଛି। ଶ୍ରମିକ ଦିବସ କେବଳ ଇତିହାସର ଏକ ପୃଷ୍ଠା ନୁହେଁ, ବରଂ ଏହା ଏକ ଚଳନ୍ତି ସଂଗ୍ରାମ। ଦେଶର ଜିଡିପି (GDP) ବୃଦ୍ଧିରେ ଯେଉଁମାନଙ୍କର ଝାଳ ବୁହେ, ସେମାନଙ୍କୁ ସାମାଜିକ ସୁରକ୍ଷା ଓ ଆତ୍ମସମ୍ମାନ ପ୍ରଦାନ କରିବା ଏକ ସୁସ୍ଥ ଗଣତନ୍ତ୍ରର ଲକ୍ଷଣ। ଶ୍ରମିକର ହାତ ଶକ୍ତ ହେଲେ, ଦେଶର ଭବିଷ୍ୟତ ଉଜ୍ଜ୍ୱଳ ହେବ। ଆଧୁନିକ ଯୁଗରେ ଶ୍ରମ କେବଳ ଶାରୀରିକ ଶକ୍ତି ମଧ୍ୟରେ ସୀମିତ ହୋଇ ରହିନାହିଁ। ବିଶ୍ୱାୟନ, ସୂଚନା ପ୍ରଯୁକ୍ତିବିଦ୍ୟା ଏବଂ କୃତ୍ରିମ ବୁଦ୍ଧିମତା (AI)ରେ ପ୍ରଭାବ ଶ୍ରମିକ ଓ ଶ୍ରମ ବଜାରକୁ ଏକ ନୂଆ ମୋଡ ଦେଇଛି। ବର୍ତ୍ତମାନ ସମୟରେ ପାରମ୍ପରିକ ୯ ରୁ ୫ ଚାକିରି ସଂସ୍କୃତି ବଦଳିବାରେ ଲାଗିଛି। ଜୋମାଟୋ, ସ୍ୱିଗି, ଓଲା, ଉବେର ଭଳି ପ୍ଲାଟଫର୍ମରେ କାର୍ଯ୍ୟ କରୁଥିବା ଲକ୍ଷ ଲକ୍ଷ ଯୁବକ ଏକ ନୂତନ ଶ୍ରମିକ ଶ୍ରେଣୀ ଭାବେ ଉଭା ହୋଇଛନ୍ତି। ସେମାନଙ୍କୁ ଗିଗ୍ ୱର୍କର୍ସ କୁହାଯାଉଛି। ସୁବିଧା : ଏଥିରେ କାର୍ଯ୍ୟ କରିବାର ସମୟ ସୀମା ନିଜ ଅନୁସାରେ ସ୍ଥିର କରାଯାଇପାରେ। ଆହ୍ୱାନ : ଏହି ଶ୍ରମିକମାନେ କୌଣସି ସ୍ଥାୟୀ ନିଯୁକ୍ତି ପତ୍ର, ବୀମା କିମ୍ବା ପେନସନ ସୁବିଧା ପାଉନାହାନ୍ତି। ସେମାନଙ୍କୁ କର୍ମଚାରୀ ପରିବର୍ତ୍ତେ ପାର୍ଟନର କୁହାଯାଉଥିବାରୁ ସେମାନେ ଶ୍ରମ ଆଇନର ସୁରକ୍ଷା ପାଇବାରୁ ବଂଚିତ ହେଉଛନ୍ତି। ଚତୁର୍ଥ ଶିଳ୍ପ ବିପ୍ଳବ (Industry ୪.୦) ଶ୍ରମିକମାନଙ୍କ ପାଇଁ ଏକ ବଡ ଆହ୍ୱାନ ସୃଷ୍ଟି କରିଛି। ଚାକିରି ହରାଇବାର ଭୟ : ଅନେକ ଉତ୍ପାଦନ କ୍ଷେତ୍ରରେ ମଣିଷ ବଦଳରେ ରୋବୋଟ୍ କାର୍ଯ୍ୟ କରୁଛନ୍ତି। ଡାଟା ଏଣ୍ଟ୍ରିଠାରୁ ଆରମ୍ଭ କରି ଜଟିଳ ଯାନ୍ତ୍ରିକ କାର୍ଯ୍ୟ ଏବେ ସଫ୍ଟୱେୟାର ସାହାଯ୍ୟରେ ହେଉଛି। ରି-ସ୍କିଲି (Re-Skilling) : ବର୍ତ୍ତମାନ ପରିପ୍ରେକ୍ଷୀରେ ଶ୍ରମିକମାନଙ୍କୁ କେବଳ ଶାରୀରିକ ପରିଶ୍ରମ କଲେ ହେବ ନାହିଁ, ସେମାନଙ୍କୁ ନୂତନ ଜ୍ଞାନକୌଶଳ ଶିଖିବାକୁ ପଡିବ। ଶ୍ରମ ହିଁ ସମ୍ପଦ ଏବେ କୁଶଳୀ ଶ୍ରମ ହିଁ ସମ୍ପଦରେ ପରିଣତ ହୋଇଛି।

ପ୍ରଚଳିତ ସମାଜରେ ମହିଳାମାନେ ଘରର ଚାରିକାନ୍ଥରୁ ବାହାରି କୃଷି, ଶିଳ୍ପ ଏବଂ ବୈଷୟିକ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରୁଛନ୍ତି। କିନ୍ତୁ ଏବେ ବି 'ଲିଙ୍ଗଗତ ମଜୁରୀ ପାର୍ଥକ୍ୟ' (Gender Pay Gap) ଏକ ବଡ ସମସ୍ୟା। ସମାନ କାର୍ଯ୍ୟ ପାଇଁ ମହିଳାମାନଙ୍କୁ ପୁରୁଷଙ୍କ ତୁଳନାରେ କମ୍ ମଜୁରୀ ମିଳିବା ଗଣତନ୍ତ୍ର ପାଇଁ ଏକ ଅଶୁଭ ସଙ୍କେତ। ମହାମାରୀ ସମୟରେ ପ୍ରବାସୀ ଶ୍ରମିକମାନଙ୍କ ଦୁର୍ଦ୍ଦଶା ସାରା ବିଶ୍ୱ ଦେଖିଛି। ବର୍ତ୍ତମାନ ସରକାର ସେମାନଙ୍କ ପାଇଁ 'ୱାନ୍ ନେସନ, ୱାନ୍ ରାସନ କାର୍ଡ' ଏବଂ 'ଇ-ଶ୍ରମ' ପୋର୍ଟାଲ ଭଳି ବ୍ୟବସ୍ଥା କରିଛନ୍ତି। ଏହାଦ୍ୱାରା ଦେଶର ଯେକୌଣସି କୋଣରେ କାମ କରୁଥିବା ଶ୍ରମିକ ନିଜର ପ୍ରାପ୍ୟ ଓ ସାମାଜିକ ସୁରକ୍ଷା ପାଇପାରିବେ।

ବର୍ତ୍ତମାନର ପ୍ରତିଯୋଗିତାମୂଳକ ଯୁଗରେ ଶ୍ରମିକ ଓ କର୍ମଚାରୀମାନେ ମାନସିକ ଚାପର ଶିକାର ହେଉଛନ୍ତି। 'ୱର୍କ-ଲାଇଫ ବାଲାନ୍ସ' (Work-Life Balance) ବା କାର୍ଯ୍ୟ ଓ ବ୍ୟକ୍ତିଗତ ଜୀବନ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଏବେ ଏକ ବଡ ଚ୍ୟାଲେଞ୍ଜ। ଅତ୍ୟଧିକ ଶ୍ରମ ଯେପରି ଜଣେ ବ୍ୟକ୍ତିର ମାନସିକ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ନପକାଏ, ସେଥିପାଇଁ ବିଶ୍ୱସ୍ତରରେ ୪ ଦିନିଆ କାର୍ଯ୍ୟ ସପ୍ତାହ (୪-day work week) ଉପରେ ସମୟର ଦାବି ହେଉଛି, ଶ୍ରମିକମାନଙ୍କୁ ସମ୍ମାନଜନକ ଜୀବନ ପ୍ରଦାନ କରିବା ଏବଂ ସେମାନଙ୍କୁ ନୂତନ ଜ୍ଞାନକୌଶଳରେ ସଶକ୍ତ କରିବା। ଯଦି ଆମେ ଶ୍ରମିକକୁ କେବଳ ଏକ ଉତ୍ପାଦନର ମାଧ୍ୟମ ନଭାବି ଜଣେ ଜତି ଗଠନକାରୀ ଭାବେ ଦେଖିବା, ତେବେ ହିଁ ଦେଶର ପ୍ରକୃତ ସମୃଦ୍ଧି ଆସିବ। ଶ୍ରମ ହିଁ ସମ୍ପଦ, କିନ୍ତୁ ସେହି ଶ୍ରମ ଯଦି ନ୍ୟାୟ ଓ ସମ୍ମାନ ସହିତ ଯୁକ୍ତ ହୁଏ, ତେବେ ତାହା ସଭ୍ୟତାକୁ ଆହୁରି ଉଜ୍ଜ୍ୱଳ କରିବ।

# କାଳଯମ



ସତୀଶ ବିଶ୍ୱାଳ
ଭୁବନପୁର, ମଧୁପୁରଗଡ,
ଧର୍ମଶାଳା, ଯାଜପୁର, ମୋ-
୯୪୩୭୦୧୯୧୧୭

ମୋ ଗାଁ ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଭୁବନପୁର ନିକଟରେ ଥିବା ବରଡା ଛକରେ ନୀଳଭାଇ ଜଳଖିଆ ଦୋକାନ। ଛୋଟିଆ ଦୋକାନଟିଏ। ଭୂଗୋଳ ପୋଥୀ ପତରେ ନାଁ ନଥିଲେ ବି ଲୋକଙ୍କ ହୃଦୟର ଭୂଗୋଳରେ ଏହି ଦୋକାନର ବେଶ ନାଁ ବରଷ ବରଷ ଧରି ରହିଛି। ନୀଳ ଦୋକାନ ନାମରେ ଆମ ପାଂଚ ଖଣ୍ଡୀ ମୌଜା କିମ୍ବା ୩୦ ଖଣ୍ଡୀ ଗାଁରେ ବେଶ ପରିଚିତ। ଏଠି ସବୁ ରାଜନୀତି ଓ ନୀତିର ଚର୍ଚ୍ଚା ଜମେ। ଏ ଦୋକାନରେ ନୀଳଭାଇର ଉପସ୍ଥିତିରେ ବେପାର ତ ହୁଏ ହେଲେ ନୀଳଭାଇର 'ବିବେକର ବଜାର' ଏଠି ଅଧିକ ସତେଜ ଥାଏ। ଦୋକାନରେ ପୁଣି ବିବେକର ବଜାର ? ଏକଥାଟି କେମିତି କେମିତି ଲାଗେ। ଏହାକୁ ବୁଝିବାକୁ ହେଲେ ବିଷୟର ଭିତରକୁ ପଶିବାକୁ ହୁଏ। ଅନେକ ସମୟରେ ରାସ୍ତାରେ ଯାଉଥିବା ଭିକାରୀ ଠାରୁ କୋଟିପତିଙ୍କ ପର୍ଯ୍ୟନ୍ତ ଲୋକଙ୍କ ମନକଥା ନୀଳଭାଇ ବୁଝେ। କାହାକୁ ଗରମ ଜିଲାପି ଭଲ ଲାଗେ, କାହାକୁ ଗରମ ବରା। ଯେମିତି ହେଲେ ଅନେକଙ୍କୁ ଡାକି ଗରମ ଜିଲାପି କିମ୍ବା ଗରମ ବରା କିଛି ମାଗଣାରେ ଖୁଆଇ ଦେଲେ ତାର ମନ ଖୁସି ହୁଏ। ଅନେକଙ୍କ ସୁଖ ଦୁଃଖରେ ସାମିଲ ହୋଇ ଅନ୍ୟାୟ ବିରୋଧରେ ନୀଳଭାଇ ଲଢେଇ କରନ୍ତି। ପ୍ରାୟ ୨୫ ବର୍ଷ ପୂର୍ବରୁ ମୁଁ କଲେଜ ପଢୁଥିବା ବେଳେ ନିଇତି ଉଦୁଉଦିଆ ଖରାବେଳେଏହି ଛକରେ ବସରୁ ଓହ୍ଲାଇ ପଡିବା ବେଳକୁ ନୀଳ ଭାଇ ଜିଲାପି ଛାଣୁଥାଏ। ମୁଁ ସାଇକେଲ ଧରି ଘରକୁ ଆସିବାକୁ ବାହାରୁ ବାହାରୁ , ମୋତେ ମଧୁର କଣ୍ଠରେ କହେ-ଟିକେ ବସିବୁନି। ତା ପରେ ଅତି ଆଦରରେ ପଳାସ କିମ୍ବା ଖଲି ପତରରେ ଦୁଇଟା ଗରମ ଜିଲାପି ହସ ହସ ମୁହଁରେ ବଢାଇ ଦେଇ, ଖାଇଦେ ବୋଲି କହେ। ସେ ଆଦରକୁ ଅସ୍ୱୀକାର କରି ନଖାଇ ଆସିବାର ବାଟ ବି ନଥାଏ। ଏହାପରେ ମୋ ସ୍ତ୍ରୀ ଅଧ୍ୟାପିକା ଚାକିରି କଲେ। ସେ ଖରାବେଳେ କଲେଜରୁ ଓହ୍ଲାଇ ଘରକୁ ଆସିବା ବେଳେ ଠିକ ସେଇ ଗରମ ଜିଲାପି ଦେଇ ଚର୍ଚ୍ଚା କରିଥାନ୍ତି ନୀଳଭାଇ। ତାକୁ ମୋ ଠୁ ବି ଅଧିକ ଶ୍ରଦ୍ଧାରେ ସେ ଖୁଆଇ ଥାନ୍ତି। ମୋ ପୁଅ, ଝିଅ ନିକଟସ୍ଥ ଶିଶୁ ମନ୍ଦିରରୁ ପାଠ ପଢି ଫେରିବା ବେଳେ ବି ସେଇ ସମାନ ବ୍ୟବହାର ଥିଲା ନୀଳଭାଇଙ୍କର। ଏହି ଶ୍ରଦ୍ଧାର ଦାନ ପାଇଁ କେବେ କାହାଠାରୁ ଟଙ୍କାର ମୂଲ୍ୟ ଆଶା ରଖନ୍ତି ନାହିଁ ନୀଳଭାଇ। ଏହା ତାଙ୍କର ଗୋଟିଏ ସଉକ। ନୀଳ ଭାଇ କେବଳ ଜଳଖିଆ ଦୋକାନୀ ନୁହେଁ। ସମାଜରେ ଜଣେ ଭଲ ମଣିଷ ଓ ସଂଗଠକ ଭାବେ ବେଶ ନାଁ ଥିଲା। ମନ୍ଦିର ଗଢିଛନ୍ତି, ବହୁ ଅନୁଷ୍ଠାନ ସହ ସଂପୃକ୍ତ। ନିଜର ଗୋଟିଏ ବଡ ପରିବାରକୁ ଏକାଠି ଗୋଟିଏ ସୁତ୍ରରେ ବାନ୍ଧି ରଖିବାର ସେ ଆମ ଅଂଚଳରେ ଗୋଟିଏ ଦୃଷ୍ଟାନ୍ତ। ତତ୍କାଳୀନ ଜନତା ଦଳ ଓ ପରେ ବିଜୁ ଜନତା ଦଳ ଦୀର୍ଘବର୍ଷ ଧରି ଶାସନ କ୍ଷମତାରେ ନଥିବା ବେଳେ ଆମେ ଏହି ଦଳର ଆଗୁଆ କର୍ମୀ। ମୁଁ ତଳ ଅଂଚଳର ବହୁ ଗାଁରୁ ଖରାବେଳେ ଅଖିଆ ଅପିଆ ଛାତ୍ର ଅବସ୍ଥାରେ ସଂଗଠନ କାମ ସାରି ଫେରିଲା ବେଳେ ନୀଳ ଭାଇ ମୋତେ ଅପେକ୍ଷା କରିଥାଏ। ମୋ ପାଇଁ ଅଣ୍ଡା ତରକାରୀ କରି ରଖିଥାଏ। ତୋ ପାଇଁ ରୋଷେଇ କରି ରଖିଛି, ଖାଇଦେ ବୋଲି ଶ୍ରଦ୍ଧାରେ କହେ। ନୀଳଭାଇ ଘରର ଗଣେଷ ପୂଜାର ସ୍ୱତନ୍ତ୍ରତା ଥାଏ। ଗଣେଷ ପୂଜାରେ ତାଙ୍କ ଘରର ସୁନ୍ଦର ପିଠାକୁ ବହୁ ପରିବାରର ଅପେକ୍ଷା ଥାଏ। ନୀଳ ଭାଇଙ୍କ ସ୍ତ୍ରୀ ଜାନକୀ ଆମ ଅଂଚଳର 'ସୁନା ଭାଉଜ' ଭାବେ ପରିଚିତ। ରୂପରେ ଯେମିତି ସୁନ୍ଦର ଗୁଣରେ ବି। କିଛି ଦିନ ତଳେ ଅଳ୍ପ ବୟସରେ ରୋଗରେ ଆର ପାରିକୁ ଚାଲିଗଲେ। ଦୁଇ ଜଣଙ୍କ ଭିତରେ ଅତି ସୁନ୍ଦର ବନ୍ଧନ। ନୀଳଭାଇ ଓ ଜାନକୀ ଭାଉଜ ଦୁଇଟି ସମାନ ଚରିତ୍ରର ଜନପ୍ରିୟ ବ୍ୟକ୍ତିତ୍ୱ ଥିଲେ। ନୀଳଭାଇ ଯେ ଭାଉଜଙ୍କ ବିନା ବଂଚି ପାରିବେ, ତାହା ଆମର କଳ୍ପନା ବାହାରେ ଥିଲା। ଭାଉଜଙ୍କ ଏକାଦଶାହ ପରେ ମୁଁ ନୀଳ ଭାଇଙ୍କୁ ଭେଟିବାକୁ ଯାଇଥିଲି। ଠିକ ମୋର କଲେଜ ଜୀବନ ପରି ସେଦିନ ବି ସେ ମୋତେ ଭରପୁର ଛେନାପୋଡ ଖୁଆଇଲେ। ମିଠା ଖାଇବାକୁ ଯେତେ ମନା କରିଥିଲେ ବି, ତାଙ୍କ ଶ୍ରଦ୍ଧା ଜାଲରୁ ମୁକୁଳି ପାରି ନଥିଲି। ସେ ସମୟରେ ବି ତାଙ୍କର କୋଡୋଟି କଥା ତାଙ୍କର ବ୍ୟକ୍ତିତ୍ୱକୁ ଅଧିକ ଉଜ୍ଜ୍ୱଳ କରିଥିଲା। ନିଜ ଅଂଚଳରେ ଚାଲିଥିବା କଳୁଷିତ ରାଜନୈତିକ ଭ୍ରଷ୍ଟ ବ୍ୟବସ୍ଥାରେ ଯୁବକ ମାନେ ପଥଭ୍ରଷ୍ଟ ହେବା ନେଇ ତାଙ୍କର ମତ ତାଙ୍କ ପ୍ରତି ଥିବା ମୋର ଧାରଣାକୁ ଭିନ୍ନ ରୂପ ଦେଇଥିଲା। ଏପରିକି ସେ ସମାଜର ବୃହତର ସ୍ୱାର୍ଥରକ୍ଷା ପାଇଁ ନିଜ ଆତ୍ମୀୟଙ୍କ ବିରୋଧରେ କହିବାର ଦମ ରଖୁଥିଲେ। ଏହା ଭିତରେ ମୋ ପାଇଁ ତାଙ୍କ ଅନ୍ତରରେ ଥିବା ସଦିଚ୍ଛାକୁ ନେଇ ଯାବତୀୟ ଆଶ୍ୱାସନା ଭିତରେ ସମୟକୁ ଅପେକ୍ଷା କରିବାର ବଡ ପ୍ରତିଶୃତି ବି ଦେଇଥିଲେ। ଆମ ଗାଁର ଟୁନାନା। ଆଭିଜାତ୍ୟ ସମ୍ପନ୍ନ ପରିବାରରୁ ଆସିଥିଲେ ମଧ୍ୟ ଟୁନାନା ଜନ୍ମ ହେବା ବେଳକୁ ତାଙ୍କ ପରିବାରର ଗରିମା ଥିଲା ହେଲେ ସଂପୂର୍ଣ୍ଣ ଦରିଦ୍ର ହୋଇ ଯାଇଥିଲେ। ଟୁନାନାଙ୍କ ମାଆ ମୋ ବାପାଙ୍କ ନିଜ ଭଉଣୀ ନହେଲେ ବି ତାଠୁ ଅଧିକ। ସେଥିପାଇଁ ତାଙ୍କର ବାପା ମୋ ପାଇଁ - ବୁଢା ପିଇସା। ଟୁନାନାଙ୍କ ବାପା, ମାଆ ଚାଲିଯିବା ପରେ ଯୁବ ବୟସରେ ଲଢେଇ କରି ଟୁନାନା ବହୁ ସମ୍ପତ୍ତିର ମାଲିକ ହେଲେ। ନିଜ ପରିବାରକୁ ଯଥେଷ୍ଟ ଆଗକୁ ନେଲେ। ନିକଟ ଅତୀତରେ ମୋ ଉପରେ ହୋଇଥିବା ଅତ୍ୟାଚାର ବିରୋଧରେ ସ୍ୱର ଉଠାଇବା ପାଇଁ ମୁଁ ଘରେ ନଥିଲେ ମଧ୍ୟ ମୋ ଘରକୁ ବାରମ୍ବାର ଯାଇଛନ୍ତି ଓ ଆଗକୁ ବଢିବା ପାଇଁ ଅନେକ ସାନ୍ତ୍ୱନା ବି ଦେଇଛନ୍ତି। କ୍ରିକେଟ ପଡିଆରେ ଭଲ ଛକା ମାରିବାର ଓସ୍ତାଦି ରଖୁଥିବା ଟୁନାନା ଜୀବନ ଯୁଦ୍ଧରେ ବି ଛକା ମାରିଥିଲେ। ଆଉ ଜଣେ ଥିଲେ ଆମ ଗାଁର ମୋବୁନା। ସମସ୍ତେ ତାଙ୍କୁ ମୋବୁ ବୋଲି ଡାକନ୍ତି। ମୋବୁନା ଗୋଟିଏ ଭିନ୍ନ ଚରିତ୍ର। ସମସ୍ତଙ୍କ ପ୍ରିୟ। ତାଙ୍କର ସ୍ୱର୍ଗତ ବାପା ଜଣେ ପ୍ରତିଷ୍ଠିତ ରାଜନେତା। ସମୟକ୍ରମେ ମୋବୁନା ଅଭାବ ଭିତରେ ସଂଘର୍ଷ କରୁଥିଲେ ବି କୋଉଠି ବି ଧନ ସମ୍ପତ୍ତି ପାଇଁ ନିଜର ସ୍ୱାଭିମାନ ହରାଇ ନାହାନ୍ତି। ମୋବୁନା ଠାରୁ ମୋ ଗାଁ ଖଟିରୁ ଆମେରିକା ପର୍ଯ୍ୟନ୍ତ ସବୁ ଖବର ମିଳେ। କେହି କେହି ଏହାକୁ ବିଶ୍ୱାସ କରନ୍ତି , ଆଉ କେହି ଗୁଲି ବି କହନ୍ତି। କିନ୍ତୁ ସମସ୍ତଙ୍କୁ ମୋବୁନାଙ୍କ କଥା ଶୁଣିବାକୁ ଭଲ ଲାଗେ। ଜଣେ ଭଲ ପରାମର୍ଶଦାତା ବୋଲି କେତେକ ଗ୍ରହଣ କରନ୍ତି।

ତିନିଜଣ ଯାକ ୨୭.୦୪.୨୬ ରିଖରେ ଗୋଟିଏ କାରରେ ବାହାରିଲେ କରଂଜିଆ। ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାରେ ଖୁବ ଜୋରରେ କାର ସହ ଏକ ବସର ଧକ୍କା ଦେଲା। ଦୁର୍ଘଟଣାରେ ନୀଳ ସାହୁ (ନୀଳଭାଇ) , ପ୍ରକାଶ ବଳସାମନ୍ତ (ଟୁନାନା) ,ସଂଜୟ ବଳ (ମୋବୁନା) ତିନିଜଣଙ୍କ ମୃତ୍ୟୁ ଖବର ମୋ ଗାଁ ନୁହେଁ ଏ ଅଂଚଳର ବୁକୁ ଥରାଇ ଦେଲା। ଟୁନାନାଙ୍କ ନୂଆ ବେପାର ଆରମ୍ଭ କରିବାକୁ ଯାଉଥିବା ବେଳେ ନୀଳ ଭାଇ ଓ ମୋବୁନା ତାଙ୍କ ସହ ବନ୍ଧୁ ଭାବେ ଯାଇଥିଲେ। ଭଗବାନ ଏମିତି କାହିଁକି କଲେ ବୋଲି ପ୍ରତ୍ୟେକ ପରସ୍ପରକୁ କୁହାକୁହି ହେଉଥିଲେ। ସମସ୍ତେ ନିର୍ବାକ ଥିଲେ। ସହର ପରି କେବଳ ବସ୍ତୁବାଦୀ ଚିନ୍ତାଧାରା ବାସ୍ତବତାର ଶିକୁଳି ଭିତରେ ଗାଁ ର ଜୀବନ ବନ୍ଧା ପଡେନାହିଁ। ଗାଁ ଭିତରକୁ ଏବେ ସହରି ଚଳଣି , ହୀନ ରାଜନୀତି ଅନୁପ୍ରବେଶ କରିଥିଲେ ବି ଗାଁର ଆବେଗ, ଭାଇଚାରାକୁ ନେଇ ସୃଷ୍ଟି ହେଉଥିବା ଭାବପ୍ରବଣତା ଭରି ରହିଥାଏ। ସମସ୍ତ ପ୍ରକାର ବିବାଦ ଓ ଭିନ୍ନମତର ଅନ୍ଧକାର ଭିତରେ ବି ଗାଁରେ ଆତ୍ମୀୟତାର ଆଲୁଅ ଧପ ଧପ ହୋଇ ଜଳୁଥାଏ। ତିନୋଟି ପରିବାର ସର୍ବସ୍ୱାନ୍ତ ହୋଇଗଲେ। ଯୁବକ ପିତାକୁ ହରାଇ ପିଲାମାନେ ବାପ ଛେଉଣ୍ଡ ବି ହେଲେ। ଦୁଇଜଣ ପତ୍ନୀ ନିଜର ସ୍ୱାମୀକୁ ଓ ଭାଇମାନେ ଭାଇକୁ ହରାଇଲେ। କେହି କେହି ଏ ଗାଁକୁ ଅକାଳ ଓ ବିପତ୍ତି ପଡିଛି ବୋଲି କହିଲେ। ଅଧା ବୟସରେ ଅନେକ ମରଣକୁ ଏ ଗାଁ ଦେଖିଛି। ସେଥିପାଇଁ ବୁକୁ ଫଟାଇ କାନ୍ଦିଛି। ହେଲେ ଏ ମରଣରେ ମୋ ଗାଁ ମଶାଣୀ, ମୋ ଗାଁର ଠାକୁରାଣୀ ମା କାଳିଆଶୁଣୀ, ମୋ ଗାଁ ଠାକୁର ମହାପ୍ରଭୁ ଶ୍ରୀ ଶ୍ରୀ ରାଧାକୃଷ୍ଣଙ୍କ ମୁହଁ ବି ମଳିନ ପଡି ଯାଇଥିବା ଭଳି ତାଙ୍କର ଭକ୍ତ ମାନେ କୁହାକୁହି ହେଉଥିଲେ।

ବିଧିର ବିଧାନ ବଡ ବିଚିତ୍ର। ସମସ୍ତଙ୍କ ମନକଥା ବୁଝି ପାରୁଥିବା ନୀଳ ଭାଇ ଶରୀର ତ୍ୟାଗ ପରେ ବି ସେମିତି ସେଇ କାରରେ ବସି ରହିଥିଲେ। ହେଲେ ତାଙ୍କର ଶରୀରରୁ ପ୍ରାଣ ଚାଲି ଯାଇଥିଲା। କେହି କେହି କହୁଥିଲେ- ଭାଉଜ ନୀଳଭାଇଙ୍କୁ ଛାଡି ରହି ପାରିଲେ ନାହିଁ। ତାଙ୍କୁ ନେଇଗଲେ। କ୍ରିକେଟ ପଡିଆରେ ଭଲ ଛକା ମାରିବା ପରି ନିଜ ଜୀବନ ରାସ୍ତାରେ ଛକା ମାରୁ ମାରୁ ହଠାତ ଆମ ଟୁନାନାଟା ବାଉଣ୍ଡରୀରୀ ଉପରେ କ୍ୟାଚ ଆଉଟ ହୋଇଗଲା। ଆଉ ସମସ୍ତଙ୍କୁ ରାଜନୀତିର ନୂଆ ନୂଆ ଚମତ୍କାର କଥା କହୁଥିବା ମୋବୁନା ନିଜେ ଅଧାଗଢା କାହାଣୀ ହୋଇଗଲା। କାଳଯମ ବଡ ଦାରୁଣ ହୋଇ ବାଛିନେଲା କଂଚା। ବେଙ୍ଗ କହେ ବେଙ୍ଗୁଲି ଲୋ ପୃଥ୍ୱୀ କ୍ଷଣ କ୍ଷଣକେ ଆନ। ନୀଳଭାଇ, ଟୁନାନା, ମୋବୁନାଙ୍କ ପରି ଭଲ ଆତ୍ମା ଗୁଡିକୁ ଆଉ ଏକ ଜନ୍ମର ଇଂନିସ ସେପଟେ ହାତ ଠାରି ଡାକୁଥିଲା। ଠିକ ସେତିକି ବେଳେ ମୋର ବନ୍ଧୁ କାର୍ତ୍ତିକ ସ୍ୱାଇଁ ଫୋନ କରି ନୀଳ ଭାଇର ସ୍ମୃତି ଉଜାଗର କରୁଥିଲେ। ସେ ମାତ୍ର କେଇଦିନ ପୂର୍ବରୁ ତାର ଦୋକାନ ଦେଇ ଯାଉଥିବା ବେଳେ ତାକୁ ନୀଳ ଭାଇ ଖୁବ ଜୋରରେ ଡାକି, ତୁ ହାତ ହୋନା କହି , ତା ପାଟିରେ ଗୋଟିଏ ବରା ଖୋଇ ଦେବାର ଅମୃତ ପ୍ରେମକୁ ବଖାଣୁଥିଲେ। ମୋ ଆଖିରୁ ନିଗିଡି ଯାଉଥିବା ଲୁହ କହୁଥିଲା- ପ୍ରାଣୀର ଭଲ ମନ୍ଦ ବାଣୀ ମରଣ କାଳେ ତାହା ଜାଣି। ଦେଇଥିଲେ ପାଇ ନ ଦେଇଥିଲେ... । ଜୀବନର ଅସ୍ତିତ୍ୱ କିଛି ନୁହେଁ, ଏଇ ଅଛି ଏଇ ନାହିଁ, କେବଳ ପାଣି ଫୋଟକା ବୋଲି ଏଭଳି ଘଟଣା ସୂଚନା ଦେଉଥିଲା। କିଏ ଜାଣେ କେତେବେଳେ କାହାକୁ ନେବ- ଏଇ 'କାଳଯମ'।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



# ସ୍କୁଲ୍ ଅଫ୍ ଏଜୁକେସନ୍‌ରେ ଶିକ୍ଷକ ନିଯୁକ୍ତିରେ ଅନିୟମିତତା ଅଭିଯୋଗ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ବିଶ୍ୱବିଦ୍ୟାଳୟ ଅଧିନରେ ଚାଲିଥିବା ସେଲ୍ଫ ଫାଇନାନ୍ସ କୋର୍ସ ସ୍କୁଲ୍ ଅଫ୍ ଏଜୁକେସନ୍ ବିଭାଗରେ ଗତ ୪ ବର୍ଷ ହେଲା ଆବଶ୍ୟକ ଯୋଗ୍ୟତା ନଥାଇ ଦୁଇ ଜଣଙ୍କୁ ପ୍ରାଧ୍ୟାପକ ଭାବେ ନିଯୁକ୍ତି ଦିଆଯାଇଥିବା ବିଭାଗରେ କାର୍ଯ୍ୟରତ ଥିବା ଜଣେ ପୂର୍ବତନ ପ୍ରାଧ୍ୟାପକ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ ସ୍କୁଲ୍ ଅଫ୍ ଏଜୁକେସନ୍ ବିଭାଗରେ ବିଭୂ କଲ୍ୟାଣ ସାମନ୍ତ ପ୍ରାଧ୍ୟାପକ ଭାବରେ କାର୍ଯ୍ୟ କରୁଥିଲେ । କିନ୍ତୁ ଗତ କିଛି ମାସ ତଳେ ତାଙ୍କୁ ଜନୈକ ଅଧିକାରୀ ୪ ଲକ୍ଷ ଟଙ୍କା ମାଗିବା ସହ ଟଙ୍କା ନଦେଲେ ପୁନଃ ନିଯୁକ୍ତି ଦିଆଯିବନାହିଁ ବୋଲି କହିଥିଲେ । ସେ ଟଙ୍କା ଦେବାକୁ ଅସମର୍ଥ ହେବାରୁ ତାଙ୍କୁ ଆଉ ନିଯୁକ୍ତି ଦିଆଯାଇନଥିଲା । କିନ୍ତୁ ଗତ ୪ ବର୍ଷ ହେବ ଦୁଇ ଜଣ ବିନା ଶିକ୍ଷାଗତ ଯୋଗ୍ୟତାରେ ବିଭାଗରେ ଚାକିରୀ କରିଆସୁଛନ୍ତି । ଜଣେ ଜନୈକ ପ୍ରାଧ୍ୟାପକଙ୍କ ସମ୍ପର୍କୀୟ ହୋଇଥିବା ବେଳେ ତାଙ୍କର କେବଳ ଏମ୍ଏ ବିଇଡ଼ି ଶିକ୍ଷାଗତ ଯୋଗ୍ୟତା ନଥିବା ବେଳେ ଅନ୍ୟ ଜଣେ ପୂର୍ବତନ କୁଳପତିଙ୍କ ସମ୍ପର୍କୀୟ ବୋଲି କୁହାଯାଉଛି । ତାଙ୍କର ମଧ୍ୟ ଶିକ୍ଷାଗତ ଯୋଗ୍ୟତା କେବଳ ଏମ୍ଏ ହୋଇଥିବା ଅଭିଯୋଗ ହୋଇଛି । ସୂଚନାଯୋଗ୍ୟଯେ, ସ୍କୁଲ ଅଫ୍ ଏଜୁକେସନ୍ ବିଭାଗରେ ଶିକ୍ଷକ ଭାବେ ନିଯୁକ୍ତି ପାଇବା ନିମନ୍ତେ ଏମ୍ଏବିଇଡ଼ି ସହ ନିଟ୍ କିମ୍ବା ପିଏଚ୍ଇଡ଼ି ଏବଂ ଏମ୍ଇଡ଼ି ଶିକ୍ଷାଗତ ଯୋଗ୍ୟତା ଥିବା ଗାଇଡ୍‌ଲାଇନ୍ ରହିଥିବା ବେଳେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ କିପରି ଗତ ୪ ବର୍ଷ ହେଲା ଏପରି ନିଯୁକ୍ତି ଦିଆଯାଇଛି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସମ୍ପୃକ୍ତ ଶିକ୍ଷକମାନେ ମାସିକ ୩୫ ହଜାର ଟଙ୍କା ଦରମା ପାଇଆସୁଥିବା ବେଳେ ଶିକ୍ଷାଗତ ଯୋଗ୍ୟତା ନଥାଇ ବିଇଡ଼ି ପାଠ ପଢ଼ାଉଥିଲେ ବୋଲି ମତପୋଷଣ ପାଇଛି । ଏ ସମ୍ପର୍କରେ ଭାରପ୍ରାପ୍ତ କୁଳପତି ଦାୟିତ୍ୱରେ ରହିଥିବା ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅମିତା ସାହୁ କହିଛନ୍ତି ଯଦି କିଛି ଅନିୟମିତତା ହୋଇଥିବା ଜଣାପଡ଼ିବ, ସେତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି ପରିଦର୍ଶନ ଗୃହ !

**ଉମରକୋଟ, ନ୍ୟୁଜ୍ ବ୍ୟୁରୋ**



ଉମରକୋଟ ଗ୍ରାମ୍ୟ ଉନ୍ନୟନ ଓ କୋଠା ବାଡ଼ି ବିଭାଗ ଦ୍ୱାରା ତିଆରି କରାଯାଇଥିବା ପରିଦର୍ଶନ ଗୃହ ଏବେ ପାଲଟିଛି ଅସମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ। ଉପରମହଲା ଉପରେ ତିନୋଟି ଗୃହ ଥିଲାବେଳେ ସବୁ ବଖରାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ । ପ୍ରଥମ ପ୍ରବେଶ ଦ୍ୱାର ସମ୍ପୂର୍ଣ୍ଣ ମୁକୁଳା ଥିବାବେଳେ ବାକି ସବୁ କୋଠରୀର ଅବସ୍ଥା ସମାନ । ଯେଉଁଠି ଆଖି ବୁଲେଇବେ ସେଠି ଭଙ୍ଗା କାଚ, ଗୁଟ୍‌ଖା ଜରି, ଅଧା ଲଗା ସିଗାରେଟ୍, ଡିଆସିଲ ଖୋଳ, ନିଶା ସେବନ ଉଦ୍ଦିଷ୍ଟ ସିଲ୍‌ଭର୍ ଜରି, ପ୍ଲାଷ୍ଟିକ ଗ୍ଲାସ୍, ପାଣି ବୋତଲ ପରି ସାମଗ୍ରୀ ଏଣେ ତେଣେ ପଡିଛି । ଶୋଇବା ଉଦ୍ଦିଷ୍ଟ ବଖରାର ଚଟାଣ ଉପରେ ସ୍ଥାନେ ସ୍ଥାନେ ପୋଡା ଜଳା ମଧ୍ୟ ହେଇଛି । ଖାଲି ସେତିକି ନୁହେଁ କୋଠରୀ ମଧ୍ୟରେ ଏକ କାଠ ଖଟ ଉପରେ ଅତି ଅପରିଷ୍କାର ଗଦି ବି ପଡିଛି । ଗୃହ ଭିତରେ ଆସବାବ ପତ୍ର ବିଶେଷ କିଛି ନଥିଲେ ମଧ୍ୟ ଶୌଚାଳୟ ଓ ବେସିନ୍ ଭାଙ୍ଗିରୁଜି ଯାଇଛି । ବିଶେଷ କରି ଉମରକୋଟ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ଏହି କୋଠାଟି କିଛି ମାସ ପୂର୍ବରୁ ପୁନଃ ନିର୍ମାଣ କରାଯାଇଥିଲା । ଏହି କୋଠାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଭାଗ ଦ୍ୱାରା ପ୍ରସ୍ତୁତ ହେଉଥିବା ରାସ୍ତା ଗୁଡିକର ମାନ ଯାଞ୍ଚ ସମୟରେ ଆସୁଥିବା କେନ୍ଦ୍ରୀୟ ପଦାଧିକାରୀ କିମ୍ବା ବିଭାଗର ଉଚ୍ଚଅଧିକାରୀଙ୍କ ରାତ୍ର ବିଶ୍ରାମସ୍ଥଳୀ । ଏମିତି ଅବ୍ୟବସ୍ଥା ଓ ନିର୍ମାଣ ବିଭାଗର ଦାୟିତ୍ୱହୀନତା ସମ୍ପର୍କରେ ସୂଚନା ଦେବାରୁ ଉମରକୋଟ ସହକାରୀ ନିର୍ବାହୀ ଅଧିକାରୀ କୃଷ୍ଣପ୍ରିୟା ଗମାଙ୍ଗ ପ୍ରଥମେ ବିରକ୍ତି ପ୍ରକାଶ କରି ଫଟୋ କାଢିଥିବା ବ୍ୟକ୍ତିଙ୍କ ବିରୋଧରେ ଥାନାରେ ଲିଖିତ ଅଭିଯୋଗ କରିବେ ବୋଲି କହିଥିଲେ । ସେ ଗୃହଟି କେବଳ ଆମ କାର୍ଯ୍ୟାଳୟର ଅତିଥିମାନଙ୍କ ପାଇଁ ବ୍ୟବହାର ହେଉଛି ବୋଲି ସଫେଇ ଦେଇ ସିଧାସଳଖ ଏଡ଼େଇ ଯାଇଥିଲେ । କାରଣ ପଚାରିବାରୁ ସେ ଗୃହକୁ ଅନାଧିକାର ପ୍ରବେଶ ନିଷିଦ୍ଧ ବୋଲି ଜଣାଇଥିଲେ । ହେଲେ ପ୍ରଶ୍ନ ଉଠୁଛି ବିଭାଗ ଦ୍ୱାରା ତିଆରି କରାଯାଇଥିବା ଗୃହକୁ ଅନୁପଯୋଗୀ କରି ଦୀର୍ଘ ମାସ ହେବ ଖୋଲା ମେଲା ଛାଡି ଦେବା କେଉଁ ସରକାରୀ ଅଧିକାରୀଙ୍କ ଦାୟିତ୍ୱ ସମ୍ପନ୍ନ କାମ । ଅସାମାଜିକ ଆଡ୍ଡା ପାଲଟିଥିବା ଗୃହକୁ କାହିଁକି ଦୀର୍ଘ ଦିନ ହେଲା ଖୋଲା ଛଡାଯାଇଛି । କାହା ବଳରେ ବଳିୟାନ୍ ହେଇ ସହକାରୀ ଯନ୍ତ୍ରୀ କାର୍ଯ୍ୟରତ ସାମ୍ବାଦିକଙ୍କୁ ନାଲି ଆଖି ଦେଖାଉଛନ୍ତି । ପୁରା ଘଟଣା ସନ୍ଦେହ ଘେରରେ ।

# ପରିବା ଚାଷ କରି ଉଦାହରଣ ସୃଷ୍ଟି କରିଛନ୍ତି ସଞ୍ଜୟ

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ପନିପରିବା ଚାଷ କରି ଅଞ୍ଚଳରେ ଉଦାହରଣ ସୃଷ୍ଟି କରିଛନ୍ତି ବଲାଙ୍ଗୀର ଜିଲ୍ଲା ଆଗଲପୁର (ଡୁଡୁକା) ବ୍ଲକ ବଡ଼ଟିକା ଗାଁର ଚାଷୀ ସଞ୍ଜୟ ପଧାନ । ପ୍ରାୟ ୮୦ ଏକର ଜମିରେ ବାଇଗଣ, ଟମାଟୋ, କଲରା, କାକୁଡି, ଲାଉ, କଖାରୁ, ଗେଣ୍ଡୁ ଫୁଲ ଚାଷ ସହିତ ୬ ଏକର ଜମିରେ ଉନ୍ନତମାନର ଚିଜୁଳି ଲଗେଇଛନ୍ତି । ଯାହା ବର୍ଷ ସାରା ଅମଳ ଦେଉଛି । ସେ ଯେଉଁ ଚାଷ କରନ୍ତି ୫ ଏକରରୁ ଉର୍ଦ୍ଧ୍ୱ କରନ୍ତି ସେଥିପାଇଁ ତାଙ୍କୁ ଅଧିକ ଲାଭ ମିଳେ ଓ ସେ ସଫଳ ହୁଅନ୍ତି । ଧାନ ଚାଷ ଠାରୁ ପନିପରିବା ଚାଷରୁ ଅଧିକ ଲାଭ ମିଳୁଥିବାରୁ ସଞ୍ଜୟ ପରିବା ଚାଷକୁ ବେଶୀ ପ୍ରାଧାନ୍ୟ ଦେଉଥିବା କହିଛନ୍ତି । ପ୍ରତିଦିନ ତାଙ୍କଠାରୁ ୨ ଟ୍ରକ୍ ପନିପରିବା ବାହାରକୁ ଯାଉଛି ଏବଂ ଆଗଲପୁର ଓ ଲୋଇସିଂହା ଅଞ୍ଚଳର ୧୦୦ ଜଣ ପୁରୁଷ ମହିଳା ମିଶି କ୍ଷେତରେ କାମ କରି ପରିବାର ପ୍ରତିପୋଷଣ କରୁଛନ୍ତି । ଦାଦନ ପ୍ରବଣ ଅଞ୍ଚଳ ହୋଇଥିବାରୁ କିଛି ଲୋକଙ୍କୁ ଦାଦନ ଖଟି ଯିବାରୁ ରୋକି ରୋଜଗାର ଦେଇଥିବାରୁ ସଞ୍ଜୟଙ୍କୁ ଅଞ୍ଚଳରେ ବହୁ ପ୍ରଶଂସା ମିଳୁଛି । ଆଗାମୀ ବର୍ଷ ଛତୁ ଚାଷ ଓ କୁକୁଡ଼ା ଫାର୍ମ ଆରମ୍ଭ ହେଲେ ୫୦୦ ଲୋକଙ୍କୁ ରୋଜଗାର ଦେବାକୁ ଲକ୍ଷ୍ୟ ରଖିଛି ବୋଲି ସଞ୍ଜୟ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ଏବେ ବର୍ଷ ସାରା ପନିପରିବାର ଚାହିଦା ରହୁଥିବାରୁ ଏଇ ଚାଷ କରି ଦିନକୁ ଲକ୍ଷେ ଟଙ୍କାରୁ ଅଧିକ ରୋଜଗାର କରି କୋଟିପତି ହୋଇପାରିଛି ବୋଲି ସଞ୍ଜୟ କହିଛନ୍ତି । ଏଥିରେ ତାଙ୍କ ପୁଅ ତାଙ୍କୁ ସହଯୋଗ କରିବା ସହିତ ଜଣେ ମ୍ୟାନେଜର ସବୁ ବୁଝାବୁଝି କରନ୍ତି । ବିହନ ସମ୍ପର୍କରେ ପଚରା ଯିବାରୁ ବିହନ ଉପରେ ନିର୍ଭର ନକରି ରାୟପୁରର ଏକ ନର୍ସରିରୁ ଉନ୍ନତ ମାନର ଚାରା ଆଣି ଲଗେଇଥାନ୍ତି ଓ ଏହା ମୋତେ ଆହୁରି ଲାଭବାନ କରାଉଛି ବୋଲି ସଞ୍ଜୟ କହିଛନ୍ତି । ଜିଲ୍ଲାର ସଫଳ ଚାଷୀ ଭାବରେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ମଧ୍ୟ ସେ ପୁରସ୍କାର ପାଇଛନ୍ତି । ଜଳସେଚନ ପାଇଁ ୪ଟି ପୋଖରୀ ଓ ୪ଟି ବୋରୱେଲ ଖୋଳିଛନ୍ତି ଓ ସମସ୍ତ ଚାଷକୁ ବୁନ୍ଦା ଜଳସେଚନର ବ୍ୟବସ୍ଥା କରିଛନ୍ତି । ଏବେ ନୂତନ ଜ୍ଞାନକୌଶଳରେ ଚାରା ଉତ୍ପାଦନ, ଯନ୍ତ୍ର, ଜଳସେଚନ, କୀଟନାଶକ ସିଞ୍ଚନ ବ୍ୟବସ୍ଥା ହୋଇଥିବାରୁ ବେଶ୍ ସହଜ ହୋଇପାରୁଛି ବୋଲି କହିଛନ୍ତି । ତେଣୁ କୃଷି ବିଭାଗ କିମ୍ବା ଉଦ୍ୟାନ ବିଭାଗରୁ କିଛି ପ୍ରୋତ୍ସାହନ ମିଳିଲେ ଆହୁରି ଭଲ ହୁଅନ୍ତା ବୋଲି ସଞ୍ଜୟ କହିଛନ୍ତି ।

## ////////////////// ଜଗତସିଂହପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ //////////////////

# ୧୧୦୦ ମାମଲା ଫଇସଲା:୧,୧୪,୯୬,୪୭୦ ଟଙ୍କା ଆଦାୟ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**



ଜଗତସିଂହପୁର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ତରଫରୁ ଜିଲ୍ଲା ଅଦାଲତରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଅଦାଲତ ନିବନ୍ଧକ ତଥା ଭାରପ୍ରାପ୍ତ ପ୍ରାଧିକରଣ ସଚିବ ବିଶ୍ୱକଳ୍ପିତା ମହାନ୍ତିଙ୍କ ତତ୍ତ୍ୱାବଧାନରେ ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଏହି ଲୋକ ଅଦାଲତରେ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ସହ ପରିବାର ଅଦାଲତ ଜଜ୍ ରଶ୍ମିତା ଦଳେଇ, ଅତିରିକ୍ତ ଜିଲ୍ଲା ଜଜ୍ ହରପ୍ରସାଦ ପଟ୍ଟନାୟକ, ମହିଳା ଅଦାଲତ ବିଚାରପତି ପ୍ରଜ୍ଞା ପରମିତା ମହାପାତ୍ର, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ନରୋତ୍ତମ ସେଠୀ, ସବ୍ ଜଜ୍ ରାକେଶ କୁମାର ମୁଦୁଲି,ଏସ୍.ଡି.ଜେ.ଏମ୍ ପ୍ରତ୍ୟୁଷ କୁମାର ଚାନ୍ଦ, ମୁନଶିଫ ସଂକେତ ସାମଲ, ଜେଏମ୍ଏଫ୍ସି ଅଙ୍କିତ ଦେୱାଙ୍ଗନ ପ୍ରମୁଖ ଯୋଗଦେଇ ମାମଲା ଗୁଡିକର ପରିଚାଳନା କରିଥିଲେ । ସେହିପରି କୁଜଙ୍ଗ, ତିର୍ତ୍ତୋଲ ଓ ଏରସମା ତାଲୁକ ଆଇନ୍ ସେବା କମିଟି ପକ୍ଷରୁ ଅତିରିକ୍ତ ଜିଲ୍ଲା ଜଜ୍ ଦୀପ୍ତି ପ୍ରକାଶ ବ୍ରହ୍ମା, ସବ୍ ଜଜ୍ ଅବକାଶ ଚୌଧୁରୀ, ଜେଏମ୍ଏଫ୍ସି ସିଓନା ସିଦ୍ଧାର୍ଥ ମହାରଣା, ରାଜେଶ ମିଶ୍ର, ସସ୍ମିତା ଶେଠୀ ଓ ରୋଶ୍ନିବାଲା ସେନାପତିଙ୍କ ଅଧ୍ୟକ୍ଷତାରେ କୁଜଙ୍ଗ, ତିର୍ତ୍ତୋଲ, ରଘୁନାଥପୁର ଓ ଏରସମା ଅଦାଲତରେ ମଧ୍ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି ଓ ଦୁର୍ଘଟଣା ଜନିତ ମୋକଦ୍ଦମାର ବିଚାର ପାଇଁ ଉଦ୍ଦିଷ୍ଟ ବେଞ୍ଚରେ ପବ୍ଲିକ୍ ପ୍ରୋସେକ୍ୟୁଟର ତପନ କୁମାର ପାଲ, ଡଃ ସିଦ୍ଧାର୍ଥ ଶଙ୍କର ମହାନ୍ତି ଏବଂ ଆଇନଜୀବୀ ଅଶୋକ କୁମାର ଜେନା, ସଭ୍ୟ ଭାବେ ମୋକଦ୍ଦମା ପରିଚାଳନା କରିଥିଲେ । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରଧିନ ମୋକଦ୍ଦମା ଯଥା ଫୌଜଦାରି (ସାଲିସ୍ ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ରାଜସ୍ୱ, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବୈବାହିକ ବିବାଦ ଓ ଅନ୍ୟାନ୍ୟ ଦିୱାନୀ ମୋକଦ୍ଦମା ସହିତ ଜିଲ୍ଲାରେ ଥିବା ବ୍ୟାଙ୍କ ଋଣ ସମ୍ବନ୍ଧିୟ ପ୍ରାକ୍ ମୋକଦ୍ଦମା ଆଦି ମଧ୍ୟ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଫଇସଲା ହୋଇଛି । ଜିଲ୍ଲାରୁ ମୋଟ୍ ୧୮୨୨ ମାମଲାରୁ ୧୧୦୦ଟି ସଫଳତାର ସହ ଫଇସଲା ହେବା ସହିତ ୧ କୋଟି ୧୪ ଲକ୍ଷ ୯୬ ହଜାର ୪୭୦ ଟଙ୍କା ଆଦାୟ କରାଯାଇଛି । ସେହିପରି ବ୍ୟାଙ୍କ ଋଣ ସମ୍ବନ୍ଧିୟ ପ୍ରାକ୍ ମୋକଦ୍ଦମାରେ ୩୧୫୫ଟି ମାମଲାରୁ ୮୭ଟି ସଫଳତାର ସହ ଫଇସଲା ହେବା ସହିତ ୧୮ ଲକ୍ଷ ୫୧ ହଜାର ୭୮୦ ଟଙ୍କା ଋଣ ଆଦାୟ କରାଯାଇଛି । ଜଗତସିଂହପୁର ଜିଲ୍ଲା ଅଦାଲତ ସମେତ କୁଜଙ୍ଗ, ତିର୍ତ୍ତୋଲ, ରଘୁନାଥପୁର, ଏରସମା ଅଦାଲତ ଏବଂ ଜିଲ୍ଲାର ସମସ୍ତ ତହସିଲ କାର୍ଯ୍ୟାଳୟରେ ମଧ୍ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି ଏବଂ ମୋକଦ୍ଦମା ଗୁଡିକର ଫଇସଲା କରାଯାଇ ଟଙ୍କା ଆଦାୟ କରାଯାଇଛି ।

# 'ସ୍ୱାଧୀନତା ସଂଗ୍ରାମ ପାଇଁ ଗାନ୍ଧିଜୀଙ୍କୁ ପ୍ରେରଣା ଦେଇଥିଲେ ଗୋପାଳକୃଷ୍ଣ ଗୋଖଲେ'

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**




ମହାନ୍ ରାଷ୍ଟ୍ର ନାୟକ, ମହାତ୍ମା ଗାନ୍ଧୀଙ୍କ ରାଜନୈତିକ ଗୁରୁ ତଥା ସର୍ବପୁରାତନ ସର୍ବଭାରତୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହିନ୍ଦ୍ ସେବକ ସଂଘର ପ୍ରତିଷ୍ଠାତା ମହାମନା ଗୋପାଳକୃଷ୍ଣ ଗୋଖଲେଙ୍କ ୧୬୦ତମ ଜୟନ୍ତୀ ସ୍ଥାନୀୟ ଶିଶୁ ସଦନରେ ପାଳିତ ହୋଇଯାଇଛି । ହିନ୍ଦ୍ ସେବକ ସଂଘ ଓଡ଼ିଶା ଶାଖା ତରଫରୁ ସଂଗଠନର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁଙ୍କ ପୌରୋହିତ୍ୟରେ ଶନିବାର ସନ୍ଧ୍ୟାରେ ଆୟୋଜିତ ଏହି ଉତ୍ସବରେ ସୁପ୍ରତିଷ୍ଠିତ ଗବେଷକ, ପ୍ରାବନ୍ଧିକ ତଥା ଶିକ୍ଷାବିତ୍ ଡ. ଅଜୟ କୁମାର ପଣ୍ଡା ଅତିଥି ଭାବେ ଯୋଗଦେଇ ମହାମନା ଗୋଖଲେଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରି ସ୍ୱାଧୀନତା ସଂଗ୍ରାମ ପାଇଁ ମହାତ୍ମା ଗାନ୍ଧୀଙ୍କୁ ପ୍ରେରଣା ଦେଇଥିବା ଗୋପାଳକୃଷ୍ଣ ଗୋଖଲେ ସତ୍ୟ ଏବଂ ନିର୍ଭିକତାର ପ୍ରତୀକ ବୋଲି ପ୍ରକାଶ କରିଥିଲେ । ତାଙ୍କ ଜୀବନାଦର୍ଶ ସମ୍ପର୍କରେ ସ୍ମୃତିଚାରଣ ଆଗାମୀ ପୀଢ଼ିକୁ ଦେଶପ୍ରେମ ସମ୍ପର୍କରେ ପ୍ରେରଣା ଯୋଗାଇବ ବୋଲି ମତବ୍ୟକ୍ତ କରିଥିଲେ । ବରିଷ୍ଠ ସାମ୍ବାଦିକ ତଥା ଏସିଆନ୍ ଏଜ୍ ଓ ଡେକାନ୍ କ୍ରୋନିକଲ୍‌ର ଆବାସିକ ସମ୍ପାଦକ ଅକ୍ଷୟ କୁମାର ସାହୁ ଅନ୍ୟତମ ଅତିଥି ଭାବେ ଗୋଖଲେଙ୍କ ବିଚାରଧାରା ଓ କାର୍ଯ୍ୟଶୈଳୀ ସମ୍ପର୍କରେ ଆଲୋଚନା କରି ଭାରତର ସ୍ୱାଧୀନତା ସଂଗ୍ରାମ ପାଇଁ ମହାତ୍ମା ଗାନ୍ଧୀଙ୍କ ଭଳି ଜଣେ ସନ୍ୟାସୀ ତିଆରି କରିବାରେ ଗୋଖଲେଙ୍କ ଆଦର୍ଶ ଓ ପ୍ରେରଣା ପ୍ରମୁଖ ଥିଲା ବୋଲି ମତବ୍ୟକ୍ତ କରିଥିଲେ । ସଂଗଠନର ଆଜୀବନ ସଦସ୍ୟ ଗଙ୍ଗାଧର ସାହୁ ଓଡ଼ିଶା ଶାଖାର ବିଭିନ୍ନ ସେବା କାର୍ଯ୍ୟର ବିବରଣୀ ପାଠ କରିଥିଲେ । ସଂଘର ବରିଷ୍ଠ ସଦସ୍ୟ ରମାକାନ୍ତ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରେ ସମୂହ ବେଦ ଆବୃତି ମଧ୍ୟରେ ଅତିଥିମାନେ ଗୋଖଲେଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶିକ୍ଷାନବିଶ ସୁରଶ୍ରୀ ସୁଧାଂଶୁ ଶେଖର ସାହୁଙ୍କ ପରିଚାଳନାରେ ଶିଶୁସଦନର ଅନ୍ତେବାସୀମାନେ ପ୍ରାରମ୍ଭିକ ଓ ଉଦ୍‌ଯାପନୀ ସଂଗୀତ ପରିବେଷଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ, ଶିକ୍ଷାବିତ, ସାହିତ୍ୟକାର, ରାଜନେତା, ସମାଜସେବୀଙ୍କ ସମେତ ବରିଷ୍ଠ ନାଗରିକମାନେ ଯୋଗ ଦେଇଥିଲେ ।

# ଅଫୁଟା ବାଣ ସଂସ୍ପର୍ଶରେ ଆସି ୨ ଭଉଣୀ ଗୁରୁତର

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ତିହିଡ଼ି ଥାନା କାଁପଡ଼ା ପଞ୍ଚାୟତ ଅଧିନ ଦପା ଗ୍ରାମରେ ରବିବାର ଅଫୁଟା ବାଣ ସଂସ୍ପର୍ଶରେ ଆସି ୨ ଭଉଣୀ ଗୁରୁତର ଆହତ ହୋଇଛନ୍ତି । ସେମାନେ ହେଉଛନ୍ତି ଫକୀର ଦାସଙ୍କ ଝିଅ ଲକ୍ଷ୍ମୀ (୮) ଏବଂ ସଖୀ (୫) । ଜଣାଯାଇଛି ଯେ, ଶନିବାର ରାତିରେ ଗ୍ରାମରେ ଏକ ବିବାହ ଶୋଭାଯାତ୍ରାରେ ରୋଷଣୀ ଜଳାଯିବା ସହିତ ବାଣ ଫୁଟାଯାଇଥିଲା । ତେବେ ବାଣ ଭିତରୁ କିଛି ଅଫୁଟା ରହିଯାଇଥିଲା । ଲକ୍ଷ୍ମୀ ଓ ସଖୀ ସେହି ବାଣରେ ନିଆଁ ଲଗାଇ ଫୁଟାଉଥିବା ବେଳେ ହଠାତ୍ ନିଆଁ ଉଠି ୨ ଭଉଣୀଙ୍କ ମୁହଁ ଜଳି ଯାଇଥିଲା । ଯାହାଫଳରେ ସେମାନେ ଗୁରୁତର ହେବାରୁ ୨ ଭଉଣୀଙ୍କୁ ଚିକିତ୍ସା ନିମନ୍ତେ ତିହିଡ଼ି ଡାକ୍ତରଖାନାରେ ଭର୍ତି କରାଯାଇଥିଲା । ସେଠାରୁ ତାଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାଯାଇଛି ।

# ବରିଷ୍ଠ ନାଗରିକଙ୍କୁ ନାଗରିକ ସମ୍ମାନ ପ୍ରଦାନ

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**



ପଲ୍ଲୀ ବିକାଶରେ ପ୍ରତିଭାର ସ୍ୱର ମାଧ୍ୟମରେ ଭୁରୁଗାଁ ଗ୍ରାମର ବରିଷ୍ଠ ନାଗରିକ ମାନଙ୍କୁ ସମ୍ମାନ ଦେବା ପାଇଁ ଚଳିତ ବର୍ଷ ଉପେନ୍ଦ୍ରନାଥ ସାଂସ୍କୃତିକ ପରିଷଦ, ବରୀ ପକ୍ଷରୁ ଏହାର ବାର୍ଷିକ ଉତ୍ସବ ଅବସରରେ ସାମୂହିକ ପ୍ରତିଭା ସମ୍ମାନ ପ୍ରଦାନ ମହାସମାରୋହରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଯାଜପୁର ସାଂସଦ ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିବା ସହ ସ୍ୱର୍ଗତ ଉପେନ୍ଦ୍ରନାଥଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅନୁଷ୍ଠାନ ସଭାପତି ଡାକ୍ତର ରାଜକିଶୋର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ବର୍ଦ୍ଧନା ପର୍ବରେ ବିଶିଷ୍ଟ ଶିକ୍ଷାବିତ୍ ସୀତାକାନ୍ତ ପଣ୍ଡା, ବିଜୟ କୁମାର ଦାଶ, ସୁବାସ ବିଶ୍ୱାଳ, ଗଗନ ବିହାରୀ ଜେନା ପ୍ରମୁଖ ମଞ୍ଚାସୀନ ରହି ପ୍ରତିଭା ସମ୍ମାନରେ ସହଯୋଗ କରିଥିଲେ। ନିଜ ପିତା ସ୍ୱର୍ଗତ ଉପେନ୍ଦ୍ରନାଥଙ୍କ ମାର୍ଗରେ ସତ୍ ପଥରେ ସେ ସର୍ବଦା ନିଜ କର୍ତ୍ତବ୍ୟ ସମ୍ପାଦନ କରିଚାଲିଛନ୍ତି ଓ ଆଗକୁ କରିଚାଲିବେ ବୋଲି ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ ଡାକ୍ତର ପଣ୍ଡା। ଏହି ଗାଁର ବିକାଶର ସାରଥୀ ଗ୍ରାମବାସୀ ଓ ଆଗକୁ ଆହୁରି ବିକାଶ ହେବ ବୋଲି ଡାକ୍ତର ପଣ୍ଡା ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ବରିଷ୍ଠ ନାଗରିକ ମାନଙ୍କୁ ପ୍ରାରମ୍ଭିକ ପର୍ଯ୍ୟାୟରେ ନାଗରିକ ସମ୍ମାନ ପ୍ରଦାନ କରାଯାଇଛି, ଆଗାମୀ ଦିନରେ ଏହାକୁ ବ୍ୟାପକ କରାଯିବ ବୋଲି ଡାକ୍ତର ପଣ୍ଡା କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ପଣ୍ଡାଙ୍କ କନିଷ୍ଠ ଭ୍ରାତା, ପୁତ୍ର ବଧୂ, ଝିଅ ଓ ପରିବାର ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସମାଜସେବୀ ସତ୍ୟରଞ୍ଜନ କର ପରିଚାଳନା କରୁଥଲେ ।

# ବଟେଶ୍ୱର ରାସ୍ତା ନିର୍ମାଣରେ ବିଳମ୍ବ:ବିଭାଗୀୟ ଅଧିକାରୀଙ୍କ ତଦନ୍ତ

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଲିବନ୍ଧ ପଞ୍ଚାୟତର କଣ୍ଟିଆଗଡ଼ ନିକଟରେ ପ୍ରସିଦ୍ଧ ବଟେଶ୍ୱର ଶୈବ ପୀଠ ଅନୁଷ୍ଠିତ । ଉକ୍ତ ପ୍ରସିଦ୍ଧ ଶୈବ ପୀଠ ରାସ୍ତା ନିର୍ମାଣ କାର୍ଯ୍ୟ ଅହେତୁକ ବିଳମ୍ବ ନେଇ ପରିଚାଳନା କମିଟିଙ୍କ ସମେତ ଛଅ ଖଣ୍ଡ ଗ୍ରାମବାସୀ ଓ ପର୍ଯ୍ୟଟକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା । ଏନେଇ ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ମଧ୍ୟ ଠିକାଦାର ଏବଂ ବିଭାଗୀୟ ଯନ୍ତ୍ରୀ ଏହାକୁ ଦୃଷ୍ଟି ଦେଇନଥିଲେ । ପରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ହସ୍ତକ୍ଷେପ କରିବା ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଅରବିନ୍ଦ ସ୍ୱାଇଁ, ସହକାରୀ ଯନ୍ତ୍ରୀ ଇନ୍ଦ୍ରଜିତ ସିଂ ଏବଂ କନିଷ୍ଠ ଯନ୍ତ୍ରୀ ସଙ୍ଗୀତା କୁମାରୀ ହାତୀ ପ୍ରମୁଖ ତତ୍ପରତା ଦେଖାଇବା ସହ ରାସ୍ତା ନିର୍ମାଣ ସ୍ଥଳ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ । ଏହାସହ ବିଭାଗୀୟ ଯନ୍ତ୍ରୀମାନେ ମନ୍ଦିର ପରିଚାଳନା କମିଟି ସହ ଆଲୋଚନା କରିଛନ୍ତି । ଆସନ୍ତା ଶ୍ରାବଣ ମାସ ସୁଦ୍ଧା ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ପ୍ରତିଶୃତି ଦେଇଛନ୍ତି । ରାଜପଥ ୧୬କୁ ସଂଯୋଗ ରାସ୍ତା ନିର୍ମାଣଧିନ କାର୍ଯ୍ୟରେ ଅହେତୁକ ବିଳମ୍ବ ଯୋଗୁଁ ପର୍ଯ୍ୟଟକମାନେ ଘୋର ଅସୁବିଧା ସମ୍ମୁଖୀନ ହେଉଥିବାନେଇ ଗତ କିଛିଦିନି ତଳେ ସମ୍ବାଦପତ୍ରରେ ଖବର ପ୍ରକାଶ ପାଇଥିଲା। ଉକ୍ତ ରାସ୍ତା ଉପରେ ଯାତାୟାତ ପାଇଁ ନିର୍ଭର କରିଥିବା ୩ ଗ୍ରାମର ଲୋକଙ୍କୁ ଅସୁବିଧା ଭୋଗିବାକୁ ପଡୁଛି । ଯାହାକୁ ନେଇ ବଟେଶ୍ୱର ଐତିହ ସଂରକ୍ଷଣ କମିଟି ପକ୍ଷରୁ ଅନୁଷ୍ଠିତ ଏକ ବୈଠକରେ ସମସ୍ତେ ଘୋର ଅସନ୍ତୋଷ ପ୍ରକାଶ ପାଉଛି । ଏନେଇ କମିଟି ପକ୍ଷରୁ ଜିଲ୍ଲାପାଳଙ୍କୁ ଅବଗତ କରିବାକୁ ନିଷ୍ପତି ରାସ୍ତାର ନିର୍ମାଣ ପାଇଁ ଦୀର୍ଘ ଦିନ ହେଲା ରାସ୍ତା ପାର୍ଶ୍ୱରେ ଖୋଳି ପକାଯାଇଥିବା ଯୋଗୁଁ ଯାନବାହାନ ଯିବା ଆସିବାରେ ଆସୁଥିବା ସୃଷ୍ଟି ହେଉଛି । ଚାରି ମାସ ହେଲା ଖୋଳି ପଡ଼ିଥିବା ଯୋଗୁଁ ଠିକାଦାର ଜଣକ ଉକ୍ତ କାର୍ଯ୍ୟ ପାଇଁ ତତ୍ପରତା ନଥିବା ଜଣାପଡୁଛି । ଏହା ବିଳମ୍ବ ଯୋଗୁଁ ଦୁର୍ଘଟଣା ମଧ୍ୟ ହେଉଛି । ପର୍ଯ୍ୟଟକ ପ୍ରତ୍ୟେକ ଦିନ ବର୍ତମାନ ଆସୁଥିବା ବେଳେ ରାସ୍ତା ପାଇଁ ସମସ୍ୟା ସୃଷ୍ଟି ହେଉଛି । ପ୍ରକାଶଯୋଗ୍ୟ ଯେ ଉକ୍ତ ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନରେ ରହିଛି । ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ ପାଇଁ ଉକ୍ତ ବିଭାଗ ପକ୍ଷରୁ ଅର୍ଥ ବ୍ୟୟ ବରାଦ ହୋଇଛି । ଟେଣ୍ଡର ମାଧ୍ୟମରେ କାର୍ଯ୍ୟାଦେଶ ପାଇଥିବା ଠିକାଦାର ଜଣକ କିନ୍ତୁ ନିର୍ମାଣ କାର୍ଯ୍ୟରେ ଠିକ୍ ଭାବେ ତ୍ୱରାନ୍ୱିତ କରୁନାହିଁ । ଫଳରେ ନିର୍ମାଣ କାର୍ଯ୍ୟ ବିଳମ୍ବ ହେଉଛି ବୋଲି ବଟେଶ୍ୱର ମନ୍ଦିର ପରିଚାଳନା କମିଟି ପକ୍ଷରୁ ଅଭିଯୋଗ ହୋଇଛି । ରାସ୍ତା ନିର୍ମାଣ ଆରମ୍ଭ ଜୁଲାଇ ୨୦୨୫ରୁ ଆରମ୍ଭ ହୋଇ ଜୁଲାଇ ୨୬ ଶେଷ ହେବା ନେଇ ବୋର୍ଡ ସୂଚନା ରହିଛି । ବର୍ତମାନ ମେ ମାସ ଆରମ୍ଭ ହୋଇଥିବାବେଳେ ରାସ୍ତା କାମ କେବଳ ଖୋଳି ପକେଇ ଦିଆଯାଇଛି । ଯାହାକୁ ନେଇ ଲୋକଙ୍କୁ ଯାତାୟାତରେ ବାଧା ସୃଷ୍ଟି ହେଉଛି ।

# ବେଆଇନ୍ ବୋତଲ ପାଣି କାରବାର ବୃଦ୍ଧି:ଯାଞ୍ଚ କରିବାକୁ ଦାବି

**ଜୟପୁର, ନ୍ୟୁଜ୍ ବ୍ୟୁରୋ**



କୋରାପୁଟ ଜିଲ୍ଲାରେ ଲୋକେ ପିଇବା ପାଣି ପାଇଁ ଖରାଦିନେ ବଜାରରୁ ପାଣି ପାଉଚ୍ କିମ୍ବା ବୋତଲ କିଣୁଥିଲେ। ଖରାଦିନେ ଅଧିକା ଚାହିଦା ରହିଛି କିନ୍ତୁ ବର୍ତମାନ ବର୍ଷସାରା ପାଣି ପାଉଚ୍ ଓ ପାଣି ବୋତଲ ଲୋକଙ୍କ ପାଇଁ ଅତ୍ୟାବଶ୍ୟକୀୟ ସାମଗ୍ରୀ ସାଜିଛି । କୋରାପୁଟ ଜିଲ୍ଲାରେ ସହରାଞ୍ଚଳରୁ ଆରମ୍ଭ କରି ଗ୍ରାମ ପର୍ଯ୍ୟନ୍ତ ସବୁଠି ପାଣି ପାଉଚ ଓ ପାଣି ବୋତଲର ବେଶ୍ ଚାହିଦା ରହିଥିବା ଲକ୍ଷ୍ୟ କରାଯାଇଛି । ପାଣି ଥଣ୍ଡା ଅବସ୍ଥାରେ ଉଚିତ୍ ଦାମ୍‌ରେ ଓ ସୁବିଧାରେ ଉପଲବ୍ଧ ହେଉଥିବାରୁ ବର୍ଷ ସାର ସବୁ ବର୍ଗର ଲୋକଙ୍କ ଠାରେ ବେଶ୍ ଆଦୃତ ହୋଇପାରିଛି । ଖରା ଦିନରେ ଅଧିକାରୀ ଚାହିଦା ରହିଛି । ଦୁଇ ଶହ ମିଲିଗ୍ରାମ୍‌ରୁ ଆରମ୍ଭ କରି ଲିଟର, ୫ ଲିଟର ପର୍ଯ୍ୟନ୍ତ ବିଭିନ୍ନ କମ୍ପାନୀ ଦ୍ୱାରା ପ୍ରସ୍ତୁତ ପ୍ୟାକେଟ୍ ପିଇବା ପାଣିର ଚହିଦା ବୃଦ୍ଧି ପାଇଛି । ବିବାହ, ବ୍ରତ, ସାମାଜିକ କାର୍ଯ୍ୟକ୍ରମରେ ଏଭଳି ପ୍ୟାକେଟ୍ ଓ ବୋତଲ ପାଣିର ବ୍ୟବହାର ବ୍ୟାପକ ପରିମାଣରେ ହେଉଛି । କିନ୍ତୁ ବଜାରରେ ମିଳୁଥିବା ପ୍ୟାକେଟ୍ ପିଇବା ପାଣି ବୋତଲ କେତେ ସୁରକ୍ଷିତ ତାକୁ ନେଇ କେହି ସଚେତନ ନଥିବା ମନେ ହେଉଛି । ୨୦୨୪ ଭାରତୀୟ ଖାଦ୍ୟ ନିରାପତ୍ତା ଓ ମାନ କର୍ତ୍ତୃପକ୍ଷ ଫୁଡ୍ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡ ଅଥରିଟି ଅଫ୍ ଇଣ୍ଡିଆ ଉଚ୍ଚ ବିପଦପୂର୍ଣ୍ଣ ଖାଦ୍ୟ ବିଭଗ ବା 'ହାଇ-ରିସ୍କ ଫୁସ୍ କାଟାଗୋରୀ'ରେ ପ୍ୟାକେଟ୍ ପିଇବ ପାଣି ଓ ମିନେଟାଲ୍ ୱାଟର୍ ବର୍ଗୀକୃତ କରିଥିବା ଘୋଷଣା କରିସାରିଛନ୍ତି । ଏହି ଉତ୍ପାଦ ଗୁଡ଼ିକୁ ବାଧ୍ୟତାମୂଳକ ଯାଞ୍ଚ ଓ ଥାର୍ଡ ପାର୍ଟି ଅଡିଟ୍ ତୃତୀୟ ପକ୍ଷ ହିସାବର ସମନ୍ କରିବାକୁ ପଡ଼ିବ । ଏହା ଜଣା ପଡ଼ିବା ପରେ ସ୍ଥାନୀୟ ସଂସ୍ଥାଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି । କିନ୍ତୁ ପ୍ରଶାସନିକ ସ୍ତରରେ କୌଣସି କଟକଣା ନଥିବାରୁ ଦିନ ଦ୍ୱିପ୍ରହରରେ ଏଭଳି ପାଣି ବୋତଲ ବଜାରରେ ବିକ୍ରି ହେଉଛି ଓ ନାମିଦାମ କମ୍ପାନୀ ଏହାକୁ ପ୍ରସ୍ତୁତ କରି ବଜାରରେ ବିକ୍ରି ପାଇଁ ଛାଡୁଛନ୍ତି । ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପ୍ରାୟ ୪/୫ଟି ଅନାମଧେୟ କମ୍ପାନୀ ପ୍ୟାକେଟ୍ ପାଣି ପ୍ରସ୍ତୁତ କରୁଛନ୍ତି ଓ ଏହାକୁ ପ୍ରସ୍ତୁତ ପାଇଁ ବିଧିବଦ୍ଧ ନିୟମ ରହିଥିଲେ ମଧ୍ୟ ବଜାରରେ ଉପଲବ୍ଧ ଅଧିକାଂଶ ପାଣି ବୋତଲ ଓ ପ୍ୟାକେଟ୍ ପିଇବା ପାଣି ଉତ୍ପାଦନ କମ୍ପାନୀ ସେହିସବୁ ନିୟମର ଖୋଲାଖୋଲି ଉଲ୍ଲଂଘନ କରୁଥିବା ଦେଖାଯାଇଛି । ପ୍ୟାକେଟ୍ ପାଣି ଉତ୍ପାଦନ କମ୍ପାନୀ ଆଇଏସ୍ଆଇ ମାର୍କ ସହ ଭାରତୀୟ ଖାଦ୍ୟ ନିରାପତ୍ତା ଓ ମାନ କର୍ତ୍ତୃପକ୍ଷ ସେଫ୍ଟି ଆଣ୍ଡ ଷ୍ଟାଣ୍ଡାର୍ଡ ଅଥରିଟି ଅଫ୍ ଇଣ୍ଡିଆର ଅନୁମତି ନେବା ପ୍ରସ୍ତୁତ ପାଣି ପାଉଚ ତଥା ବୋତଲ ଉପରେ ବ୍ୟାଚ୍ ନମ୍ବର ସହ ଉତ୍ପାଦନ ତାରିଖ ସ୍ପଷ୍ଟ ଉଲ୍ଲେଖ ରହିବା ବାଧ୍ୟତା ମୂଳକ । ପ୍ୟାକିଂ ହୋଇଥିବା ପାଣି କେତେ ଦିନ ପର୍ଯ୍ୟନ୍ତ ବ୍ୟବହାରଯୋଗ୍ୟ ତାହ ମଧ୍ୟ ଉଲ୍ଲେଖ କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ରହିଛି । ବଜାରରେ ଉପଲବ୍ଧ ପାଣି ପାଉଚ୍ ଉପରେ ଉତ୍ପାଦନ ତରିଖର ୩୦ ଦିନ ମଧ୍ୟରେ ବ୍ୟବହାର ଯୋଗ୍ୟ ଉଲ୍ଲେଖ ରହିଥିଲେ ମଧ୍ୟ କେଉଁ ତାରିଖରେ ପ୍ୟାକିଂ ହୋଇଛି ତାହା ଉଲ୍ଲେଖ ରହୁନାହିଁ । ଫଳରେ ପାଣି ପାଉଚ୍ କେଉଁ ତରିଖରୁ ପ୍ୟାକିଂ ହୋଇ କେତେ ଦିନ ପର୍ଯ୍ୟନ୍ତ ବ୍ୟବହାର ଯୋଗ୍ୟ ଗ୍ରାହକ ଜାଣିବା କଷ୍ଟକର । ବଜାରରେ ଉପଲବ୍ଧ ପାଉଚ୍ ଓ ପ୍ୟାକେଟ୍ ପିଇବା ପାଣି ନିୟମିତ ବ୍ୟବଧାନରେ ଯାଞ୍ଚ ପାଇଁ ଜିଲ୍ଲାସ୍ତରରେ ଖାଦ୍ୟ ସୁରକ୍ଷା ଅଧିକାରୀ ନିଯୁକ୍ତ କରାଯାଇଛି । କିନ୍ତୁ ଏହି ବିଭାଗ ଏବେ କୋମାରେ ରହିଥିବା ଅଭିଯୋଗ ହେଉଛି ଓ ଏହାର ସୁଯୋଗ ନେଇ ଦୋକାନୀଙ୍କ ସହ ଉତ୍ପାଦନକାରୀ କମ୍ପାନୀ ଯେଣତେଣ ପ୍ରକାରେଣ ନୀତିରେ ପାଣି ଭର୍ତ୍ତି କରି ବଜାରକୁ ଛାଡି ଥିବା ଦେଖାଯାଉଛି । ଯାହାରା ଅଧିକାଂଶ ସମୟରେ ବିଭିନ୍ନ କମ୍ପାନୀ ଦ୍ୱାରା ପ୍ରସ୍ତୁତ ପାଣିରୁ ଦୁର୍ଗନ୍ଧ ହେଉଛି । ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗ ପ୍ରତି ସରକାର ଗୁରୁତ୍ୱ ପ୍ରଚାର କରି ଏହାର ଉତ୍ପାଦନ, ବିକ୍ରୟ ଉପରେ ନିୟମ ଲାଗୁ କରିଛନ୍ତି । କିନ୍ତୁ ବିଭାଗୀୟ ଅଧିକାରୀ ମାନଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ଅଧିକଂଶ କମ୍ପାନୀ ସରକାରୀ ନିୟମର ଖୋଲାଖୋଲି ଉଲ୍ଲଘଂନ କରି ଗ୍ରାହକଙ୍କୁ ଶୋଷଣ କରୁଛନ୍ତି । କିନ୍ତୁ ପ୍ରସ୍ତୁତକାରୀ କମ୍ପାନୀର ଅନୁମତି ପାଣି ପରୀକ୍ଷା ରିପୋର୍ଟ, ଲାଇସେନ୍ସ ସହ ଅନ୍ୟନ୍ୟ କାଗଜପତ୍ର ସଠିକ୍ ରହିବା ନିହାତି ଜରୁରୀ ବୋଲି କହିଛନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ପୋଲିସ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି ।




# ପରିବାର ଅଦାଲତରେ ଛାଡ଼ପତ୍ର ମାମଲାର ସମାଧାନ

## ନାବାଳିକା ଝିଅ ସହ ଘରକୁ ଫେରିଲେ ଦମ୍ପତି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପରିବାର ଅଦାଲତର ବିଚାରପତି ଦେବାଶିଷ ପଣ୍ଡା ଓ ଆଇନଜୀବୀ ପ୍ରମୋଦ କୁମାର ନାୟକ ଓ ପରିବାର ଅଦାଲତର କାଉନ୍‌ସିଲର ମନୋଜ କୁମାର ମହାନ୍ତିଙ୍କ ଉଦ୍ୟମରେ ଦୀର୍ଘଦିନ ହେଲା ପରିବାର ଅଦାଲତରେ ଛାଡପତ୍ରର ମାମଲା ସମାଧାନ କରାଇ ସ୍ୱାମୀ ସ୍ତ୍ରୀ ନିଜ ନାବାଳିକା ଝିଅ ସହିତ ପୁନର୍ବାର ପରିବାର ସହିତ ମିଶି ଘର ସଂସାର କରିବା ପାଇଁ ସହମତି ପ୍ରକାଶ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ କେନ୍ଦ୍ରାପଡା ପରିବାର ଅଦାଲତରେ ୨୦୨୫ ମସିହା ଠାରୁ ପଟ୍ଟାମୁଣ୍ଡାଇ ପେଣ୍ଠପାଳ ଅଞ୍ଚଳର ଗଣେଶ ପ୍ରସାଦ ଦାସ ନିଜ ଧର୍ମପତ୍ନୀଙ୍କୁ ଛାଡିବା ପାଇଁ କୋର୍ଟରେ ଆବେଦନ କରିଥିଲେ। ବିଚାରପତି ଓ ବରିଷ୍ଠ ଆଇନ୍‌ଜୀବୀ ପ୍ରମୋଦ କୁମାର ନାୟକଙ୍କ ଉଦ୍ୟମରେ ମକଦ୍ଦମା ଦାୟର୍ କରିଥିବା ଶ୍ରୀ ଦାସଙ୍କୁ ବୁଝାସୁଝା କରାଇ ମାମଲାର ସମାଧାନ କରି ସ୍ୱାମୀ ଯାଜପୁର ଜିଲ୍ଲାର ବରୀ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ କେନ୍ଦୁଆ ନାଥପୁର ଗ୍ରାମର ବିଦ୍ୟୁତଲତା ଦାସ (ସ୍ତ୍ରୀ) ଉଭୟ ବିଚାରପତିଙ୍କ କଥାରେ ରାଜି ହୋଇ ମାମଲା ପ୍ରତ୍ୟାହାର କରି ନିଜ ସ୍ତ୍ରୀ ଓ ନାବାଳିକା ଝିଅକୁ ନେଇ ନିଜ ଘରକୁ ହସ ଖୁସିରେ ଫେରିଛନ୍ତି।

32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୨ ମଇ, ମଙ୍ଗଳବାର, ୨୦୨୬



# ଦ୍ରୁତତମ ଅର୍ଦ୍ଧଶତକର ଶ୍ରେୟ ଧୋନୀଙ୍କୁ ଦେଲେ ଉର୍ବିଲ୍

ନୂଆଦି



ଲକ୍ଷ୍ନୌ ବିପକ୍ଷରେ ବିସ୍ଫୋରକ ... ସୁପରକିଙ୍ଗ୍ସର ବିସ୍ଫୋରକ ବ୍ୟାଟ୍ସମ୍ୟା... ଖେଳାଯାଇଥିବା ଏହି ମୁକାବିଲାରେ ଦେ... ଉର୍ବିଲ। ସେ ଆଇପିଏଲ ଇତିହାସ... କରିବାର ରେକର୍ଡ ନିଜ ନାମରେ କ... ଅର୍ଦ୍ଧଶତକ ହାସଲ କରିଥିଲେ। ଏହି ... ଧୋନୀଙ୍କୁ।

ଉର୍ବିଲ ମୁମ୍ବାଇ ଇଣ୍ଡିଆନ୍ସ ବିପ... କରିଥିବାବେଳେ ଦିଲ୍ଲୀ ବିପକ୍ଷରେ ୯ ... ସେ ବଡ଼ ସଟ୍‌ରୁ ଆରମ୍ଭ କରୁଥିଲେ ମ... କରିବାରେ ବିଫଳ ହେଉଥିଲେ। ଏହାପରେ ସେ ଧୋନୀଙ୍କ ପାଖକୁ ଯାଇଥିଲେ ଏବଂ ଏ ସମ୍ପର୍କରେ କହିଥିଲେ। ମାହି ତାଙ୍କୁ ପରାମର୍ଶ ଦେଇଥିଲେ ଏବଂ ଏହି ପରାମର୍ଶ ନେବା ପରେ ସେ ସଫଳ ହୋଇଥିବା କହିଛନ୍ତି।

ଧୋନୀ ତାଙ୍କୁ କହିଥିଲେ କି, ମୋର ତୁମ ଦକ୍ଷତା ଉପରେ କୌଣସି ସନ୍ଦେହ ନାହିଁ। କିନ୍ତୁ ତୁମ ମନରେ ରହିଛି। ମାନସିକ ଭାବେ ସ୍ୱଚ୍ଛ ରୁହ ଏବଂ ଠିକ୍ ବଲ୍ ଦେଖି ମାରିବା ପାଇଁ ଚେଷ୍ଟା କର। ଆଉ ମୁଁ ସେମିତି କରିଥିଲି ଆଉ ତାଙ୍କ ପରାମର୍ଶ ଆଣିବା ପରେ ୨୩ ବଲରେ ୬୫ ରନ କରିବାରେ ସକ୍ଷମ ହୋଇଥିଲି। ଏହାସହ ସେ କହିଛନ୍ତି କି, ମୋ ବାପା ମୋତେ କୁହନ୍ତି ତୁ ବ୍ୟାଟିଂ କରିବା ବେଳେ ଦେଖିବାକୁ ଭଲଲାଗେ। ତୁ ସେମିତି ଆକ୍ରମଣାତ୍ମକ ଢଙ୍ଗରେ ଖେଳ ଜାରି ରଖେ।

# ଦିଲ୍ଲୀକୁ ୩ ୱିକେଟରେ ହରାଇଲା ପଞ୍ଜାବ

ଧର୍ମଶାଳା



ଆଇପିଏଲ୍ ୨୦୨୬ର ୫୫ତମ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ରୋମାଞ୍ଚକର ମୁକାବିଲାରେ ପଞ୍ଜାବ କିଙ୍ଗ୍ସକୁ ୩ ୱିକେଟରେ ହରାଇଛି। ବିଜୟ ସହ ଦିଲ୍ଲୀ ପ୍ଲେ ଅଫ୍ ଆଶା ଉଜ୍ଜୀବିତ ରହିଛି। ଅନ୍ୟପଟେ ଶ୍ରେୟସ ଆୟରଙ୍କ ପଞ୍ଜାବ ଲଗାତାର ଚାରୋଟି ମ୍ୟାଚ୍ ହାରି ଏବେ ପ୍ଲେ ଅଫ୍ ଦୌଡ଼ରେ ନିଜ ପାଇଁ ମୁସ୍କିଲ ସ୍ଥିତି ଉତ୍ପନ୍ନ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ଅଧିନାୟକ ଶ୍ରେୟସଙ୍କ ୫୯ ରନ ଓ ପ୍ରିୟାଂଶ ଆର୍ଯ୍ୟଙ୍କ ୫୬ ରନ ବଳରେ ୫ ୱିକେଟ୍ ହରାଇ ୨୧୦ ରନ କରିଥିଲା। ଜବାବରେ ଦିଲ୍ଲୀ ଅକ୍ଷର ପଟେଲଙ୍କ ୫୬ ରନ ଓ ଡେଭିଡ ମିଲରଙ୍କ ୫୧ ରନ ବଳରେ ୧୯ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଛି।

ପଞ୍ଜାବର ପ୍ରାରମ୍ଭିକ ବ୍ୟାଟିଂ ଉନ୍ନତଧରଣର ଥିଲା। ପ୍ରଥମ ୱିକେଟ୍ ପାଇଁ ପ୍ରିୟାଂଶ ଆୟର ଏବଂ ପ୍ରଭସିମରନ ସିଂହ ୭୮ ରନ୍‌ର ଭାଗିଦାରୀ କରିଥିଲେ। ଏଥିରୁ ପ୍ରଭସିମରନ ବ୍ୟକ୍ତିଗତ ଭାବେ ୧୮ ରନ୍ ? ସଂଗ୍ରହ କରିଥିଲେ। ଦିଲ୍ଲୀର ଦ୍ୱିତୀୟ ଶିକାର ହୋଇଥିଲେ ପ୍ରିୟାଂଶ ଆୟର। କିନ୍ତୁ ସେ ଆଉଟ୍ ହେବା ପୂର୍ବରୁ ଦଳ ପାଇଁ ୫୬ ରନ୍‌ର ଯୋଗଦାନ ଦେଇଥିଲେ, ଯେଉଁଥିରେ ୨ଟି ଚୌକା ଏବଂ ୬ଟି ଛକା ସାମିଲ ଥିଲା। ଅଧିନାୟକ ଶ୍ରେୟସ ଆୟର ନିଜ ଟିମ୍ ପାଇଁ ସର୍ବାଧିକ ବ୍ୟକ୍ତିଗତ ରନ୍ କରିଥିଲେ। ସେ ୩୬ଟି ବଲ୍ ଖେଳି ଅପରାଜିତ ୫୯ ରନ୍ ସଂଗ୍ରହ କରିଥିଲେ, ଯେଉଁଥିରେ ୫ଟି ଚୌକା ଏବଂ ୩ଟି ଛକା ସାମିଲ ଥିଲା। କୁପର କନୋଲି ୨୭ଟି ବଲ୍ ଖେଳି ୩ଟି ଚୌକା ଏବଂ ୨ଟି ଛକା ବଳରେ ୩୮ ରନ୍ ସଂଗ୍ରହ କରିଥିଲେ। ମାର୍କସ ଷ୍ଟୋଇନସି ୧ ରନ୍ କରିଥିବା ବେଳେ ଶଙ୍କର ସିଂହ ଖାତା ଖୋଲିପାରି ନଥିଲେ। ସୂର୍ଯ୍ୟାଂଶ ଶେଡ୍‌ଗେ ଅପରାଜିତ ୨୧ ରନ୍ ସଂଗ୍ରହ କରିଥିଲେ। ସେ ୮ଟି ବଲ୍ ଖେଳି ୨ଟି ଚୌକା ଏବଂ ୨ଟି ଛକା ମାରିଥିଲେ।

ଦିଲ୍ଲୀ ପକ୍ଷରୁ ମିଚେଲ ଷ୍ଟାର୍କ୍ ଏବଂ ମାଧବ ତିୱାରି ୨ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ। ମୁକେଶ କୁମାରଙ୍କୁ ଗୋଟିଏ ୱିକେଟ୍ ମିଳିଥିଲା।

# ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ ପାଇଁ ବାଂଲାଦେଶ ଦଳ ଫେରିଲେ ତାଜ୍, ସୁଲତାନା ଅଧିନାୟିକା



ଢାକା

ଆଗାମୀ ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ ପାଇଁ ବାଂଲାଦେଶ ଦଳ ଘୋଷଣା ହୋଇଛି। ଅଭିଜ୍ଞ ୱିକେଟ୍ କିପର ବ୍ୟାଟର ନିଗାର ସୁଲତାନାଙ୍କୁ ନେତୃତ୍ୱ ଦାୟିତ୍ୱ ପ୍ରଦାନ କରାଯାଇଛି। ସେ ପୂର୍ବରୁ ୨୦୨୩ ଓ ୨୦୨୪ ସଂସ୍କରଣରେ ମଧ୍ୟ ଦଳର ନେତୃତ୍ୱ ନେଇଥିଲେ। ଟପ୍ ଅର୍ଡର ବ୍ୟାଟର ତାଜ୍ ନେହର ପ୍ରତ୍ୟାବର୍ତ୍ତନ କରିଥିବାବେଳେ ସର୍ମିନ ସୁଲତାନା ବାଦ୍ ପଡ଼ିଛନ୍ତି। ତାଜ୍ ୮ଟି ଟି-ଟ୍ୱେଣ୍ଟି ଖେଳି ୪୪ ରନ୍ କରିଛନ୍ତି। ଭେଟେରାନ ଫହିମା ଖାତୁନ ଦଳରେ ସ୍ଥାନ ବଜାୟ ରଖିଛନ୍ତି।

ସେ କ୍ୟାରିୟରରେ ସପ୍ତମ ଟି-ଟ୍ୱେଣ୍ଟି ବିଶ୍ୱକପ୍ ଖେଳିବାକୁ ଯାଉଛନ୍ତି। ଆଗାମୀ ବିଶ୍ୱକପ୍ ପୂର୍ବରୁ ଘୋଷିତ ବାଂଲାଦେଶ ଦଳ ଏକ ତ୍ରି-ରାଷ୍ଟ୍ରୀୟ ଟି-ଟ୍ୱେଣ୍ଟି ସିରିଜ ଜରିଆରେ ପ୍ରସ୍ତୁତି କରିବ। ସ୍କଟଲାଣ୍ଡ ଓ ନେଦରଲାଣ୍ଡ୍ସ ଏହି ସିରିଜରେ ଭାଗ ନେବେ। ବାଂଲାଦେଶ ଦଳ ବିଶ୍ୱକପ୍‌ରେ ଗ୍ରୁପ୍-୧ରେ ନେଦରଲାଣ୍ଡ୍ସ, ଅଷ୍ଟ୍ରେଲିଆ, ଭାରତ, ପାକିସ୍ତାନ ଓ ଦକ୍ଷିଣ ଆଫ୍ରିକା ସହ ସ୍ଥାନ ପାଇଛି। ଦଳ ଆଗାମୀ ଜୁନ୍ ୧୪ ତାରିଖରେ ନେଦରଲାଣ୍ଡ୍ସ ବିପକ୍ଷରେ ଅଭିଯାନ ଆରମ୍ଭ କରିବ।

ବାଂଲାଦେଶ ଦଳ : ନିଗାର ସୁଲତାନା (ଅଧିନାୟିକା), ନାହିଦା ଅକତର (ଉପଅଧିନାୟିକା), ଶର୍ମିନ ଅକତର, ଶୋଭାନା ମୋସ୍ତାରି, ସୋର୍ଣ୍ଣା ଅକତର, ରିତୁ ମୋନି, ରାବେୟା ଖାନ, ଫହିମା ଖାତୁନ, ଫରିହା ଇସଲାମ, ମାରୁଫା ଅକତର, ସଞ୍ଜିଦା ଅକତର, ସୁଲତାନା ଖାତୁନ, ଦିଲାରା ଅକତର, ଜୁଆଇରିୟା ଫିର୍ଦ୍ଦୋଶ, ତାଜ ନେହାର।

# ବରଗଡ଼ ପ୍ରିମିୟର ଲିଗ୍ : ଅତାବିରା ହ୍ୱାଇଟ୍ ହର୍ସ ଚାମ୍ପିଅନ, ଯୋଦ୍ଧାସକୁ ରନର୍ସଅପ୍ ଟ୍ରଫି

ବରଗଡ଼




ବରଗଡ଼ ଜିଲ୍ଲା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଚାଲିଥିବା ବରଗଡ଼ ଜିଲା ପ୍ରିମିୟର ଲିଗ୍ (ବିଡିପିଏଲ) ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍‌ରେ ବରଗଡ଼ ଯୋଦ୍ଧାସକୁ ହରାଇ ଅତାବିରା ହ୍ୱାଇଟ ହର୍ସ ଷଷ୍ଠଥର ପାଇଁ ଚାମ୍ପିୟନ ହୋଇଛି। ଶନିବାର ହ୍ୱାଇଟ ହର୍ସ ଅତାବିରା ଓ ବରଗଡ଼ ଯୋଦ୍ଧାସ ମଧ୍ୟରେ ଫାଇନାଲ ମ୍ୟାଚ୍ ଆରମ୍ଭ ହୋଇଥିଲା। ବରଗଡ଼ ଯୋଦ୍ଧାସ ଦଳର ଅଧିନାୟକ ମନୋଜ ଶର୍ମା ଟସ୍ ଜିଣି ପ୍ରଥମେ ପ୍ରତିପକ୍ଷ ଦଳକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲେ। ଅତାବିରା ହ୍ୱାଇଟ ହର୍ସ ବ୍ୟାଟିଂ ଆରମ୍ଭ କରି ରୋହନ କୁମାରଙ୍କ ୨୩ ବଲରେ ୮ ଚୌକା ସହ ୩୬ ରନ୍, ଦେବବ୍ରତ ପ୍ରଧାନଙ୍କ ୧୭ ରନ୍, ସୌମ୍ୟ ଲେଙ୍କାଙ୍କ ୧୦ ବଲରେ ୨ ଛକା ସହ ୧୮ ରନ୍, ଶୁଭମ ବିଷ୍ଟଙ୍କ ୧୪ ବଲ୍‌ରେ ୨ ଚୌକା, ୧ ଛକା ସହ ୧୮ ରନ, ଅତୁଲ୍ୟ କର୍ଣ୍ଣଙ୍କ ୧୮ ବଲ୍‌ରେ ୧ ଚୌକା, ୧ ଛକା ସହ ୧୪ ରନ୍ ଫଳରେ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ୍ ହରାଇ ୧୫୯ ରନ୍ ସଂଗ୍ରହ କରିଥିଲା।

ପ୍ରତିପକ୍ଷ ବରଗଡ଼ ଯୋଦ୍ଧାସ ପକ୍ଷରୁ ସେକ ହେୟାନ୍ ୩ ରନ୍ ବିନିମୟରେ ୨, ଅଂଶୁମାନ ମିଶ୍ର ୧୫ ରନ୍ ବିନିମୟରେ ୨, ପ୍ରକାଶ ମାହାନା ୨୬ରନ ବିନିମୟରେ ୨, ଜ୍ୟୋତି ପ୍ରକାଶ ସେଠ ୩୩ରନ ବିନିମୟରେ ୨, ଶୟଦ ଜାକି ୨୩ରନ ବିନିମୟରେ ଗୋଟିଏ ୱିକେଟ ନେଇଥିଲେ। ଜବାବରେ ବରଗଡ଼ ଯୋଦ୍ଧାସ ଦଳ ବ୍ୟାଟିଂ ଆରମ୍ଭ କରିଥିଲା। ମ୍ୟାଚର ଦିତୀୟ ଓଭରର ପଞ୍ଚମ ବଲ ଚାଲିଥିବା ବେଳେ ଦଳୀୟ ସ୍କୋର ୬ ଥିଲା। ଏହି ସମୟରେ ଝଡ଼ତୋଫାନ ସହ ଘଡଘଡ଼ି ସହ ପ୍ରବଳ ବର୍ଷା ହେବା ଯୋଗୁ ମ୍ୟାଚ୍ ଆଉ ଖେଳା ଯାଇ ପାରି ନ ଥିଲା। ପ୍ରତିଯୋଗିତାର ନିୟମରେ ଫାଇନାଲ ପାଇଁ ଗୋଟିଏ ଦିନ ରିଜର୍ଭ ଥିବାରୁ ରବିବାର ପୁଣି ଖେଳ ସେହି ୧.୫ ଓଭରରୁ ଆରମ୍ଭ ହୋଇଥିଲା। ରବିବାର ବ୍ୟାଟିଂ ଆରମ୍ଭ କରି ବରଗଡ଼ ଯୋଦ୍ଧାସ ଦଳ ପକ୍ଷରୁ ପ୍ରକାଶ ମାହାନାଙ୍କ ୬ ଚୌକା, ୪ ଛକା ସହ ୬୧ ରନ, ବିନୟ ଶର୍ମାଙ୍କ ୧୫ ରନ, ଅଂଶୁମାନ ମିଶ୍ରଙ୍କ ୧୫ ରନ , ସଞ୍ଜୟ ଡୁଙ୍ଗୁରିଙ୍କ ୧୪ ରନ ସଂଗ୍ରହ କରିବା ଫଳରେ ଦଳ ୨୦ ଓଭରରେ ୮ ଉଇକେଟ୍ ହରାଇ ୧୩୨ ରନ କରିବାକୁ ସକ୍ଷମ ହେବାରୁ ଅତାବିରା ହ୍ୱାଇଟ ହର୍ସ ଫାଇନାଲ ମ୍ୟାଚ୍‌କୁ ୨୭ ରନରେ ଜିତିବା ସହିତ ଚାମ୍ପିଅନ ହେବା ସହ ଷଷ୍ଠଥର ପାଇଁ ଚାମ୍ପିଅନ ହୋଇଥିଲା। ଫାଇନାଲ ମ୍ୟାଚର ଖେଳ ପରିଚାଳନା କରିଥିଲେ ଓସିଏ ପ୍ୟାନେଲ ଅମ୍ପାୟାର ହନୁ ଅଗ୍ରୱାଲ ଓ ଅକ୍ଷୟ ସାହାଣୀ। ତୃତୀୟ ଅମ୍ପାୟାର ଥିଲେ ସାଜନ ସାହୁ ଓ ଶୁଭମ ପାତ୍ର ଚତୁର୍ଥ ଅମ୍ପାୟର ଥିଲେ। ସ୍କୋରର ଥିଲେ ମନୋଜ କୁମାର ପାତ୍ର ଓ ଅଶୋକ ସାହୁ। ମ୍ୟାଚ୍ ରେଫରି ଥିଲେ ହରିହର ପ୍ରଧାନ। ଭାଷ୍ୟକାର ଭାବରେ ସନ୍ତୋଷ ନାୟାର ଓ ମନୋଜ ସିଂ କାର୍ଯ୍ୟ ତୁଲାଇଥିଲେ। ଲାଇଭ ଷ୍ଟ୍ରିମିଙ୍ଗ କରିଥିଲେ ନିଶିକାନ୍ତ ରାଉତ।

ମ୍ୟାଚ୍ ପରେ ଜିଲ୍ଲା କ୍ରିକେଟ ଆସୋସିଏସନ୍‌ର ସଭାପତି ହରିହର ପ୍ରଧାନଙ୍କ ସଭାପତିତ୍ୱ ଓ ଯୁଗ୍ମ ସମ୍ପାଦକ ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବର ଅତିଥି ଭାବରେ ବିଧାୟକ ନିହାର ରଞ୍ଜନ ମହାନନ୍ଦ ଓ ବଶିଷ୍ଠ ଶିଳ୍ପପତି ତଥା କ୍ରୀଡ଼ା ସଂଗଠକ ଚନ୍ଦ୍ର ଶେଖର ବାଗ ଯୋଗଦେଇ ଚାମ୍ପିଅନ ଦଳ, ଉପବିଜେତା ଦଳ, ପ୍ରତିଯୋଗିତା ଶ୍ରେଷ୍ଠ ଖେଳାଳି, ମ୍ୟାଚ୍ ଅଫିସିଆଲମାନଙ୍କୁ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରିଥିଲେ। ଚାମ୍ପିଅନ ଅତାବିରା ହ୍ୱାଇଟ ହର୍ସ ଦଳକୁ ନଗଦ ୧ ଲକ୍ଷ ଟଙ୍କା ସହ ଚମ୍ପିଅନ ଟ୍ରଫି, ଉପ ବିଜେତା ବରଗଡ଼ ଯୋଦ୍ଧାସକୁ ନଗଦ ୬୦ ହଜାର ଟଙ୍କା ସହ ରନର୍ସ ଅପ୍ ଟ୍ରଫି ପ୍ରଦାନ କରାଯାଇଥିଲା। ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲର ଚେୟାରମ୍ୟାନ ସୁମନ ସାୱ୍‌ଡିଆ ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ଅତାବିରା ହ୍ୱାଇଟ ହର୍ସ ଦଳର ଦେବବ୍ରତ ପ୍ରଧାନଙ୍କୁ ଟ୍ରଫି ସହ ନଗଦ ୨୦୦୦ ଟଙ୍କା, ଗୁରୁ ନାନକ ରଙ୍ଗରାଜ ପକ୍ଷରୁ ଯଶୱନ୍ତ ସିଂ ପ୍ରତିଯୋଗିତାର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବରେ ମହମ୍ମଦ ସଲିମ ସ୍ମାରକୀ ଟ୍ରଫି ସହ ନଗଦ ୫୦୦୦ ଟଙ୍କା ବରଗଡ଼ ଯୋଦ୍ଧାସ ଦଳର ପ୍ରକାଶ ମାହାନାଙ୍କୁ ପ୍ରଦାନ କରିଥିଲେ। ଗୁରୁ ନାନକ ରଙ୍ଗରାଜ ପକ୍ଷରୁ ଅମରଜିତ ସିଂ ଶ୍ରେଷ୍ଠ ବୋଲରଭାବେ ବରଗଡ଼ ଯୋଦ୍ଧାସ ଦଳର ସୟଦ ଜେକିଙ୍କୁ ନଗଦ ୫୦୦୦ ଟଙ୍କା ସହ ୱିଲସନ ସିଂ ସ୍ମାରକୀ ଟ୍ରଫି, ଏ.ଇ ମିଶନ ଇଂଲିଶ ମିଡିୟମ ସ୍କୁଲର ଚେୟାରମ୍ୟାନ ଯଶବୀର ସିଂ ଶ୍ରେଷ୍ଠ ଖେଳାଳିଭାବେ ମା' ସମଲେଶ୍ୱରୀ ଇଲେଭେନ ଦଳର ଦେବବ୍ରତ ପ୍ରଧାନଙ୍କୁ ମାରିଓ ମେଲେଟା ସ୍ମାରକୀ ଟ୍ରଫି ସହ ନଗଦ ୧୦୦୦୦ ଟଙ୍କା ସହ ଟ୍ରଫି, ହାର୍ଦ୍ଦିକ ପଟାଡିଆ ଶ୍ରେଷ୍ଠ ଉଦୀୟମାନ ଯୁବ ଖେଳାଳିଭାବେ କ୍ରୀଷ୍ଣା ବିକାଶ କ୍ରିକେଟ କ୍ଲବର ସ୍ୱରିତ ଦାଶଙ୍କୁ ସଂଗ୍ରାମାଦିତ୍ୟ ସ୍ମାରକୀ ଟ୍ରଫି ସହ ଶ୍ରୀଜି ଜ୍ୱେଲର୍ସ ପକ୍ଷରୁ ପ୍ରଦତ୍ତ ଦୁଇଗ୍ରାମ ରୁପା ମୁଦ୍ରା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଆୟୋଜକ କମିଟି ପକ୍ଷରୁ ଅତିଥି ଓ ଫ୍ରାଞ୍ଚାଇଜି ଦଳ ମାନଙ୍କୁ ସ୍ମାରକୀ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ବରଗଡ଼ ଜିଲା କ୍ରିକେଟ ଆସୋସିଏସନର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ ପ୍ରତିଯୋଗିତାରେ ଅତାବିରା ହ୍ୱାଇଟ ହର୍ସ, ବରଗଡ଼ ସ୍ପାର୍ଟାନ୍ସ, ବରଗଡ଼ ଯୋଦ୍ଧାସ, ମା'ସମଲେଶ୍ୱରୀ ଇଲେଭେନ, କ୍ରିଷ୍ଣା ବିକାଶ କ୍ରିକେଟ କ୍ଲବ ଭାଗ ନେଇଥିଲେ।

# ଦାନଗଦି ବ୍ଲକ୍ ଠାରେ ଜନ ଅଭିଯୋଗ ଶୁଣାଣି




ଯାଜପୁର, ନ୍ୟୁଜ୍‌ବ୍ୟୁରୋ

ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଦାନଗଦି ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡ଼ିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୫୦ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୪୧ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୨ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୦୫ ଗୋଟି, ରେଡ୍‌କ୍ରସ୍ ସହାୟତା ପାଣ୍ଠିରୁ ୦୨ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୦ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଯାଜପୁର ଶିତିକଣ୍ଠ କାନୁନଗୋ, ଅତିରିକ୍ତ ଜିଲ୍ଲାପାଳ, ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଦାନଗଦି ପ୍ରଦୀପ କୁମାର ସେଠୀ, ତହସିଲଦାର, ଦାନଗଦି ରଞ୍ଜିତ କୁମାର ମଲ୍ଲିକ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ମେହୁଲ ରାଠୋର ଜିତିଲେ ଡବଲ ଟ୍ରଫି

ଭୁବନେଶ୍ୱର




ସେମି ଓ ଫାଇନାଲ ପର୍ଯ୍ୟାୟରେ ମ୍ୟାଚ୍ ସହ ପ୍ରଥମ ରାଜ୍ୟ ସ୍କ୍ୱାସ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଭୁବନେଶ୍ୱରର ପୁରୁଣା କ୍ରୀଡ଼ା ନିର୍ଦ୍ଦେଶାଳୟ ପରିସରରେ ଥିବା ସ୍କ୍ୱାସ୍ କୋର୍ଟରେ ଦୁଇ ଦିନ ଧରି ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସ୍କ୍ୱାସ୍ ର୍ୟାକେଟ୍ ଫେଡେରେସନ୍ ଅଫ୍ ଇଣ୍ଡିଆର ଅନୁମୋଦିତ ସଂସ୍ଥା ଓଡ଼ିଶା ସ୍କ୍ୱାସ୍ ଆସୋସିଏସନ୍ ଏହାର ଆୟୋଜନ କରିଥିଲା। ଏହି ପ୍ରତିଯୋଗିତାରେ ଦୁଇଟି ବର୍ଗରେ ଚାମ୍ପିଅନ୍ ହୋଇ ମେହୁଲ ରାଠୋର ଡବଲ ଟ୍ରଫି ହାସଲ କରିଛନ୍ତି।

ସେ ପୁରୁଷ ବର୍ଗରେ ଅଞ୍ଜନ ପଟ୍ଟନାୟକଙ୍କୁ ପରାଜିତ କରିଥିଲା ବେଳେ ୩୫ବର୍ଷରୁ ଉର୍ଦ୍ଧ୍ୱବର୍ଗରେ ମଧ୍ୟ ସେହି ଅଞ୍ଜନ ପଟ୍ଟନାୟକଙ୍କୁ ପରାଜିତ କରି ଚାମ୍ପିଅନ୍ ହୋଇଛନ୍ତି। ପୁରୁଷ ବର୍ଗର ଫାଇନାଲ ମ୍ୟାଚରେ ମେହୁଲ ୧୧-୪ ଓ ୧୧-୮ରେ ଅଞ୍ଜନଙ୍କୁ ପରାଜିତ କରିଥିଲେ। ମାଷ୍ଟର୍ସ ବର୍ଗରେ ଠିକ୍ ପୁରୁଷ ବର୍ଗର ଫାଇନାଲ ପୂର୍ବରୁ ଅଞ୍ଜନଙ୍କୁ ୧୨-୧୦ ଓ ୧୧-୫ରେ ହରାଇ ଦେଇ ଥିଲେ। କଟକର ଏହି ଦୁଇ ବନ୍ଧୁଙ୍କ କୋର୍ଟ ଭିତରେ ପ୍ରଚଣ୍ଡ ଟକ୍କରକୁ ସମସ୍ତେ ଉପଭୋଗ କରିଥିଲେ। ଅଞ୍ଜନ ପଟ୍ଟନାୟକ ଦୁଇଟି ବର୍ଗରେ ଉପବିଜେତା ହୋଇଛନ୍ତି। ପୁରୁଷ ବର୍ଗର ବ୍ରୋଞ୍ଜ ପଦକ ରୋଶନ ମିଶ୍ରଙ୍କୁ ମିଳିଛି।

ସେହିପରି ମାଷ୍ଟର୍ସ ବର୍ଗରେ ୩ୟ ସ୍ଥାନ ଦଖଲ କରିଛନ୍ତି ଶୁଭେନ୍ଦ୍ର କୁମାର ପୃଷ୍ଟି। ମହିଳା ବର୍ଗରେ ଏଲିନା ସଇଦ୍ ଚାମ୍ପିଅନ୍ ହୋଇଥିଲା ବେଳେ କ୍ଷିତିଜା ଜେନା ଉପବିଜୟିନୀ ଓ ଆହାନା ନିଶାଙ୍କ ୩ୟ ସ୍ଥାନ ଦଖଲ କରିଥିଲେ। ସଂଘର ପରାମର୍ଶଦାତା ତଥା କ୍ରୀଡ଼ା ସାମ୍ବାଦିକ ସମ୍ବିତ ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଦିଲ୍ଲିପ ତିର୍କୀ ପ୍ରତିଯୋଗିତାକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ଓଡ଼ିଶାର କୌଣସି ଖେଳାଳି ଅଲିମ୍ପିକ୍ସରେ ଖେଳିବେ ବୋଲି ଆଶା ବ୍ୟକ୍ତ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ତଥା ପୂର୍ବତନ କ୍ରିକେଟ୍ କୋଚ୍ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ସିଏସ୍‌ଏମ୍ ଟେକ୍ନୋଲୋଜିର ଅଧ୍ୟକ୍ଷ ପ୍ରିୟଦର୍ଶୀ ପାଣି, ଭାରତ ବନ ସେବାର ପଦସ୍ଥ ଅଧିକାରୀ ଡାକ୍ତର ସଞ୍ଜୟ ସ୍ୱାଇଁ ସାମିଲ ହୋଇ ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ପ୍ରତିଯୋଗିତାର ଟେକ୍ନିକାଲ ମୁଖ୍ୟ ଗୌତମ ଦାସ, ପ୍ରତିଯୋଗିତାର ଆୟୋଜନ ଅଧ୍ୟକ୍ଷ ନଫିଜ୍ ସଇଦ୍, ପ୍ରତିଯୋଗିତା ଅଧ୍ୟକ୍ଷ ରବି ନେଓଟିଆ ଏବଂ ପ୍ରତିଯୋଗିତାର ଆୟୋଜକ ଅଧିକାରୀ ସନୁ କୁମାର ପଣ୍ଡାଙ୍କୁ ସମ୍ମାନୀତ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ସାମିଲ ହୋଇଥିବା ଅତିଥିମାନେ କୋର୍ଟରେ ସ୍କ୍ୱାସ୍ ଖେଳି ଖୁବ୍ ଉପଭୋଗ କରିଥିଲେ।

# ଅନିୟମିତତା ପାଇଁ ମୁଷ୍ଟିଯୁଦ୍ଧ ଶିବିରକୁ ବାତିଲ କଲା ସାଇ



ପଟିଆଲା

ଭାରତୀୟ ମୁଷ୍ଟିଯୁଦ୍ଧ ମହାସଂଘ ପକ୍ଷରୁ ପଞ୍ଜାବର ପଟିଆଲାରେ ଆୟୋଜିତ ଏକ ମୂଲ୍ୟାୟନ ଶିବିରକୁ ବାତିଲ କରିଦେଇଛି ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ)। ଖେଳାଳି ଓ ପ୍ରଶିକ୍ଷକ ଚୟନ ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗରେ ସାଇ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। କିନ୍ତୁ ସାଇ ସ୍ପଷ୍ଟ କରିଛି ଯେ ଅସ୍ୱଚ୍ଛ ଚୟନ ପ୍ରକ୍ରିୟାକୁ ବଦଳାଇବା ଓ ପ୍ରଶିକ୍ଷକ ଚୟନକୁ ଉଠିଥିବା ପ୍ରଶ୍ନର ଉତ୍ତର ଦେବା ପରେ ଏହି ଶିବିର ଆୟୋଜନ ଲାଗି ଅନୁମତି ଦିଆଯିବ।

ସାଇ ପକ୍ଷରୁ କୁହାଯାଇଛି ଯେ ଏହି ଶିବିରକୁ ନେଇ ମୁଷ୍ଟିଯୋଦ୍ଧା ଓ ପ୍ରଶିକ୍ଷକମାନଙ୍କଠାରୁ ଅଭିଯୋଗ ମିଳିବା ପରେ ଓ ଏ ସମ୍ପର୍କରେ ମହାସଂଘ ପକ୍ଷରୁ ସନ୍ତୋଷଜନକ ଉତ୍ତର ଦିଆଯାଇନଥିଲା। ଏହି ମାମଲା କୋର୍ଟରେ ପହଞ୍ଚିବାର ଆଶଙ୍କା ଥିବାରୁ ମହାସଂଘ ପକ୍ଷରୁ ଏ ନେଇ ବିଏଫଆଇ ପକ୍ଷରୁ ଉପଯୁକ୍ତ ଜବାବର ଆବଶ୍ୟକତା ରହିଛି। କିନ୍ତୁ ମହାସଂଘ ପକ୍ଷରୁ ଆବଶ୍ୟକ ଉତ୍ତର ଦିଆଯାଉନାହିଁ ବୋଲି ସାଇ କହିଛି। ଅନ୍ୟପକ୍ଷରେ ମହାସଂଘ ପକ୍ଷରୁ କୁହାଯାଇଛି ଯେ ଚୟନ ପ୍ରକ୍ରିୟା ସଂପର୍କରେ ସାଇକୁ ସୂଚୀତ କରାଯାଇଥିଲା।

OFFICE OF THE NOTIFIED AREA COUNCIL, GANJAM 13001/423/2627
Letter No.841 / NAC Date 30/04/2026
**"e" Procurement Notice**
Tender Reference No.GJM-02-NAC/2026-27
BID ID No :
Bid documents consisting of work, Estimated cost, Cost of Tender Paper, EMD, Time of completion, Class of contractor and the set of terms and conditions of contract and other necessary documents can be seen in Govt. website. i.e www.tendersodisha.gov.in
1. Name of the Work : Civil construction work as mentioned in DTCN.
2. No. of works : 1 Nos.
3. Estimated cost : Rs 42.373lakhs
4. Period of completion : As Per DTCN.
5. Date & time of availability of bid document in the portal : From 10.30 AM of 02-05-2026 to 5.00 PM of 13-05-2026.
6. Last date/Time for receipt of bids in the portal : 13-05-2006 up to 5.00 PM.
7. Bids received online shall be opened on : 14-05-2026 at 11.30 AM.
8. Name and address of the Officer Inviting Bid : Executive Officer, NAC, Ganjam.
9. Further details can be seen from the e-procurement portal https://tendersodisha.gov.in
Sd/- Executive Officer, NAC Ganjam
OIPR-13001/13164/1/26-27/0003

NOTICE INVITING TENDER 13001/431/2627
**OFFICE OF THE MUNICIPAL COUNCIL,NAYAGARH**
NAYAGARH(ODISHA), PIN-752069
e-Mail: nacnayagarh@yahoo.co.in
Tender Call Notice No. 1177 / Dt. 04/05/26
E- Procurement Notice No.MUNLNGR-18/2025-26

| | | |
|---|---|---|
| 1. Name of the Work | : | 1. Rejuvenation of Bebartapalli Pond at Ward No.03.<br>2. Rejuvenation of Dewani Bandha-01 at Ward No.02 |
| 2 Value of Work | : | **Rs.47,70,983/- & Rs.78,34,477/-** |
| 3 Class of Contractor | : | 'B' Class Contractor |
| 4 Period of Completion | : | As per DTCN |
| 5 Date of Publication | : | **Dt.06.05.2026** |
| 6 Date and Time of availability of document in the portal. | : | From **Dt.06.05.2026** at **10.00 AM** to **Dt.14.05.2026** up to **5.00 PM** |
| 7 Last Date/Time for receipt of bids in portal | : | **Dt.14.05.2026 up to 5.00 PM** |
| 8 Last date of Submission of original documents in this Office | : | On or before 1.00 P.M. on Dt.19.05.2026 by Register Post / Speed Post/ Courier Service (No Tender Box) at Municipal Office, Nayagarh. |
| 9 Date and Time of opening Bid | : | **Dt.20.05.2026** at **11.00 AM** at Municipality Office, Nayagarh |
| 10 Name and address of the officer inviting bid | : | Sd/- Executive officer,<br>Nayagarh Municipality |

Further details can be seen from e-Procurement portal https://tendersodisha.gov.in
OIPR-13001/13134/1/26-27/0015

# ସମ୍ ନର୍ସିଂ କଲେଜ-୨ ଫୁଲନଖରା ପକ୍ଷରୁ ଆନ୍ତର୍ଜାତିକ ନର୍ସେସ ଦିବସ ପାଳିତ

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ




ଫୁଲନଖରା ସ୍ଥିତ ସମ ନର୍ସିଂ କଲେଜ-୨ ପକ୍ଷରୁ ଆନ୍ତର୍ଜାତୀକ ନର୍ସେସ୍ ଦିବସ ପାଳନ କରାଯାଇଛି। ସ୍ୱାସ୍ଥ୍ୟ କ୍ଷେତ୍ରରେ ନର୍ସମାନଙ୍କ ବିଶେଷ ଭୂମିକା ଏବଂ ରୋଗୀଙ୍କ ଜୀବନ ବଂଚାଇବା କ୍ଷେତ୍ରରେ ସେମାନଙ୍କର କାର୍ଯ୍ୟଧାରାକୁ ସମ୍ମାନ ଜଣାଇ ଏହି ଦିବସ ପାଳନ କରାଯାଇଥାଏ। ସୋମବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁରସ୍ଥିତ ସରକାରୀ ନର୍ସିଂ କଲେଜର କମ୍ୟୁନିଟି ହେଲ୍‌ଥ ନର୍ସିଂ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ରେଣୁକା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ରାଜ୍ୟ ସରକାରଙ୍କ ଯୁଗ୍ମ ଡିଏମ୍‌ଇଟି ଡାକ୍ତର ରୋମା ରତନ ସାହୁ ସ୍ୱତନ୍ତ୍ର ଅତିଥି ଓ ଭୁବନେଶ୍ୱର ଏମ୍ସର ନର୍ସିଂ ସୁପରିଟେଣ୍ଡେଣ୍ଟ ତଥା ଆସିଷ୍ଟାଣ୍ଟ ପ୍ରଫେସର ଗୀତାରାଣୀ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ଫ୍ଲୋରେନ୍ସ ନାଇଟିଙ୍ଗଲଙ୍କ ଜନ୍ମ ଦିନକୁ ସମଗ୍ର ବିଶ୍ୱରେ ନର୍ସେସ ଦିବସ ଭାବେ ପାଳନ କରାଯାଉଥିବା ବେଳେ ଏହି ଉପଲକ୍ଷେ ଚଳିତ ବର୍ଷର ପ୍ରସଙ୍ଗ ରହିଛି 'ଆୱାର ନର୍ସେସ୍, ଆୱାର ଫ୍ୟୁଚର, ଏମ୍ପାୱାରଡ ନର୍ସେସ୍ ସେଭ୍ ଲାଇଭ୍‌ସ'। ରୋଗୀଙ୍କ ସେବା ଓ ଚିକିତ୍ସା ସହ ସେମାନଙ୍କର ଜୀବନ ବଞ୍ଚାଇବା ଦିଗରେ ନର୍ସ ମାନଙ୍କୁ କିଭଳି ସଶକ୍ତ କରିହେବ ସେନେଇ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା।

ସ୍ୱାସ୍ଥ୍ୟ କ୍ଷେତ୍ରରେ ନର୍ସମାନଙ୍କର ବିଶେଷ ଭୂମିକା ରହିଛି। ତେଣୁ ତାଙ୍କୁ ଆହୁରି ସଶକ୍ତ କରିବା ପାଇଁ ଡବ୍ଲୁଏଚ୍‌ଓ ପକ୍ଷରୁ ଲକ୍ଷ୍ୟ ରଖାଯାଇଥିବା ଅତିଥି ମାନେ ବକ୍ତବ୍ୟରେ କହିଥିଲେ। କାର୍ଯ୍ୟକ୍ରମରେ ସମ୍ ନର୍ସିଂ କଲେଜର ନିର୍ଦ୍ଦେଶିକା ପ୍ରଫେସର ପ୍ରଭାତି ତ୍ରିପାଠି ଏବଂ ସମ ନର୍ସିଂ କଲେଜ-୨ର ଡିନ୍ ପ୍ରଫେସର ଅନୁରାଧା ପଣ୍ଡା ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ଏହି ଅବସରରେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରୁସ୍କୃତ କରାଯାଇଥିଲା।

# ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଉଲ୍ଲେଖନୀୟ ପ୍ରଦର୍ଶନ : ଓଡ଼ିଶାକୁ ଜାତୀୟ ସ୍ତରରେ ମିଳିଲା ସମ୍ମାନ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମଜିଏସୱାଇ)ର ସଫଳ କାର୍ଯ୍ୟାନ୍ୱୟନ ଏବଂ ଗ୍ରାମୀଣ ସଂଯୋଗ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ପାଇଁ ଓଡ଼ିଶାକୁ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ସ୍ତରରେ ସମ୍ମାନିତ କରାଯାଇଛି । ମଧ୍ୟପ୍ରଦେଶର ସିହୋରଠାରେ ମେ ୧୦ ତାରିଖରେ ଆୟୋଜିତ ପିଏମଜିଏସୱାଇ ର ୨୫ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କାର୍ଯ୍ୟକ୍ରମରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା । କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ ଏବଂ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଡ. ମୋହନ ଯାଦବଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅଧୀନରେ ସର୍ବାଧିକ ବସବାସ କ୍ଷେତ୍ରକୁ ସଡ଼କ ସଂଯୋଗ ପ୍ରଦାନ କରିଥିବା ରାଜ୍ୟମାନଙ୍କ ବର୍ଗରେ ଓଡ଼ିଶା ୧୬,୯୯୦ଟି ଜନବସତିକୁ ସଂଯୋଗ ପ୍ରଦାନ କରି ଦେଶରେ ତୃତୀୟ ସ୍ଥାନ ଅଧିକାର କରିଛି । ସେହିପରି ଉତ୍ତର-ପୂର୍ବ ରାଜ୍ୟ, କେନ୍ଦ୍ରାଶାସିତ ଅଂଚଳ ଏବଂ ପାହାଡ଼ିଆ ଅଞ୍ଚଳ ବର୍ଗରେ ମଧ୍ୟ ଓଡ଼ିଶା ପାହାଡ଼ିଆ ଅଞ୍ଚଳରେ ଥିବା ୨,୧୩୨ ଗୋଟି ଜନବସତିକୁ ସଡ଼କ ସଂଯୋଗୀକରଣ କରି ଜାତୀୟସ୍ତରରେ ତୃତୀୟ ସ୍ଥାନ ହାସଲ କରିଛି ।

ଜାତୀୟ କାର୍ଯ୍ୟକ୍ରମର ଅଂଶ ଭାବରେ ଆୟୋଜିତ ଇଞ୍ଜିନିୟରିଂ ଏବଂ ପ୍ରଯୁକ୍ତିବିଦ୍ୟା ମଡେଲ ପ୍ରଦର୍ଶନୀ ସମୟରେ ଓଡ଼ିଶାର 'ବନ୍ଧାରା ମଡେଲ' ପ୍ରଦର୍ଶିତ ହୋଇଛି । ଗ୍ରାମୀଣ ସଂଯୋଗ ଓ ଜଳ ନିରାପତ୍ତାକୁ ସମନ୍ୱୟ କରିଥିବା ଏହି ବ୍ରିଜ୍-କମ୍-ୱିଅର (ଆଡ଼ିବନ୍ଧ ଯୁକ୍ତ ସେତୁ) ମଡେଲ ଓଡ଼ିଶାର ଏକ ସଫଳ ଓ ସ୍ଥାୟୀ ଉନ୍ନୟନମୂଳକ ପଦକ୍ଷେପ ଭାବେ ପରିଚିତ ହୋଇଛି । ଋତୁକାଳୀନ ନଦୀଗୁଡ଼ିକରେ ଜଳ ଅଭାବ ସମସ୍ୟାକୁ ଦୂର କରିବା ପାଇଁ ଏଥିରେ ଆଡ଼ିବନ୍ଧ ବ୍ୟବସ୍ଥା ମାଧ୍ୟମରେ ଜଳ ପ୍ରବାହକୁ ନିୟନ୍ତ୍ରଣ କରାଯାଇ ଭୂତଳ ଜଳ ସଂରକ୍ଷଣରେ ସହାୟତା କରାଯାଉଛି । ଏହା ଫଳରେ ଗ୍ରୀଷ୍ମ ଋତୁରେ ପାନୀୟ ଜଳ ଓ ଜଳସେଚନ ପାଇଁ ଜଳ ଉପଲବ୍ଧତା ସୁନିଶ୍ଚିତ ହେଉଛି ।

ପିଏମଜିଏସୱାଇ ଅଧୀନରେ ଓଡ଼ିଶାକୁ ମିଳିଥିବା ଏହି ଜାତୀୟ ସ୍ୱୀକୃତି ଗ୍ରାମୀଣ ବିକାଶ କ୍ଷେତ୍ରରେ ରାଜ୍ୟର ଦୃଢ଼ ପ୍ରତିବଦ୍ଧତା ଓ ନିରନ୍ତର ପ୍ରୟାସର ପ୍ରତିଫଳନ, ବୋଲି ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି । ରାଜ୍ୟ ସରକାର ଗ୍ରାମାଞ୍ଚଳର ସର୍ବାଙ୍ଗୀନ ଉନ୍ନତି ଦିଗରେ ସର୍ବଦା କାର୍ଯ୍ୟ କରୁଥିବା ବେଳେ ଆଗାମୀ ଦିନରେ ଏହି ଅଭିଯାନକୁ ଆହୁରି ସୁଦୃଢ଼ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି ।

# ସ୍ମାର୍ଟ ସ୍ମେଲ୍ଟର୍ସ ନିର୍ମାଣ: ବେଦାନ୍ତ ଆଲୁମିନିୟମ ଦାୟିତ୍ୱପୂର୍ଣ୍ଣ ନବସୃଜନକୁ ଆଗେଇ ନେଉଛି



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବିଶ୍ୱବ୍ୟାପୀ ଶିଳ୍ପଗୁଡ଼ିକ ଅଧିକ ସ୍ମାର୍ଟ ଏବଂ ଅଧିକ ସ୍ଥାୟୀ ଉତ୍ପାଦନ ସୁନିଶ୍ଚିତ କରିବା ଉପରେ ଧ୍ୟାନ ଦେଉଥିବାରୁ, ଟେକ୍ନୋଲୋଜି ସମଗ୍ର ବିଶ୍ୱରେ ବୃହତ କାର୍ଯ୍ୟ ନିର୍ମାଣ ଏବଂ ପରିଚାଳନା କରିବାର ଉପାୟକୁ ପୁନଃ ପରିଭାଷିତ କରୁଛି । ବିଶ୍ୱର ସର୍ବବୃହତ ଆଲୁମିନିୟମ ପ୍ଲାଂଟ ଓଡ଼ିଶାର ଝାରସୁଗୁଡାରେ ବେଦାନ୍ତ ଆଲୁମିନିୟମର କାର୍ଯ୍ୟରେ, ଏହି ପରିବର୍ତ୍ତନ ବୁଦ୍ଧିମାନ, ଡିଜିଟାଲି ସମନ୍ୱିତ ସ୍ମେଲ୍ଟର ସିଷ୍ଟମର ଏକ ଉନ୍ନତ ନେଟୱାର୍କ ଦ୍ୱାରା ପରିଚାଳିତ ହେଉଛି ଯାହା ଦକ୍ଷ ଏବଂ ଦାୟିତ୍ୱପୂର୍ଣ୍ଣ ଉତ୍ପାଦନରେ ନୂତନ ମାନଦଣ୍ଡ ସ୍ଥାପନ କରିବାରେ ସାହାଯ୍ୟ କରୁଛି ।

ବେଦାନ୍ତର ସ୍ମେଲ୍ଟର କାର୍ଯ୍ୟରେ ଅନେକ ପଟଲାଇନ୍ ରହିଛି, ଯାହା ବଡ଼ ଇଲେକ୍ଟ୍ରୋଲାଇଟିକ୍ କୋଷର ଲମ୍ବା ଧାଡ଼ି (ସାଧାରଣତଃ 'ପାଟ୍' ଭାବରେ ଜଣାଯାଏ) ଯେଉଁଥିରେ ଆଲୁମିନାରୁ ତରଳିତ ଆଲୁମିନିୟମକୁ ଜଟିଳ ରୂପାନ୍ତର ଘଟେ । ପଟଲାଇନ୍ କାର୍ଯ୍ୟ ନିରନ୍ତର ସଠିକତା, ସ୍ଥିରତା ଏବଂ ଶକ୍ତି ଦକ୍ଷତା ଦାବି କରେ, ଯେଉଁଠାରେ ପ୍ରକ୍ରିୟାଗୁଡ଼ିକରେ ସାମାନ୍ୟ ପରିବର୍ତ୍ତନ ମଧ୍ୟ କାର୍ଯ୍ୟକ୍ଷମ ସ୍ଥିରତା, ଶକ୍ତି ବ୍ୟବହାର ସ୍ତର ଏବଂ ଦୀର୍ଘକାଳୀନ ଉପକରଣ ନିର୍ଭରଯୋଗ୍ୟତାକୁ ପ୍ରଭାବିତ କରିପାରେ ।

କାର୍ଯ୍ୟକ୍ଷମ ସ୍ଥିରତାକୁ ସୁଦୃଢ଼ କରିବା ଏବଂ ଦ୍ରୁତ, ପ୍ରକୃତ-ସମୟ ନିଷ୍ପତ୍ତି ଗ୍ରହଣକୁ ସକ୍ଷମ କରିବା ପାଇଁ, ବେଦାନ୍ତ ଆଲୁମିନିୟମ ଏହାର ନିଜସ୍ୱ ଇଞ୍ଜିନିୟରିଂ ଉଦ୍ଭାବନ ସହିତ ଏହାର ସ୍ମେଲ୍ଟିଂ ଇକୋସିଷ୍ଟମରେ କୃତ୍ରିମ ବୁଦ୍ଧିମତା ଏବଂ ମେସିନ୍ ଶିକ୍ଷଣ ଭଳି ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟାକୁ ବ୍ୟବସ୍ଥିତ ଭାବରେ ସଂଯୋଜିତ କରୁଛି । ଏହି ହସ୍ତକ୍ଷେପଗୁଡ଼ିକ ୟୁନିଟ୍ର କାର୍ଯ୍ୟଗୁଡ଼ିକୁ ଅଧିକ ଭବିଷ୍ୟବାଣୀ ଏବଂ ତଥ୍ୟ-ଚାଳିତ ହେବାରେ ସାହାଯ୍ୟ କରିଛି, ପ୍ରକ୍ରିୟା ସ୍ଥିରତାକୁ ଉନ୍ନତ କରିଛି, ଶକ୍ତି କାର୍ଯ୍ୟଦକ୍ଷତାକୁ ଅପ୍ଟିମାଇଜ୍ କରିଛି ଏବଂ ପ୍ଲାଂଟ ମଧ୍ୟରେ ସୁରକ୍ଷା ସ୍ତରକୁ ବୃଦ୍ଧି କରିଛି ।

କମ୍ପାନୀର ପ୍ରଯୁକ୍ତିବିଦ୍ୟା ଯାତ୍ରା ବିଷୟରେ କହି, ବେଦାନ୍ତ ଆଲୁମିନିୟମ -ଝାରସୁଗୁଡ଼ାର ସିଇଓ ସି ଚନ୍ଦ୍ରୁ କହିଛନ୍ତି, 'ବେଦାନ୍ତ ଆଲୁମିନିୟମରେ, ଆମେ ପ୍ରଯୁକ୍ତିବିଦ୍ୟାକୁ କେବଳ କାର୍ଯ୍ୟକ୍ଷମ ଉତ୍କର୍ଷତାର ଏକ ବାହକ ଭାବରେ ନୁହେଁ, ବରଂ ସୁରକ୍ଷିତ, ଅଧିକ ସ୍ଥାୟୀ ଏବଂ ଅଧିକ ପ୍ରତିକ୍ରିୟାଶୀଳ ଉତ୍ପାଦନ ପ୍ରଣାଳୀର ଏକ ସମର୍ଥକ ଭାବରେ ମଧ୍ୟ ଦେଖୁ । ଆମର ଧ୍ୟାନ ଭାରତର ଉତ୍ପାଦନ ଭବିଷ୍ୟତକୁ ସୁଦୃଢ଼ କରିବା ପାଇଁ ଡିଜିଟାଲ୍ ନବସୃଜନ, ଇଞ୍ଜିନିୟରିଂ ବିଶେଷଜ୍ଞତା ଏବଂ ଦାୟିତ୍ୱପୂର୍ଣ୍ଣ ଅଭିବୃଦ୍ଧିକୁ ମିଶ୍ରଣ କରୁଥିବା ବୁଦ୍ଧିମାନ ସ୍ମେଲ୍ଟର କାର୍ଯ୍ୟ ନିର୍ମାଣ ଉପରେ ରହିଛି ।'

ଏହି ପରିବର୍ତ୍ତନକୁ ଆଗକୁ ବଢାଇବା ପାଇଁ ପ୍ରମୁଖ ପ୍ରଯୁକ୍ତିବିଦ୍ୟା ମଧ୍ୟରୁ ଗୋଟିଏ ହେଉଛି ଏକ ନୂତନ ସାଇଡ୍ ସେଲ୍ ତାପମାତ୍ରା ମନିଟରିଂ (ଏସଏସଟିଏମ) ସିଷ୍ଟମ, ଯାହା ପୋଟଗୁଡ଼ିକରେ ଏମ୍ବେଡ୍ ହୋଇଥିବା ଅନେକ ଆଇଓଟି-ସକ୍ଷମ ସ୍ମାର୍ଟ ସେନ୍ସରଗୁଡ଼ିକୁ ନିରନ୍ତର ଭାବରେ ସେମାନଙ୍କର ତାପମାତ୍ରା ସ୍ତର ଟ୍ରାକ୍ କରିବା ପାଇଁ ବ୍ୟବହାର କରେ । ଏହା ଦୂରବର୍ତ୍ତୀ ମନିଟରିଂ ପାଇଁ ଅନୁମତି ଦିଏ, କାର୍ଯ୍ୟକ୍ଷମ ଦୃଶ୍ୟମାନତାକୁ ଉଲ୍ଲେଖନୀୟ ଭାବରେ ଉନ୍ନତ କରେ ଏବଂ ଡାଟା କ୍ୟାପଚରରେ ବିଳମ୍ବକୁ ଦୂର କରେ । ରିଅଲ୍-ଟାଇମ୍ ଥର୍ମାଲ୍ ଇନସାଇଟ୍ ସକ୍ଷମ କରି, ସିଷ୍ଟମ୍ ଦଳଗୁଡ଼ିକୁ ଶୀଘ୍ର ଅସନ୍ତୁଳନ ଚିହ୍ନଟ କରିବାରେ, ସକ୍ରିୟ ଭାବରେ ସଂଶୋଧନାତ୍ମକ ପଦକ୍ଷେପ ନେବାରେ ଏବଂ ପାତ୍ର ସ୍ଥିରତାକୁ ବୃଦ୍ଧି କରିବାରେ ସାହାଯ୍ୟ କରେ ଏବଂ ବଡ଼-ସ୍ତରର କାର୍ଯ୍ୟଗୁଡ଼ିକରେ ପ୍ରକ୍ରିୟା ବାଧା ସୃଷ୍ଟି ହେବାର ବିପଦକୁ ହ୍ରାସ କରେ ।

ଏହାକୁ ପରିପୂରକ କରୁଛି ପ୍ଲାଂଟର ବାଧତାମୂଳକ କୁଲିଂ ନେଟୱାର୍କ (ଏଫସିଏନ), ଏକ ଇନ-ହାଉସ୍ ଇଞ୍ଜିନିୟରିଂ ନବସୃଜନ ଯାହା ପଟଲାଇନ୍ ମଧ୍ୟରେ ତାପଜ ସନ୍ତୁଳନ ସୁନିଶ୍ଚିତ କରିବା ପାଇଁ ଡିଜାଇନ୍ କରାଯାଇଛି । ଦକ୍ଷ ଆଲୁମିନିୟମ ଉତ୍ପାଦନ ପାଇଁ ତାପଜ ସ୍ଥିରତା ଗୁରୁତ୍ୱପୂର୍ଣ୍ଣ, ଏବଂ ଏଫସିଏନ ଏହାକୁ ସଠିକ୍ ତାପମାତ୍ରା ନିୟନ୍ତ୍ରଣ ମାଧ୍ୟମରେ ପ୍ରଦାନ କରେ, ଯାହା ମସୃଣ ଏବଂ ଅଧିକ ଶକ୍ତି-ଦକ୍ଷ କାର୍ଯ୍ୟକୁ ସମର୍ଥନ କରେ । ଜାତୀୟ ଶକ୍ତି ସଂରକ୍ଷଣ ପୁରସ୍କାରରେ ସ୍ୱୀକୃତ, ଏଫସିଏନ ଜାତୀୟ ପ୍ରଯୁକ୍ତି ଦିବସ ୨୦୨୬ - ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ପାଇଁ ଦାୟିତ୍ୱପୂର୍ଣ୍ଣ ନବସୃଜନର ଥିମ୍ ଉଦାହରଣ ଦେଇଥାଏ, ଏହା ପ୍ରଦର୍ଶନ କରେ ଯେ କିପରି ସ୍ୱଦେଶୀ, ପ୍ରଯୁକ୍ତିବିଦ୍ୟା-ନେତୃତ୍ୱାଧୀନ ସମାଧାନଗୁଡ଼ିକ କାର୍ଯ୍ୟକ୍ଷମ ଦକ୍ଷତା ଏବଂ ସ୍ଥାୟୀ ଉତ୍ପାଦନ ଉଭୟକୁ ସ୍କେଲରେ ଚଲାଇ ପାରିବ ।

ସୁରକ୍ଷା ମେଗା ପ୍ଲାଂଟର ସ୍ମେଲ୍ଟିଂ କାର୍ଯ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ହୋଇ ରହିଛି । କାର୍ଯ୍ୟକ୍ଷମ ନିର୍ଭରଯୋଗ୍ୟତା ଏବଂ ବିପଦ ନିବାରଣକୁ ଆହୁରି ବୃଦ୍ଧି କରିବା ପାଇଁ, ବେଦାନ୍ତ ଆଲୁମିନିୟମ ଲାଡଲ୍ ଥର୍ମାଲ୍ ମନିଟରିଂ ସିଷ୍ଟମ୍ ନିୟୋଜିତ କରିଛି, ଯାହା ତରଳିତ ଧାତୁ ଲାଡଲ୍ରେ ହଟସ୍ପଟ୍ଗୁଡ଼ିକର ପ୍ରାରମ୍ଭିକ ଚିହ୍ନଟ ସକ୍ଷମ କରେ, ଯାହା ପ୍ରାୟତଃ ୧୦୦୦ ଡିଗ୍ରୀ ସେଲସିୟସ୍ ପାଖାପାଖି ତାପମାତ୍ରାରେ କାର୍ଯ୍ୟ କରେ । ପ୍ରକୃତ ସମୟ ମନିଟରିଂ କ୍ଷମତା କାର୍ଯ୍ୟକ୍ଷମ ବିପଦକୁ କମ କରିବାରେ, ଉପକରଣ ବିଫଳତାକୁ ରୋକିବା ଏବଂ ସୁରକ୍ଷିତ ପରିଚାଳନା ସୁନିଶ୍ଚିତ କରିବାରେ ସାହାଯ୍ୟ କରେ ।

ବେଦାନ୍ତ ଆଲୁମିନିୟମ ମଧ୍ୟ ନିଷ୍ପତ୍ତି ଗ୍ରହଣକୁ ସୁଗମ ଏବଂ ସୁଦୃଢ଼ କରିବା ପାଇଁ କୃତ୍ରିମ ବୁଦ୍ଧିମତା ବ୍ୟବହାର କରୁଛି । କମ୍ପାନୀର ଏଆଇ-ଚାଳିତ ପଟଲାଇନ ଚାଟବୋଟ ଦଳଗୁଡ଼ିକୁ ପ୍ଲାଂଟ ଡାଟା, କାର୍ଯ୍ୟକ୍ଷମ ଧାରା ଏବଂ କାର୍ଯ୍ୟକ୍ଷମତା ଅନ୍ତର୍ଦୃଷ୍ଟିକୁ ତୁରନ୍ତ ପ୍ରବେଶ କରିବାକୁ ସକ୍ଷମ କରେ, ମାନୁଆଲ୍ ଡାଟା ବ୍ୟାଖ୍ୟା ଏବଂ ରିପୋର୍ଟ ସୃଷ୍ଟି ଉପରେ ନିର୍ଭରଶୀଳତାକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରେ । ସିଷ୍ଟମ୍ ସ୍ମେଲ୍ଟର ପରିବେଶ ମଧ୍ୟରେ ନିଷ୍ପତ୍ତି ଗ୍ରହଣର ଗତି ଏବଂ ଗୁଣବତା ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିଥାଏ ।

ଏକତ୍ର, ଏହି ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାଗୁଡ଼ିକ କିପରି ଜଟିଳ ଶିଳ୍ପ କାର୍ଯ୍ୟଗୁଡ଼ିକ ଭବିଷ୍ୟବାଣୀ ଏବଂ ନିରନ୍ତର ତଦାରଖ ବ୍ୟବସ୍ଥା ଆଡ଼କୁ ବିକଶିତ ହେଉଛି ସେଥିରେ ଏକ ବ୍ୟାପକ ପରିବର୍ତ୍ତନକୁ ପ୍ରତିଫଳିତ କରେ । ବେଦାନ୍ତ ଆଲୁମିନିୟମର ଝାରସୁଗୁଡ଼ା କାର୍ଯ୍ୟରେ, ଡିଜିଟାଲ୍ ବୁଦ୍ଧିମତା, ନବସୃଜନ ଏବଂ କାର୍ଯ୍ୟକ୍ଷମ ଶୃଙ୍ଖଳା ସୁରକ୍ଷିତ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଉତ୍ପାଦନ ବ୍ୟବସ୍ଥା ପ୍ରଦାନ କରିବା ପାଇଁ ଏକାଠି ହୋଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିଶ୍ୱର କୌଣସି ଶକ୍ତି...

ଭାଇ ପଟେଲ ୫୦୦ରୁ ଅଧିକ ଗଡ଼ଜାତ ରାଜ୍ୟକୁ ଏକତ୍ର କରି ଆଧୁନିକ ଭାରତର ଭିତ୍ତି ସ୍ଥାପନ କରିଥିଲେ ଏବଂ ସୋମନାଥ ମନ୍ଦିରର ପୁନଃନିର୍ମାଣ ମାଧ୍ୟମରେ ବିଶ୍ୱକୁ ଏହି ସନ୍ଦେଶ ଦେଇଥିଲେ ଯେ, ଭାରତ କେବଳ ସ୍ୱାଧୀନ ହୋଇନାହିଁ, ବରଂ ନିଜର ପ୍ରାଚୀନ ଗୌରବମୟ ଐତିହ୍ୟକୁ ପୁନଃସ୍ଥାପିତ କରିବା ଦିଗରେ ମଧ୍ୟ ଆଗକୁ ବଢୁଛି ।

## ଦେଶରେ ମହଜୁଦ ଅଛି ୬୦...

ଆବଶ୍ୟକତା ପାଇଁ ଏଲପିଜି ଯୋଗାଇ ଦିଆଯାଉଛି । ଏଥିସହିତ କେବଳ ଗତ ତିନିଦିନ ମଧ୍ୟରେ, ୧.୨୬ ନିୟୁତ ବୁକିଂ ତୁଳନାରେ ୧୧୪ ନିୟୁତ ଘରୋଇ ରନ୍ଧନ ଗ୍ୟାସ୍ (ଏଲପିଜି) ବିତରଣ କରାଯାଇଛି ।

ଆମର ବିଶୋଧନାଗାରଗୁଡ଼ିକ ସେମାନଙ୍କର ପୂର୍ଣ୍ଣ କ୍ଷମତାରେ କାର୍ଯ୍ୟ କରୁଛନ୍ତି ବୋଲି ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା ଏକ ଆନ୍ତଃମନ୍ତ୍ରିସ୍ତରୀୟ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଦେଶରେ କୌଣସି ଖୁଚୁରା ଦୋକାନରେ ଷ୍ଟକ୍ ଶେଷ ହେବାର କୌଣସି ଖବର ନାହିଁ । ଏଲପିଜି ବିତରକମାନେ ମଧ୍ୟ ସୁଚାରୁ ରୂପେ କାର୍ଯ୍ୟ କରୁଛନ୍ତି ଏବଂ କେଉଁଠି ବି ଷ୍ଟକ୍ ଶେଷ ହେବାର କୌଣସି ଖବର ନାହିଁ ।

## ଶୁଭେନ୍ଦୁ ଅଧିକାରୀଙ୍କ ପ୍ରଥମ...

ଅନୁସରଣ କରିବ । ସେ ସଂବିଧାନ ନିର୍ମାତା ବିଆର ଆମ୍ବେଦକରଙ୍କ "ଜନତାଙ୍କ ପାଇଁ, ଜନତାଙ୍କ ଦ୍ୱାରା ଏବଂ ଜନତାଙ୍କ ସରକାର" ଆଦର୍ଶକୁ ଅନୁସରଣ କରିବାର ପ୍ରତିବଦ୍ଧତା ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ଯେ, ନୂଆ ସରକାର ଲୋକଙ୍କ ସୁରକ୍ଷା, ବିଶ୍ୱାସ ଏବଂ ବିକାଶକୁ ସର୍ବୋଚ୍ଚ ପ୍ରାଥମିକତା ଦେବ । ବୈଠକରେ ରାଜ୍ୟର ମତଦାତା, ପ୍ରଶାସନ ଏବଂ ନିର୍ବାଚନ ପ୍ରକ୍ରିୟା ସହ ଜଡ଼ିତ ସମସ୍ତଙ୍କୁ ଧନ୍ୟବାଦ ଏବଂ ଅଭିନନ୍ଦନ ଜଣାଯାଇଥିଲା । ଏହା ସହିତ ରାଜନୈତିକ ହିଂସା ସମୟରେ ପ୍ରାଣ ହରାଇଥିବା ଦଳର ୩୨୧ ଜଣ କର୍ମୀଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସରକାର ଏହି ସମସ୍ତ ପରିବାରକୁ ସମ୍ଭବ ସମସ୍ତ ସହାୟତା ପ୍ରଦାନ କରିବ ଏବଂ ରାଜନୈତିକ ହତ୍ୟାରେ ଜଡ଼ିତ ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ । ବୈଠକରେ ସୀମା ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ବିଏସଏଫ୍କୁ ଆବଶ୍ୟକ ଜମି ହସ୍ତାନ୍ତର ପ୍ରକ୍ରିୟା ତୁରନ୍ତ ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଥିଲା । ଭୂମି ଏବଂ ରାଜସ୍ୱ ସଚିବ ତଥା ମୁଖ୍ୟ ସଚିବଙ୍କୁ ଆଗାମୀ ୪୫ ଦିନ ମଧ୍ୟରେ ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

କ୍ୟାବିନେଟ୍ ବୈଠକରେ ପଶ୍ଚିମବଙ୍ଗ ସରକାର ଆଧିକାରିକ ଭାବରେ ଆୟୁଷ୍ମାନ ଭାରତ ଯୋଜନା ସହ ଯୋଡ଼ିବାକୁ ମଧ୍ୟ ନିଷ୍ପତ୍ତି ନେଇଛି । ସ୍ୱାସ୍ଥ୍ୟ ସଚିବ ଏବଂ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ପରାମର୍ଶଦାତାଙ୍କୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସହ ଆବଶ୍ୟକ ଚୁକ୍ତିଗୁଡ଼ିକ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

## ପୁଣି ଆରମ୍ଭ ହେଲା ରତ୍ନଭଣ୍ଡାର...

ଅଳଙ୍କାରର ଗଣତି ମଣତି କାର୍ଯ୍ୟ ଆରମ୍ଭ କରାଯାଇ ପ୍ରାୟ ଶହେରୁ ଊର୍ଦ୍ଧ୍ୱ ଅଳଙ୍କାରର ଗଣତି କାର୍ଯ୍ୟ ଶେଷ ହୋଇଛି । ରତ୍ନ ଅଳଙ୍କାର ଗଣତି ମଣତି ସମୟରେ ଶ୍ରୀମନ୍ଦିରର ବଣିଆ ସେବକ, ରତ୍ନ ବିଶାରଦ ଏବଂ ଆରବିଆଇ ଅଧିକାରୀ ଉପସ୍ଥିତ ରହୁଛନ୍ତି । ସିସିଟିଭି ସର୍ଭିଲାନ୍ସ ମଧ୍ୟରେ ସମସ୍ତ ଗଣତିମଣତି କାର୍ଯ୍ୟ କରାଯିବା ସହ ରତ୍ନ ଅଳଙ୍କାରର ସମ୍ପୂର୍ଣ୍ଣ ଭିଡିଓ ଗ୍ରାଫି ଏବଂ ଫଟୋଗ୍ରାଫି କରାଯାଉଛି ।

## ମନାଲିରେ ଦୁର୍ଘଟଣା ...

ବାଟରେ, କାଙ୍ଗରା ଜିଲ୍ଲାର ଛାବା ଅଞ୍ଚଳରେ ସେମାନଙ୍କ ଗାଡ଼ି ହଠାତ୍ ନିୟନ୍ତ୍ରଣ ହରାଇ ଜାତୀୟ ରାଜପଥ-୨୮ ପାର୍ଶ୍ୱରେ ଏକ ଗଭୀର ଘାଟିରେ ଖସିପଡ଼ିଲା । ଗାଡ଼ିରେ ପିଲା ଏବଂ ଡ୍ରାଇଭର ସମେତ ମୋଟ ୧୦ ଜଣ ଥିଲେ । ରିଲିଫ୍ ଏବଂ ଉଦ୍ଧାର ଦଳ ସଫଳତାର ସହ ଚାରି ଜଣଙ୍କୁ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି ।

## ଭବାନୀପାଟଣା-ଖରିଆର ରୋଡ୍...

ସମୟ ଅପଚୟ ହ୍ରାସ ପାଇବ । କୃଷକ ଏବଂ ବ୍ୟବସାୟୀମାନେ ଧାନ, ପନିପରିବା, ଜଙ୍ଗଲଜାତ ଦ୍ରବ୍ୟ ଏବଂ ଅନ୍ୟାନ୍ୟ ସାମଗ୍ରୀକୁ ବଜାରକୁ ସହଜରେ ପରିବହନ କରିପାରିବେ ଏବଂ ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧି କରିବ । ଉନ୍ନତ ଯୋଗାଯୋଗ ବ୍ୟବସ୍ଥା ଦୋକାନ, ପେଟ୍ରୋଲ ପମ୍ପ, ହୋଟେଲ, ଗୋଦାମ ଏବଂ କ୍ଷୁଦ୍ର ଶିଳ୍ପକୁ ଆକର୍ଷିତ କରିବ ଏବଂ ସ୍ଥାନୀୟ ଲୋକଙ୍କ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ସ୍କୁଲ, କଲେଜ, ହସ୍ପିଟାଲ ଏବଂ ସରକାରୀ କାର୍ଯ୍ୟାଳୟକୁ ଯିବା ଆସିବା ଅଧିକ ସୁବିଧାଜନକ ହୋଇପାରିବ । ଅଧିକ ପ୍ରଶସ୍ତ ରାସ୍ତା ଦୁର୍ଘଟଣା ହ୍ରାସ କରିବାରେ ସହାୟକ ହେବା ସହ ପର୍ଯ୍ୟଟକଙ୍କୁ ମଧ୍ୟ ଆକର୍ଷିତ କରିବ । ବନ୍ୟା ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆଭ୍ୟନ୍ତରୀଣ ଅଞ୍ଚଳକୁ ଯୋଗାଯୋଗ ସୁଗମ ହେବା ସହ ପଶ୍ଚିମ ଓଡ଼ିଶାର ଦୀର୍ଘକାଳୀନ ଅଭିବୃଦ୍ଧିରେ ଏହି ନୂତନ ରାସ୍ତା ବିଶେଷ ଭୂମିକା ନିର୍ବାହ କରିବ । ଏହି ରାସ୍ତା ମଧ୍ୟରେ ଥିବା ୫ଟି ମୁଖ୍ୟ ସେତୁ ଓ ୧୫ଟି ଛୋଟ ସେତୁର ମଧ୍ୟ ନିର୍ମାଣ କରାଯିବ । ଏଥି ସହିତ ତେଲ ନଦୀ ଉପରେ ଥିବା ପୁରୁଣା ସେତୁର ମଧ୍ୟ ମରାମତି ଓ ନବୀକରଣ ହେବ । ପ୍ରାୟ ୭୦ କିଲୋମିଟର ଦୀର୍ଘ ଏହି ରାସ୍ତା ନିର୍ମାଣ ପାଇଁ ପ୍ରାୟ ୬୪୦ କୋଟି ଟଙ୍କା ବ୍ୟୟବରାଦ ରହିଥିବାବେଳେ ସେତୁ ନିର୍ମାଣ ପାଇଁ ପ୍ରାୟ ୯୧ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି ।

## ହର୍ମୁଜରେ କୌଣସି...

ରାଷ୍ଟ୍ରପତି ଟ୍ରମ୍ପ କହିଛନ୍ତି ଯେ ଏପରି ସର୍ତ୍ତକୁ ଆମେରିକା କେବେ ବି ସ୍ୱୀକାର କରିବ ନାହିଁ । ଏହା କାହାକୁ ଲୁଚି ନାହିଁ ଯେ ଇରାନ ବିଶ୍ୱର ୧୨ତମ କିମ୍ବା ୧୩ତମ ପରମାଣୁ ଶକ୍ତି ହେବାର ଆକାଂକ୍ଷା ରଖିଛି । ତାହା ପାଖରେ ଇସ୍ରାଏଲ ବିରୋଧରେ ଆକ୍ରମଣାତ୍ମକ ଅଭିଯାନ ଚାଳାଇବାର କ୍ଷମତା ମଧ୍ୟ ରହିଛି । ଆମେରିକା ହମାସ ଏବଂ ହିଜବୁଲ୍ଲା ପରି ଆତଙ୍କବାଦୀ ସଂଗଠନମାନଙ୍କୁ ଇରାନ ଦେଉଥିବା ସମର୍ଥନକୁ ମଧ୍ୟ ଶେଷ କରିବାକୁ ଚାହୁଁଛି । ଉଭୟ ଦେଶ ମଧ୍ୟରେ ଏପରି କିଛି ଗୁରୁତ୍ୱପୂର୍ଣ୍ଣ ବିଷୟ ରହିଛି, ଯାହା ଶାନ୍ତିର ପଥରେ ବଡ଼ ବାଧା ହୋଇ ରହିଛି ।

## ମୌସୁମୀ ପାଇଁ...

ବର୍ଷା ଲାଗି ରହିଛି । ଯାହାକୁ ନେଇ ଆଗାମୀ ୫ ଦିନ ଯାଏଁ ରାଜ୍ୟରେ କାଳବୈଶାଖୀ ପ୍ରଭାବ ରହିବ ବୋଲି ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ।

# ୧୨ଜଣ ପ୍ରତିଭାଧାରୀ ମହିଳାଙ୍କୁ ଶାନ୍ତିସ୍ତୁପ ସମ୍ମାନ ପ୍ରଦାନ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ମାସିକ ଓଡ଼ିଆ ଖବରକାଗଜ ଶାନ୍ତିସ୍ତୁପର ପଂଚମ ସ୍ୱନକ୍ଷତ୍ର ଉତ୍ସବ ସୋମବାର ସନ୍ଧ୍ୟାରେ ସ୍ଥାନୀୟ ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି । ଶାନ୍ତିସ୍ତୁପର ସମ୍ପାଦକ ରଞ୍ଜନ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସହ ରାଜ୍ୟବାସୀଙ୍କ ସାମାଜିକ ଓ ରାଜନୈତିକ ଜୀବନରେ ଶାନ୍ତିସ୍ତୁପ ତାର ପ୍ରଭାବ ବିସ୍ତାର କରିପାରିଛି ବୋଲି ମତବ୍ୟକ୍ତ କରିଥିଲେ । ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଡ. ଅରବିନ୍ଦ ଢାଲି ମୁଖ୍ୟବକ୍ତା ଭାବେ ଯୋଗଦେଇ ନିଜର ସୁଚିନ୍ତିତ ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୂତି ଭୂଷଣ କର, ପୂର୍ବତନ ବିଧାୟକ ଡଃ ଦିଲ୍ଲୀପ ଶ୍ରୀଚନ୍ଦନ, ବରିଷ୍ଠ ସାମ୍ବାଦିକ ଚୌଧୁରୀ ଅମିତାଭ ଦାସ, ପ୍ରକାଶକ ତଥା ଉଦ୍ୟୋଗପତି ଅମିତ ମଲ୍ଲିକ, ସଂସ୍କୃତି ଗବେଷକ ଭାଗ୍ୟଲିପି ମଲ୍ଲ, ବିଶିଷ୍ଟ ସଂଳାପକାର ତଥା ଶିକ୍ଷାବିତ୍ ଡଃ ରଜନୀ ରଞ୍ଜନ ଦାଶ, ସମାଜସେବୀ ସୁଚିସ୍ମିତା ପୃଷ୍ଟି ପ୍ରମୁଖ ଯୋଗଦେଇ ଆମେ ଡିଜିଟାଲ ଦୁନିଆରେ ରହୁଛେ ଓ ସମାଜର ପ୍ରତ୍ୟେକ କ୍ଷେତ୍ରରେ ଡିଜିଟାଲ ଗଣମାଧ୍ୟମର ଭୂମିକା ରହିଛି, ମାତ୍ର ଖବରକାଗଜର ସବୁବେଳେ, ସବୁ ସମୟରେ ଗୁରୁତ୍ୱବହନ କରିଆସିଛି । ସମାଜରେ ଅବହେଳିତ ଓ ନିଷ୍ପେଷିତ ଭାବେ ଜୀବନ ବିତାଉଥିବା ସାଧାରଣ ଜନତାଙ୍କ ସମସ୍ୟାକୁ ଲୋକଲୋଚନକୁ ଆଣିବାରେ ଶାନ୍ତିସ୍ତୁପ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ଶାନ୍ତିସ୍ତୁପର ସମ୍ପାଦକ ରଞ୍ଜନ କୁମାର ମହାପାତ୍ର ମତବ୍ୟକ୍ତ କରିଥିଲେ । ଏଥିସହିତ ସାଧାରଣ ଜନତାଙ୍କ ସ୍ୱରକୁ ସରକାରଙ୍କ ନିକଟରେ ପହଞ୍ଚାଇବା ପାଇଁ ଶାନ୍ତିସ୍ତୁପ ତାର କାର୍ଯ୍ୟ ଜାରି ରଖିବ ବୋଲି ଶ୍ରୀ ମହାପାତ୍ର କହିଥିଲେ । ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୨ଜଣ ପ୍ରତିଭାଧାରୀ ମହିଳାଙ୍କୁ ଶାନ୍ତିସ୍ତୁପ ସମ୍ମାନରେ ସମ୍ମାନିତ କରାଯିବା ସହ ଶାନ୍ତିସ୍ତୁପର ମେ ମାସର ସ୍ୱତନ୍ତ୍ର ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଦ୍ୱିତୀୟ ଅଧିବେଶନରେ 'ଚଉଷଠି ଯୋଗିନୀ : ପ୍ରାଚୀନ ଓଡ଼ିଶାରେ ନାରୀ ଶକ୍ତିର ଆରାଧନା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ବିଶିଷ୍ଟ ଲେଖିକା ଶ୍ରୁତକୀର୍ତ୍ତି ତ୍ରିପାଠୀ, ବିଶିଷ୍ଟ ଓଡ଼ଶୀ ନୃତ୍ୟାଙ୍ଗନା ପ୍ରତିଭା ପଣ୍ଡା, ମାର୍କଫେଡ଼ର ଅଧ୍ୟକ୍ଷା କବିତା ମଞ୍ଜରୀ ପରିଡ଼ା, ବରିଷ୍ଠ ସାମ୍ବାଦିକ ଅରୁନ୍ଧତୀ ମଲ୍ଲିକ, ଉମାଦେଈ ବ୍ରହ୍ମପୁର ସରପଞ୍ଚ ରମାଲତା ନାୟକ ପ୍ରମୁଖ ଯୋଗଦେଇ ନାରୀଶକ୍ତି ଉପରେ ଆଲୋଚନା କରିଥିଲେ ।

# ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ନେଇ କମିଶନରେଟ ପୋଲିସ ଅଫିସ୍ ଘେରିଲା କଂଗ୍ରେସ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟର ଭୁଶୁଡି ପଡ଼ିଥିବା ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ନେଇ ସରକାର ଏବଂ ମୁଖ୍ୟମନ୍ତ୍ରୀଙ୍କ ନିଷ୍କ୍ରିୟତା ବିରୋଧରେ ସୋମବାରଖୋର୍ଦ୍ଧା ଜିଲ୍ଲା କଂଗ୍ରେସ କମିଟି ସଭାପତି ରାଜୀବ ପଟ୍ଟନାୟକଙ୍କ ନେତୃତ୍ୱରେ ଏବଂ ପିସିସି ସଭାପତିଙ୍କ ଉପସ୍ଥିତିରେ ଭୁବନେଶ୍ୱରସ୍ଥିତ ପୋଲିସ କମିଶନରେଟ କାର୍ଯ୍ୟାଳୟ ଘେରାଓ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ବିଶାଳ ପ୍ରତିବାଦ ଓ ଘେରାଓ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ହଜାର ହଜାର କଂଗ୍ରେସ କର୍ମୀ ଏବଂ ପୋଲିସ କର୍ମଚାରୀଙ୍କୁ ସମ୍ବୋଧିତ କରି ପିସିସି ସଭାପତି ଭକ୍ତ ଚରଣ ଦାସ କହିଲେ, ରାଜ୍ୟରେ ଅପରାଧ କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି, ତା ସହିତ କଂଗ୍ରେସର ମଧ୍ୟ ଲଢେଇ ଜାରୀ ରହିବ । କିନ୍ତୁ ଦୁଃଖର କଥା ଏଭଳି ଅମାନବୀୟ ଭିଡ଼ ହିଂସା ହତ୍ୟା ଘଟୁଥିଲେ ମଧ୍ୟ ଏସବୁର ପ୍ରତିକାର ପାଇଁ ସରକାର କିମ୍ବା ମୁଖ୍ୟମନ୍ତ୍ରୀ କାହା ପାଖରେ ସମୟ ନାହିଁ । ପୋଲିସ ଫୋର୍ସ କ୍ରିମନାଲ ମାନଙ୍କୁ ଘୋଡ଼େଇବାରେ ବ୍ୟସ୍ତ, କ୍ରିମିନାଲ ବିଜେପି, ଆରଏସଏସ ଓ ଭିଏଚପିରେ ମିଶି ଯାଉଛନ୍ତି ଓ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି । ଫଳରେ ସାଧାରଣ ଜନତା ମଧ୍ୟ ସାହସ ପାଇ ଏଭଳି ଭିଡ ହିଂସା କରିବାକୁ ପ୍ରଶ୍ରୟ ପାଉଛନ୍ତି । ଆଜି ଆଦିମ କାଳକୁ ଆଇନ ବ୍ୟବସ୍ଥା ଚାଲି ଯାଇଛି ।ବିଚ ରାସ୍ତାରେ ଲୋକଙ୍କୁ ପିଟିପିଟି ମାରି ଦେଉଛନ୍ତି । ଏ ସରକାରଙ୍କ ବିରୁଦ୍ଧରେ ଯେତେ କହିଲେ ମଧ୍ୟ କମ ପଡ଼ିବ । ସରକାର ନିର୍ଲଜତାର ସୀମା ପାରି ହୋଇ ସାରିଲେଣି ବୋଲି ସଭାପତି ଶ୍ରୀ ଦାସ କହିଥିଲେ । ଖୋର୍ଦ୍ଧା ଜିଲ୍ଲା ସଭାପତି ରାଜୀବ ପଟ୍ଟନାୟକ ରାଜ୍ୟରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ରୂପେ ଭୁଶୁଡ଼ି ଯାଇଛି ଓ ପୋଲିସ ସମ୍ପୂର୍ଣ୍ଣ ରୂପେ ସରକାରୀ ଦଳର ହାତ ବାରିଶି ସାଜି କାମ କରୁଛି । ଗୃହ ବିଭାଗର ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ତୁରନ୍ତ ଇସ୍ତଫା ଦେବା ପାଇଁ ଦାବି କରିବା ସହ ଦୋଷୀ ମାନଙ୍କୁ ତୁରନ୍ତ ଦଣ୍ଡ ମିଳିବା ଓ ପୋଲିସ ଅଫିସର ମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

# ଜାତୀୟ ପଞ୍ଚାୟତ ସମ୍ମାନରେ ଓଡ଼ିଶାକୁ ୫ଟି ପୁରସ୍କାର , ସାଧୁବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଜାତୀୟ ପଂଚାୟତ ସମ୍ମାନ-୨୦୨୫ରେ ଓଡ଼ିଶାକୁ ୫ଟି ପୁରସ୍କାର ମିଳିବା ଆମ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଏହି କୃତିତ୍ୱ ପାଇଁ ପଂଚାୟତ ଓ ଜିଲ୍ଲାର ସମସ୍ତ ପ୍ରତିନିଧି, ପ୍ରଶାସନିକ କର୍ମକର୍ତ୍ତା ଏବଂ ଜନସାଧାରଣଙ୍କୁ ମୁଖ୍ୟମନ୍ତ୍ରୀ ସାଧୁବାଦ ଜଣାଇଛନ୍ତି ।

ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଓଡ଼ିଶାର ପଂଚାୟତଗୁଡ଼ିକ ଜାତୀୟ ପଂଚାୟତ ସମ୍ମାନ-୨୦୨୫ରେ ୫ଟି ପୁରସ୍କାର ହାସଲ କରିବା ଆମ ପାଇଁ ଅତ୍ୟନ୍ତ ଗର୍ବ ଓ ଗୌରବର ବିଷୟ । ଗଞ୍ଜାମ ଜିଲ୍ଲାକୁ ଦେଶର ଶ୍ରେଷ୍ଠ ୨ୟ ଜିଲ୍ଲା ପଂଚାୟତ ଭାବେ ସମ୍ମାନଜନକ ନାନାଜୀ ଦେଶମୁଖ୍ ସର୍ବୋତମ ପଂଚାୟତ ସତତ ବିକାଶ ପୁରସ୍କାର ମିଳିଥିବା ବେଳେ ଗଞ୍ଜାମ ଜିଲ୍ଲାର ପୋଟାଲମ୍ପୁର ପଂଚାୟତକୁ ସୁସ୍ଥ ପଂଚାୟତ, କେନ୍ଦୁଝର ଜିଲ୍ଲାର ପଡୁଆଁ ପଂଚାୟତକୁ ଜଳ ସମୃଦ୍ଧ ପଂଚାୟତ, ସୁନ୍ଦରଗଡ଼ ଜିଲ୍ଲାର ହାତିବନ୍ଧ ପଂଚାୟତକୁ ସ୍ୱଚ୍ଛ ଓ ସବୁଜ ପଂଚାୟତ ଏବଂ ଗଞ୍ଜାମ ଜିଲ୍ଲାର ମନ୍ଦାର ପଂଚାୟତକୁ ସାମାଜିକ ନ୍ୟାୟ ଓ ସାମାଜିକ ସୁରକ୍ଷିତ ପଂଚାୟତ ଶ୍ରେଣୀରେ ସମ୍ମାନଜନକ ଦୀନ ଦୟାଲ ଉପାଧ୍ୟାୟ ପଂଚାୟତ ସତତ ବିକାଶ ପୁରସ୍କାର ୨୦୨୫ ପ୍ରଦାନ କରାଯାଇଥିବା ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ ।

ଏହି ଅଭିନନ୍ଦନୀୟ କୃତିତ୍ୱ ପାଇଁ ମୁଁ ସମ୍ପୃକ୍ତ ପଂଚାୟତ ଓ ଜିଲ୍ଲାର ସମସ୍ତ ପ୍ରତିନିଧି, ପ୍ରଶାସନିକ କର୍ମକର୍ତ୍ତା ଏବଂ ଜନସାଧାରଣଙ୍କୁ ଆନ୍ତରିକ ସାଧୁବାଦ ଜଣାଉଛି । ସ୍ଥାନୀୟ ସ୍ତରରେ ସାମୂହିକ ସହଭାଗିତା ମାଧ୍ୟମରେ କିଭଳି ବଡ଼ ପରିବର୍ତ୍ତନ ଅଣାଯାଇପାରେ, ଏହି ସଫଳତା ତାହାର ଏକ ଅନୁକରଣୀୟ ଉଦାହରଣ । ବିକଶିତ ଓଡ଼ିଶାର ପରିକଳ୍ପନାକୁ ସାକାର କରିବାରେ ଆମର ପଂଚାୟତଗୁଡ଼ିକ ଏଭଳି ସଶକ୍ତ ଏବଂ ଆଦର୍ଶ ହେବା ଅତ୍ୟନ୍ତ ଶୁଭଙ୍କର ଏବଂ ଆଗାମୀ ଦିନରେ ଏହି ଧାରା ବଜାୟ ରହିବା ସହ ଏହା ଅନ୍ୟମାନଙ୍କ ପାଇଁ ପ୍ରେରଣା ହେଉ, ଏହା ହିଁ ମୋର କାମନା ।

# ସଡ଼କ ଦୁର୍ଘଟଣା ରୋକିବାରେ ପରିବହନ ବିଭାଗ ବିଫଳ: ବିଜେଡି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ସଡ଼କ ଦୁର୍ଘଟଣା । ରାଜଧାନୀ ଭୁବନେଶ୍ୱର ସଡ଼କ ଦୁର୍ଘଟଣାର ପେଣ୍ଠସ୍ଥଳୀ ପାଲଟି ଥିବାବେଳେ ପରିବହନ ବିଭାଗ ଦୁର୍ଘଟଣା ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା କହିଛି ବିଜୁ ଜନତା ଦଳ । ସୋମବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛନ୍ତି ଯେ, ପରିବହନ ବିଭାଗର ଅପାରଗତା କାରଣରୁ ରାଜ୍ୟରେ ବାରମ୍ବାର ସଡ଼କ ଦୁର୍ଘଟଣା ଘଟୁଛି । ସାଧରଣ ଜନତାଙ୍କ ସୁରକ୍ଷାକୁ ବେଖାତିର କରି ପରିବହନ ବିଭାଗ ଯେଣତେଣ ଉପାୟରେ କେମିତି ଲୋକଙ୍କ ଠାରୁ ଫାଇନ ଆଦାୟ କରାଯିବ, ସେଥିରେ ବ୍ୟସ୍ତ ରହୁଛି । ରାଜ୍ୟରେ ଚାଲୁଥିବା ସମସ୍ତ ଗାଡ଼ି ଓ ସାଧରଣ ଜନତା ଭୁଲ୍ କରନ୍ତୁ ବା ନ କରନ୍ତୁ ତାକୁ ତର୍ଜମା ନ କରି ଫାଇନ ଆଦାୟରେ ମାତିଛି ପରିବହନ ବିଭାଗ । ଡ଼ ମହାନ୍ତି ଆହୁରି କହିଛନ୍ତି, ପରିବହନ କମିଶନର ତଥା ଅଧ୍ୟକ୍ଷ, ରାଜ୍ୟ ପରିବହନ ପ୍ରାଧିକରଣ ରାଜ୍ୟର ସମସ୍ତ ଆରଟିଓ ମାନଙ୍କ ପାଇଁ ଏକ ନିର୍ଦ୍ଦେଶନାମା ଜାରି କରି ଅର୍ଥ ଆଦାୟ ପାଇର୍ ଟାର୍ଗେଟ ଦେଇଛନ୍ତି, ସେଥିପାଇଁ ଲୋକଙ୍କ ଠାରୁ ମୋଟା ଅଙ୍କର ଫାଇନ ବିଭିନ୍ନ ଆଳ ଦେଖାଇ ଆଦାୟ କରାଯାଉଛି । ଟ୍ରାଫିକ ବ୍ୟବସ୍ଥା ରାଜ୍ୟରେ ଠିକ୍ ଭାବେ ଚାଲୁଛି କି ନ ଚାଲୁଛୁ ତାକୁ ଅନୁଧ୍ୟାନ ନ କରି କେମିତି ସାଧାରଣ ଜନତାଙ୍କ ଠାରୁ ମୋଟା ଅଙ୍କର ଫାଇନ ଆଦାୟ ହେବ ସେଥିପାଇଁ ପରିବହନ କମିଶନର ଖସଡ଼ା ପ୍ରସ୍ତୁତ କରିଛନ୍ତି । ଦୁଃଖ ଓ ପରିତାପର ବିଷୟ ରାଜ୍ୟରେ ପ୍ରତିଦିନ ସଡ଼କ ଦୁର୍ଘଟଣାରେ ଅକାଳରେ ନିରୀହ ଜୀବନ ଚାଲିଯାଉଛି । ସରକାରଙ୍କ ଏଥିପ୍ରତି ତିଳେ ହେଲେ ନିଘା ନାହିଁ । ରାତି ୧୦ଟା ପରେ ଭାରିଯାନ ସହର ମଧ୍ୟକୁ ପବେଶ କରିବାର ନିୟମ ଥିବାବେଳେ ସନ୍ଧ୍ୟା ହେଲେ ପୋଲିସ୍କୁ ହାତଗୁଞ୍ଜା ବେଧଡ଼କ ଭାବେ ଭାରିଯାନ ସହର ମଧ୍ୟକୁ ପ୍ରବେଶ କରୁଛି । କିଛି ଦିନ ତଳେ ଏକ ହାଇୱା ସହର ମଧ୍ୟରେ ୩ ଜଣ ନିରୀହ ପିଲାଙ୍କ ଉପରେ ଚଢ଼ାଇ ମାରିଦେଲା । ପରିବହନ କମିଶନର, ପୋଲିସ୍ କମିଶନର ଓ ସହରରେ ପ୍ରତି ଛକରେ ଲାଗିଥିବା ଏଆଇ କ୍ୟାମେରା ଏପର୍ଯ୍ୟନ୍ତ ସେ ଗାଡ଼ିଟିକୁ ଧରିବାକୁ ସକ୍ଷମ ହେଲେ ନାହିଁ ।


8001/73/2627

**OFFICE OF THE DIVISIONAL FOREST OFFICER: PURI (WL) DIVISION**
**Phone No. 06752-228281 (Office) Email– dfo.puriwl@odisha.gov.in**

**Tender Call No. 01/2026-1F (Acct.) Dated: 29 April, 2026**

**TENDER CALL NOTICE FOR HIRING OF VEHICLES**

Sealed tenders are invited from interested Reputed Travel Agencies/Tour Operators or private individuals to provide approximately 11 (Eleven) Nos. of Vehicles (**BS VI compliant** Diesel Driven AC/ Non-AC ) vehicles like Bolero & Scorpio-N, which shall confirm to the Terms and Conditions **(Annexure-I)** for the official use in different Ranges under Puri (WL) Division, Puri on monthly rent basis to reach in the O/o the Divisional Forest Officer, Puri (WL) Division, Puri on or before **22.05.2026** up to **5:00 P.M.** through **Registered/Speed Post/Courier** and can also be dropped in the Tender Box placed in the Office of the Divisional Forest Officer, Puri (WL) Division, Puri. The tender will be opened in the same office on **25.05.2026 at 11.30 A.M.** The Standard Bidding Documents and Terms and Conditions can be downloaded from www.puri.odisha.gov.in/ https://puri.nic.in/ & https://odishaforest.in and also can be obtained from the Divisional Forest Office, Puri (WL) Division, Puri, from **01.05.2026 to 22.05.2026** during office hours.

Sd/- Divisional forest Officer
Puri (WL) Division, Puri

OIPR-8001/8140/1/26-27/0003



8001/66/2627

**CHILIKA DEVELOPMENT AUTHORITY**
**PLOT NO.493(P), PALASPALLI, POKHARIPUT ROAD,**
**BHUBANESWAR-751020,ODISHA**
Phone : 91-674-2591544, Fax: 91-674-2590485 Email: - chilika@chilika.com

**e-PROCUREMENT**

**Tender Call Notice No.731 /CDA/ 2026 Dtd.06.05.2026**

| | | | |
|---|---|---|---|
| 01. | Name of the Work | :- | Renovation of Manapur Mana Pokhari pond at village Manapur, in Trilochanapur GP under Kanas Block |
| 02. | Estimated Cost | :- | Rs.8,40,698.00 (Excluding GST) |
| 03. | Period of completion | :- | 15 (Fifteen) days. |
| 04. | Date & Time of availability of Bid Document in the portal | :- | 08.05.2026 at 11.00 A.M. to 19.05.2026 upto 5.00 P.M. |
| 05. | Last Date/Time for submission of Bids in the portal | :- | 19.05.2026 upto 5.00 P.M |
| 06. | Date & Time of opening of Bids | :- | 20.05.2026 at 11.00 AM in the O/o the Chief Executive, Chilika Development Authority, Plot No.493(P), Palaspalli, Bhubaneswar-751020. |
| 07. | Name and Address of the Officer Inviting Tender (O.I.T) | :- | Addl. Chief Executive Chilika Development Authority, Odisha, Bhubaneswar Plot No.493(P), Pallaspalli, Pokhariput Road, Bhubaneswar-751020 |

*Further information and other details are available for downloading from the e-procurement portal* "https://tendersodisha.gov.in".*Addendum/Corrigendum if required will be available only in the Website e-procurement portal* "https://tendersodisha.gov.in"

Sd/- Addl. Chief Executive
Chilika Development Authority

OIPR-8001/8138/1/26-27/0004

ଭୁବନେଶ୍ୱର, ୧୨ ମଇ, ମଙ୍ଗଳବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

# ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଭିତର ଚନ୍ଦନ ଯାତ୍ରା ଆରମ୍ଭ

## ଦେବସ୍ନାନ ପୂର୍ଣ୍ଣମୀ ପୂର୍ବ ଦିନ ଯାଏ ଚାଲିବ ଯାତ୍ରା

**ପୁରୀ, ୧୧/୦୫**
**ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିରରେ ସୋମବାରଠାରୁ ଆରମ୍ଭ ହୋଇଛି ମହାପ୍ରଭୁଙ୍କ ଭିତର ଚନ୍ଦନ ଯାତ୍ରା। ଏହା ଦେବସ୍ନାନ ପୂର୍ଣ୍ଣମୀ ପୂର୍ବଦିନ ଯାଏ ଚାଲିବ। ଜ୍ୟେଷ୍ଠ କୃଷ୍ଣ ଏକାଦଶୀରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଜଳକ୍ରୀଡ଼ା କରିବେ। ସେପଟେ ତିନିରଥର ଆବଶ୍ୟକ ୪୨ଚକ ମଧ୍ୟରୁ ୨୩ଟି ଚକ ଓ କିଛି ଅଖ କାର୍ଯ୍ୟ ସମ୍ପନ୍ନ ହୋଇଛି। ଅକ୍ଷୟ ତୃତୀୟା ଠାରୁ ସ୍ନାନପୂର୍ଣ୍ଣମୀର ପୂର୍ବଦିନ ପର୍ଯ୍ୟନ୍ତ ମୋଟ ୪୨ ଦିନ ଧରି ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଥାଏ। ୨୧ ଦିନ ବ୍ୟାପୀ ବାହାର ଚନ୍ଦନ ଯାତ୍ରା ସରିବା ପରେ ପରବର୍ତ୍ତୀ ୨୧ ଦିନ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଭିତର ଚନ୍ଦନ



ରୂପେ ପାଳିତ ହୋଇଥାଏ। ତେବେ ଚଳିତ ଥର ଯୋଡ଼ା ଜ୍ୟେଷ୍ଠ ପଡୁଥିବାରୁ ସୋମବାରଠାରୁ ଶ୍ରୀଜୀଉମାନଙ୍କର ଭିତର ଚନ୍ଦନ ଆରମ୍ଭ ହୋଇଛି। ୨୧ରୁ ଅଧିକ ଦିନ ମହାପ୍ରଭୁଙ୍କର ଚନ୍ଦନ ଓ ଆଲଟ ଲାଗି କରାଯିବ। ଜ୍ୟେଷ୍ଠ କୃଷ୍ଣ ଏକାଦଶୀ, ସାବିତ୍ରୀ ଅମାବାସ୍ୟା, ଶୀତଳ ଷଷ୍ଠୀ ଓ ରୁକ୍ମିଣୀହରଣ ଏକାଦଶୀରେ ଶ୍ରୀମନ୍ଦିର ଭିତରେ ଥିବା ଜଳକ୍ରୀଡ଼ା ମଣ୍ଡପରେ ଠାକୁରଙ୍କ ଜଳକ୍ରୀଡ଼ା ନୀତି ଅନୁଷ୍ଠିତ ହେବ। ସେପଟେ ରଥଖଳାରେ ଜୋରସୋରରେ ଚାଲିଛି ରଥନିର୍ମାଣ କାର୍ଯ୍ୟ। ତିନିରଥର ୨୩ଟି ଚକ ଓ ୧୦ରୁ ଅଧିକ ଅଖ କାମ ଶେଷ ହୋଇଛି। ଏବେ ରଥର ଉପରିଭାଗ କାର୍ଯ୍ୟ ଆରମ୍ଭ ହେବା ସହ ଓରା ଓ ଖମ୍ଭି କାମ ଚାଲିଛି। ରଥରେ ଚାରୋଟି ଲେଖାଏଁ ଓରା ଓ ୮ ଟି ଲେଖାଏଁ ଖମ୍ଭି ଲାଗିବ। ତେବେ ଆଉ ୬ଟ ପହି ବାଡ଼ିଆ କାମ ସୋମବାର ଶେଷ କରାଯାଇଛି। ସେପଟେ ତିନିରଥର ୪ଟି ଲେଖାଏଁ ୨୦ ଫୁଟିଆ ଚଉଡା କାଠର ଚଉପଟ କାର୍ଯ୍ୟ ଶେଷ ହୋଇଛି। ସୋମବାର ତିନିରଥର ବାକି ଅଖ ନିର୍ମାଣ ପାଇଁ ଆବଶ୍ୟକ ସମସ୍ତ ଅଖ କାଠ ଯୋଗାଇ ଦିଆଯାଇଛି। ରଥର ଉପରିଭାଗ କାର୍ଯ୍ୟ ଆରମ୍ଭ ହୋଇଛି। ରଥର ଅଖ ଉପରେ ଦଣ୍ଡା ରହିବ। ଆଉ ଦଣ୍ଡା ଉପରେ ରହିବ ଗରଗରା। ଗରଗରା ଉପରେ ଚାରିନାହାକା ଉଠି ପ୍ରଥମ ଭୂଇଁ ଉଠିବ। ଶୀତଳଷଷ୍ଠୀ ଦିନ ତିନିରଥର ସମସ୍ତ ୪୨ଟି ଚକ ସହ ୨୧ଟି ଅଖ ସଂଯୋଗ କରାଯାଇ ଡେରାଯିବ। ଏଣୁ ପ୍ରଚଣ୍ଡ ଖରା ତାତିରେ ଚାଲିଛି ରଥ ନିର୍ମାଣ। ତତଲା ବଡ଼ଦାଣ୍ଡରେ ଠିଆ ହେଉଛି ରଥ । ଗୋଟିଏ ପରେ ଗୋଟିଏ ଚକ ନିର୍ମାଣ ହୋଇ ସାଇତା ଯାଉଛି। ଖରା କୋପରେ କଞ୍ଚା କାଠ ଶୁଖି ଚକ ଫାଟିବା ସ୍ୱାଭାବିକ କଥା। ଏଣୁ ସୁରକ୍ଷା ତଥା ଚକ ନଫାଟିବା ପାଇଁ ଚକରେ ବରଡ଼ା ଚାଞ୍ଚ ଘୋଡ଼ା ଯାଇଛି। ସଂଯୁକ୍ତ ଛଅ ଚକ ସମେତ ଶେଷ ହୋଇଥିବା ୨୦ ଚକରେ ଭୋଇ ସେବକମାନେ ଚାଞ୍ଚ ଘୋଡ଼ାଇଛନ୍ତି ।

# ଚନ୍ଦନଯାତ୍ରାର ଅଷ୍ଟଚଣ୍ଡୀ, ଅଷ୍ଟଶମ୍ଭୁଙ୍କ ହଳଦୀପାଣି ନୀତି ସମ୍ପନ୍ନ

**ଭୁବନେଶ୍ୱର, ୧୧/୦୫**
**ନ୍ୟୁଜ ବ୍ୟୁରୋ**

ପବିତ୍ର ଅକ୍ଷୟ ତୃତୀୟାଠାରୁ ଚାଲିଥିବା ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ୨୨ଦିନିଆ ଚନ୍ଦନଯାତ ସମ୍ପନ୍ନ ହୋଇଯାଇଛି। ସୋମବାର ଏହି ଯାତ୍ରାର ଅନ୍ତିମ ଦିନ ଥିଲା। ତେଣୁ ପରମ୍ପରା ଅନୁସାରେ ମହାପ୍ରଭୁ ହଳଦୀ ପାଣିରେ ବୁଡ଼ ପକାଇଥିଲେ। ଚନ୍ଦନଯାତ ଅବସରରେ ଚନ୍ଦନ ଚନ୍ଦନ ବାସୁଥିବା ଏକାମ୍ର କ୍ଷେତ୍ର ସୋମବାର ହଳଦୀ ହଳଦୀ ବାସୁଥିଲା।

ଚନ୍ଦନଯାତ୍ରା ଉଦ୍‌ଯାପନୀ ପର୍ବର ଅବ୍ୟବହିତ ପୂର୍ବରୁ ବିଧି ଅନୁଯାୟୀ ବିନ୍ଦୁସାଗରରେ ଭଉଁରି ନୀତି ଅନୁଷ୍ଠିତ ହୋଇଯାଇଥିଲା। ଭଉଁରି ଦିବସ ଉପଲକ୍ଷେ ଚାପଡ଼ଙ୍ଗାକୁ ବିନ୍ଦୁସାଗର ଭିତରେ ଭଉଁରି ଦିଆଯାଇଥିଲା। ଜଗତିକୁ



ଯିବା ବେଳେ ଚାପଡ଼ଙ୍ଗା ଅଷ୍ଟଚଣ୍ଡୀଙ୍କ ନାଁରେ ୮ଥର ଭଉଁରି ଖେଳିଥିଲା। ସେହିଭଳି ଫେରିବା ବେଳେ ଅଷ୍ଟଶମ୍ଭୁଙ୍କ ନାଁରେ ଚାପଡଙ୍ଗା ୮ଥର ଭଉଁରି ଖେଳିଥିଲା। ବିନ୍ଦୁସାଗରର ଘନ ନୀଳ ଜଳରାଶିରେ ଲେଜର ସୋ' ଚାଲୁଥିବା ବେଳେ ଚାପଡଙ୍ଗାର ଭଉଁରି ଖେଳ ଦେଖିବାକୁ ପ୍ରବଳ ଭିଡ଼ ହୋଇଥିଲା। ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁମାନେ ବିନ୍ଦୁସାଗର ଚାରିକଡ଼ରେ ଜମା ହୋଇଥିଲେ। ଉତ୍ତରେଶ୍ୱର ଘାଟ ନିକଟ ମଧୁବାବୁ ଘାଟରେ ଠାକୁରଙ୍କୁ ଭୋଗ ଲାଗି କରାଯାଇଥିଲା। ଫେରିବା ବେଳେ ବିଶ୍ରାମ ଘାଟ, ବ୍ରାହ୍ମଣ ନିଯୋଗ, ପୂଜାପଣ୍ଡା ନିଯୋଗ ଓ ବଡୁ ନିଯୋଗଠାରେ ଭୋଗ ଲାଗି କରାଯାଇଥିଲା। ଏହି ଅବସରରେ ଗୋଟିପୁଅ ନୃତ୍ୟ ଚନ୍ଦନଯାତ୍ରାକୁ ବେଶ୍ ଆକର୍ଷଣୀୟ କରିଥିଲା। ସୋମବାର ଶେଷଦିନରେ ବିନ୍ଦୁସାଗର ଆଖଡ଼ାଚଣ୍ଡୀ ଘାଟ ଓ ମହନୀ ଘାଟ ନିକଟକୁ ଯାଇ ଭୋଗ ଲାଗି କରାଯାଇଥିଲା।

# କିମ୍ସକୁ ଶରୀର ଦାନ କଲେ ଶିକ୍ଷାବିତ୍ ଡ. ରାମକୃଷ୍ଣ ପଣ୍ଡା

**ଭୁବନେଶ୍ୱର, ୧୧/୦୫**
**ନ୍ୟୁଜ ବ୍ୟୁରୋ**

ବିଶିଷ୍ଟ ଶିକ୍ଷାବିତ୍ ଓ ଗବେଷକ ପ୍ରଫେସର ଡ. ରାମକୃଷ୍ଣ ପଣ୍ଡା କିମ୍ସର ଶରୀର ବିଜ୍ଞାନ ବିଭାଗକୁ ତାଙ୍କ ଶରୀର ଦାନ କରିଛନ୍ତି। ୨୮ ତାରିଖରେ ଡ. ପଣ୍ଡାଙ୍କ ଦେହାନ୍ତ ପରେ ତାଙ୍କ ପରିବାର ପକ୍ଷରୁ ତାଙ୍କ ଶରୀରକୁ କିମ୍ସକୁ ଦାନ କରିଥିଲେ। ଜ୍ଞାନ ଓ ମାନବତା ପ୍ରତି ଜୀବନବ୍ୟାପୀ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଥିବା ଏକ ଗଭୀର ପ୍ରେରଣାଦାୟକ ଓ ନିଃସ୍ୱାର୍ଥପର କାର୍ଯ୍ୟରେ ଡ. ରାମକୃଷ୍ଣ ପଣ୍ଡା ଏଭଳି ମହତ କାର୍ଯ୍ୟ କରିଛନ୍ତି। ଏହା ମାଧ୍ୟମରେ ସେ ପାଣ୍ଡିତ୍ୟ, ନମ୍ରତା ଓ ଜ୍ଞାନ ପ୍ରତି ସମର୍ପଣର ଏକ ସମୃଦ୍ଧ ଐତିହ୍ୟ ଛାଡି ଯାଇଛନ୍ତି । ମୃତ୍ୟୁ ପରେ ମଧ୍ୟ ସମାଜରେ ଅବଦାନ ରଖିବାର ତାଙ୍କର ଇଚ୍ଛା ଅନୁଯାୟୀ ପରିବାର ପକ୍ଷରୁ ତାଙ୍କ ପାର୍ଥିବ ଶରୀରକୁ କିମ୍ସକୁ ହସ୍ତାନ୍ତର କରାଯାଇଥିଲା।

ଜଣେ ଉତ୍ସର୍ଗୀକୃତ ଶିକ୍ଷକ, ବିଦ୍ୱାନ ଓ ଜଣେ ଦରଦୀ ମଣିଷ ଭାବରେ ଜଣାଶୁଣା ଡ. ପଣ୍ଡାଙ୍କ ଶେଷ ଇଚ୍ଛା ଥିଲା ମୃତ୍ୟୁ ପରେ ମଧ୍ୟ ସମାଜର ସେବା ଜାରି ରଖିବା। ଭବିଷ୍ୟତ ପିଢ଼ିର ଡାକ୍ତରମାନଙ୍କୁ ତାଙ୍କ ମହାନ ଅବଦାନ ମାଧ୍ୟମରେ ଶିକ୍ଷା ପ୍ରଦାନ କରିବା। ବିଜ୍ଞାନରେ ତାଙ୍କର ଅବଦାନ ବ୍ୟତୀତ, ଡକ୍ଟର ପଣ୍ଡାଙ୍କର



ପାରମ୍ପରିକ ଭାରତୀୟ ଜ୍ଞାନ ପ୍ରଣାଳୀ, ଯେପରିକି ହସ୍ତରେଖା ବିଜ୍ଞାନ, ହୋମିଓପାଥି ଏବଂ ଆଧ୍ୟାତ୍ମିକ ଅଧ୍ୟୟନ ପ୍ରତି ଗଭୀର ଆଗ୍ରହ ଥିଲା। ୧୯୪୬ ଜୁଲାଇ ୨୨ରେ ଜନ୍ମଗ୍ରହଣ କରିଥିବା ଡ. ପଣ୍ଡା ଶିକ୍ଷା ଓ ଗବେଷଣା ପାଇଁ ନିଜ ଜୀବନ ଉତ୍ସର୍ଗ କରିଥିଲେ। ୧୯୬୬ରେ ଶିକ୍ଷା ସମାପ୍ତ କରିବା ପରେ ସେ ୧୯୬୭ରେ ବୃତ୍ତିଗତ କ୍ୟାରିଅର ଆରମ୍ଭ କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ବିଭାଗରେ ଜଣେ ଅଧ୍ୟାପକ ଭାବରେ କାର୍ଯ୍ୟ କରିଥିଲେ। ପ୍ରାୟ ଚାରି ଦଶନ୍ଧି ଧରି ଶିକ୍ଷାଗତ କ୍ୟାରିଅରରେ ସେ ବସ୍ତୁ ବିଜ୍ଞାନରେ ତାଙ୍କର ଅବଦାନ ଏବଂ ଶିକ୍ଷାଦାନ ଓ ଗବେଷଣା ପ୍ରତି ତାଙ୍କର ଉତ୍ସର୍ଗ ପାଇଁ ବହୁ ସମ୍ମାନ ଅର୍ଜନ କରିଥିଲେ। ୨୦୦୬ ଜୁଲାଇ ୩୧ରେ ସେ ପ୍ରଫେସର ଭାବରେ ଅବସର ନେବା ପୂର୍ବରୁ ଆମେରିକାରେ ଉନ୍ନତ ଗବେଷଣା ଅଭିଜ୍ଞତା ମଧ୍ୟ ହାସଲ କରିଥିଲେ।

ଡ. ପଣ୍ଡାଙ୍କ ପିଲାମାନେ ଡ. ମାଗ୍ନା ମଞ୍ଜାରିକା ଓ ଡ. ଶକ୍ତି ସ୍ୱରୂପ ଉଭୟ କିମ୍ସର ଡାକ୍ତର। ଡ. ପଣ୍ଡାଙ୍କ ଏହି ମହାନ କାର୍ଯ୍ୟ ପାଇଁ ପରିବାର ସଦସ୍ୟ ଓ ପ୍ରଶଂସକମାନେ ତାଙ୍କୁ ଜଣେ ଦୟାଳୁ ଶିକ୍ଷକ, ମାର୍ଗଦର୍ଶକ, ସମାଜ ସଂସ୍କାରକ ଓ ଜ୍ଞାନ, ସାଧୁତା ଏବଂ ସେବା ନୀତି ଦ୍ୱାରା ପରିଚାଳିତ ଏକ କୋମଳ ଆତ୍ମା ଥିଲେ ବୋଲି ପ୍ରକାଶ କରିଛନ୍ତି। ସେ ଶ୍ରୀମଦ୍ ଭଗବଦ୍ ଗୀତା (ବ୍ୟାଖ୍ୟା ଏବଂ ପ୍ରୟୋଗ), ବ୍ୟବହାରିକ ଭାରତୀୟ ଜ୍ୟୋତିଷର ପରିଚୟ ଓ ହସ୍ତରେଖା ବିଜ୍ଞାନର ଚିହ୍ନ ଏବଂ ଗୁପ୍ତତା ସମେତ ଅନେକ ପୁସ୍ତକ ରଚନା କରିଥିଲେ। ତାଙ୍କ ଲେଖା ମାଧ୍ୟମରେ, ସେ ସାଧାରଣ ପାଠକଙ୍କ ପାଇଁ ଭାଗବଦ୍ ଗୀତାର ଦାର୍ଶନିକ ଶିକ୍ଷାକୁ ସରଳ କରିବାକୁ ଚେଷ୍ଟା କରିଥିଲେ। ଡ. ପଣ୍ଡାଙ୍କ ଏହି କାର୍ଯ୍ୟକୁ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଡ.ଅଚ୍ୟୁତ ସାମନ୍ତ ଉଚ୍ଚ ପ୍ରଶଂସା କରିବା ସହ ଏଭଳି ମହତ କାର୍ଯ୍ୟ ସମାଜର ଅନ୍ୟମାନଙ୍କୁ ପ୍ରେରଣା ଦେବ ବୋଲି କହିଛନ୍ତି।

## ଏକାମ୍ର କ୍ଷେତ୍ରରେ ସୋମନାଥ ସ୍ୱାଭିମାନ ପର୍ବ ପାଳିତ

# ଓଡ଼ିଶା ହେବ ଦେଶର ସାଂସ୍କୃତିକ ରାଜଧାନୀ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର ୧୧/୦୫**
**ନ୍ୟୁଜ ବ୍ୟୁରୋ**

ଭାରତୀୟ ସଂସ୍କୃତିର ପ୍ରତୀକ ଶ୍ରୀ ସୋମନାଥ ଜ୍ୟୋତିର୍ଲିଙ୍ଗଙ୍କ ୧୦୦୦ ବର୍ଷର ଗୌରବମୟ ଇତିହାସ। ମନ୍ଦିରର ପୁନରୁଦ୍ଧାରର ୭୫ତମ ବର୍ଷ ପୂର୍ତ୍ତି ଅବସରରେ ସୋମବାର ସାରା ଦେଶରେ ପାଳିତ ହେଉଛି 'ସୋମନାଥ ସ୍ୱାଭିମାନ ପର୍ବ'। ଏହି ଅବସରରେ ଓଡ଼ିଶାରେ ଏକ ସ୍ୱତନ୍ତ୍ର ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଏକାମ୍ର କ୍ଷେତ୍ର ଲିଙ୍ଗରାଜଙ୍କ ପୀଠରେ ଆୟୋଜିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସାଂସଦ ଅପରାଜିତା ଷଡ଼ଙ୍ଗୀ, ବିଧାୟକ ବାବୁ ସିଂ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

ଏହି ଆଧ୍ୟାତ୍ମିକ ଆକାଶରେ ହୋଇଛି ନୂଆ ସୂର୍ଯ୍ୟୋଦୟ। ଓଡ଼ିଶା



ହେବ ଦେଶର ସାଂସ୍କୃତିକ ରାଜଧାନୀ। ସବୁ ମନ୍ଦିରର ହେବ ପୁନଃରୁଦ୍ଧାର। ସୋମନାଥ ମନ୍ଦିରର ଅମୃତ ପର୍ବ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ସୋମନାଥଙ୍କ ଇତିହାସ ଆମକୁ ଶିଖାଏ ଧର୍ଯ୍ୟ ଏବଂ ଆତ୍ମସମ୍ମାନ । ସୋମନାଥ ଏବଂ ଲିଙ୍ଗରାଜ ମନ୍ଦିର ମଧ୍ୟରେ ସମାନତା ରହିଛି । ଉଭୟ ମନ୍ଦିର ଭାରତର ପ୍ରାଚୀନ ଆଧ୍ୟାତ୍ମିକ ଏବଂ ସ୍ଥାପତ୍ୟ ଐତିହ୍ୟକୁ ପ୍ରତିନିଧିତ୍ୱ କରନ୍ତି । ପ୍ରଭୁ ସୋମନାଥଙ୍କୁ ପଶ୍ଚିମ ଭାରତର ରକ୍ଷକ ଏବଂ ପ୍ରଭୁ ଲିଙ୍ଗରାଜ ପୂର୍ବର ଅଟଳ ଆଧ୍ୟାତ୍ମିକ ଶକ୍ତି କୁହାଯାଏ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ।

ସେ ଆହୁରି ମଧ୍ୟ କହିଛନ୍ତି ଯେ, ଏହା ଐତିହାସିକ ଅବସରରେ, ଭାରତୀୟ ସଭ୍ୟତାର ପୁନର୍ଜନ୍ମର କାହାଣୀ, ଗୌରବର ଗାଥା । ଯାହାକୁ ରକ୍ଷା କରିବା ପାଇଁ ହଜାର ହଜାର ସନାତନୀ ନିଜ ପ୍ରାଣ ଉତ୍ସର୍ଗ କରିଛନ୍ତି। ଏହାକୁ ନଷ୍ଟ କରିବା ଲାଗି ବାରମ୍ବାର ଚେଷ୍ଟା ହୋଇଛି। ହେଲେ ସେହି ସନାତନୀଙ୍କ ପାଇଁ ଆଜି ତାହା ବଞ୍ଚିରହିଛି । ସୋମନାଥଙ୍କ ଇତିହାସ ଆମକୁ ଶିଖାଏ ଧର୍ଯ୍ୟ ଏବଂ ଆତ୍ମସମ୍ମାନ। ବାରମ୍ବାର ଆକ୍ରମଣ ସତ୍ତ୍ୱେ ଗର୍ବରେ ଆଜିବି ଠିଆ ହୋଇଛି ସୋମନାଥ ମନ୍ଦିର। ସେହିଭଳି ଆମ ସଂସ୍କୃତି, ପରମ୍ପରାକୁ ନେଇ ଆମକୁ ଆଗକୁ ବଢ଼ିବାକୁ ପଡ଼ିବ। ପ୍ରଭୁ ଲିଙ୍ଗରାଜଙ୍କ ଭୂମିରୁ ମୁଁ ପ୍ରଭୁ ସୋମନାଥଙ୍କୁ ପ୍ରଣାମ ଜଣାଉଛି । ସୋମନାଥ ମନ୍ଦିର ଆମର ଆତ୍ମସମ୍ମାନର ପ୍ରତୀକ। ଶାସ୍ତ୍ର କହେ ସୋମନାଥ ମନ୍ଦିର ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ପ୍ରଥମ। ଭାରତର ପୂର୍ବ ଭାଗରେ ଥିବା ଏକାମ୍ର କ୍ଷେତ୍ର ମଧ୍ୟ ଅନ୍ୟତମ । ପ୍ରଭୁ ଲିଙ୍ଗରାଜ ଏବଂ ପ୍ରଭୁ ସୋମନାଥଙ୍କ ମଧ୍ୟରେ ଗଭୀର ସମ୍ପର୍କ ରହିଛି। ଉଭୟ ସୋମନାଥ ଏବଂ ଲିଙ୍ଗରାଜ ମନ୍ଦିର ହେଉଛି ପ୍ରାଚୀନ ସଂସ୍କୃତି ଓ କଳାର ପରିଚୟ । ପ୍ରଭୁ ସୋମନାଥ ଯଦି ଭାରତବର୍ଷର ଜାଗ୍ରତ ପ୍ରହରୀ ତେବେ ପ୍ରଭୁ ଲିଙ୍ଗରାଜ ହେଉଛନ୍ତି ଅବିଚଳିତ ଶକ୍ତି। ପ୍ରଭୁ ଜଗନ୍ନାଥ ମଧ୍ୟ ବାରମ୍ବାର ଆକ୍ରମଣର ଶିକାର ହୋଇଛନ୍ତି । ଆକ୍ରମଣକାରୀ ଜାଣିନଥିଲେ, ଭାରତର ଆସ୍ଥା ପଥରରେ ନୁହେଁ ଭାରତବାସୀଙ୍କ ରକ୍ତରେ ଅଛି । ଯେତେଥର ମନ୍ଦିର ଭାଙ୍ଗିଛନ୍ତି ସେତେଥର ମନ୍ଦିର ନିର୍ମାଣ କରିଛନ୍ତି।

ସୋମନାଥ ମନ୍ଦିର ଆକ୍ରମଣର ଏକ ହଜାର ବର୍ଷ ପୂର୍ତ୍ତି ହୋଇଛି । ଏହାକୁ ଆମେ ଅତୁଟ ଆସ୍ଥାର ଏକ ହଜାର ବର୍ଷ ଭାବେ ପାଳନ କରୁଛୁ।

## ରାଜ୍ୟସଭା ନିର୍ବାଚନରେ ଦ୍ୱିତୀୟ ବାଲାଟ୍ ପେପର ଜାରି ପ୍ରସଙ୍ଗ

# ବିଜେଡିର ଅଭିଯୋଗକୁ ଅଗ୍ରାହ୍ୟ କଲେ ରାଜ୍ୟ ନିର୍ବାଚନ ଅଧିକାରୀ

**ଭୁବନେଶ୍ୱର, ୧୧/୦୫**
**ନ୍ୟୁଜ ବ୍ୟୁରୋ**

ଚଳିତ ବର୍ଷ ନିକଟ ଅତୀତରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନ ସମୟରେ ବିଜେପିର ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଓ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ଦ୍ୱିତୀୟ ବାଲାଟ୍ ପେପର ଜାରି କରିଥିଲେ ନିର୍ବାଚନ ଅଧିକାରୀ, ଯାହା



ନିର୍ବାଚନର ନୀତି ବିରୋଧୀ ବୋଲି ବିଜେଡି ଅଭିଯୋଗ କରିଥିଲା। ଏହି ପ୍ରସଙ୍ଗକୁ ନେଇ ସୋମବାର ବିଜେଡିର ଏକ ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ କମିଶନର (ସିଇସି)ଙ୍କୁ ଭେଟି ଆଲୋଚନା କରିଛନ୍ତି।

ସୂଚନାନୁସାରେ, ଦ୍ୱିତୀୟ ବାଲାଟ୍‌ପେପରକୁ ନେଇ ବିଜେଡି ପକ୍ଷରୁ ଏପ୍ରିଲ ୨୮ରେ ଭାରତୀୟ ନିର୍ବାଚନ କମିଶନ (ଇସିଆଇ)ଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲା। ଏପ୍ରିଲ ୨୯ ତାରିଖରେ ଭାରତୀୟ ନିର୍ବାଚନ କମିଶନର ଏହି ପ୍ରସଙ୍ଗରେ ଅଭିଯୋଗକାରୀ ବିଜେଡି ସହ ଆଲୋଚନା କରିବାକୁ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଇସିଆଇଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟ ନିର୍ବାଚନ ଅଧିକାରୀ ଦେଇଥିବା ନିର୍ଦ୍ଧାରିତ ସମୟରେ ସୋମବାର ବିଜେଡିର ଏକ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ କମିଶନକୁ ଭେଟିଥିଲେ। ଏହି ପ୍ରତିନିଧିମଣ୍ଡଳୀରେ ବିରୋଧୀ ଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ଉପମୁଖ୍ୟ ସଚେତକ ପ୍ରତାପ ଦେବ, ବିଧାୟକ ଡ. ଅରୁଣ କୁମାର ସାହୁ, ସାଂସଦ ଡ. ସସ୍ମିତ ପାତ୍ର, ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ ମହାନ୍ତି ଓ ଡ. ପ୍ରିୟବ୍ରତ ମାଝୀ ସାମିଲ ଥିଲେ ।

ବିଧାୟକ ଅରୁଣ କୁମାର ସାହୁ ଏହି ସାକ୍ଷାତ ଆଲୋଚନା ସମ୍ପର୍କରେ କହିଛନ୍ତି, ରାଜ୍ୟ ନିର୍ବାଚନ ଅଧିକାରୀ ବିଜେଡିର ଅଭିଯୋଗକୁ ବିଚାର କରିବା ପାଇଁ ନିଜର ଅସମର୍ଥ ପ୍ରକାଶ କରିଛନ୍ତି। ଏହା ସବୁଠାରୁ ଦୁଃଖ ଓ ଦୁର୍ଭାଗ୍ୟର ବିଷୟ। ରାଜ୍ୟ ନିର୍ବାଚନ ଅଧିକାରୀ ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି ଯେ, ଭୋଟ ଦେଲା ବେଳେ ବ୍ୟବହାର ହେଉଥିବା କଲମରୁ ଅତ୍ୟାଧିକ କାଳି ବୋହିଗଲା। ଯଦି କାଳି ବୋହୁଥିଲା ତେବେ ସେହି କଲମକୁ ଅନ୍ୟ ବିଧାୟକମାନେ ଭୋଟ ଦେଲାବେଳେ ବ୍ୟବହାର କରିଥିଲେ, କିନ୍ତୁ ସେଥିରୁ କିଭଳି କାଳି ବୋହିନଥିଲା? ଏଥିରୁ ସ୍ପଷ୍ଟ ଜଣାପଡୁଛି ବିଧାୟିକାଙ୍କ ଭୋଟ ନାକଚ ହୋଇଥିଲା, ଯାହାକୁ ବିଜେଡି ଏଜେଣ୍ଟ ବିରୋଧ କରି ଅଭିଯୋଗ କରିଥିଲେ । କିନ୍ତୁ ନିର୍ବାଚନ କମିଶନର ଶାସକ ବିଜେପିର ପ୍ରରୋଚନାରେ ଦ୍ୱିତୀୟ ବାଲାଟ ପ୍ରଦାନ କରିଥିଲେ, ଯାହା ନିର୍ବାଚନର ନିୟମକୁ ଉଲ୍ଲଂଘନ କରୁଛି। ଯଦି ଭାରତବର୍ଷରେ ସମ୍ବିଧାନକୁ ରକ୍ଷା କରୁଥିବା ସଂସ୍ଥାମାନେ ନିରପେକ୍ଷ ଭାବେ ନିଜ କାର୍ଯ୍ୟ ନିର୍ବାହ କରିବେ ନାହିଁ, ତାହା ହେଲେ ଦେଶରେ ଗଣତନ୍ତ୍ର ଦୁର୍ବଳ ହେବ। ଏହା ଦେଶ ଓ ରାଜ୍ୟ ପାଇଁ ଶୁଭଙ୍କର ନୁହେଁ।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-୧୧/୦୫/୨୦୨୬
୪,୩୦,୧୭୨/- ଟଙ୍କା
ସୁନା:-୦୧ଗ୍ରାମ୍୬୬୦ ମିଲିଗ୍ରାମ
ରୂପା:-୧୯ଗ୍ରାମ୍୪୦୦ ମିଲିଗ୍ରାମ





**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସୂତ୍ର : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


## ଓଡ଼ିଶାର ଡିଜିଟାଲ୍ ଆର୍ଥିକ ଶାସନକୁ ସିଏଜିଙ୍କ ପ୍ରଶଂସା

# 'ୱାମିସ୍ ପ୍ଲାଟ୍‌ଫର୍ମ ଅନ୍ୟ ରାଜ୍ୟ ପାଇଁ ଏକ ମଡେଲ୍'

**ଭୁବନେଶ୍ୱର, ୧୧/୦୫**
**ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ଡିଜିଟାଲ ଆର୍ଥିକ ଶାସନକୁ ଭାରତର ମହାଲେଖା ନିୟନ୍ତ୍ରକ ଓ ମହାସମୀକ୍ଷକ (ସିଏଜି) କେ ସଞ୍ଜୟ ମୂର୍ତ୍ତି ପ୍ରଶଂସା କରିଛନ୍ତି। ପ୍ରମୁଖ ଡିଜିଟାଲ୍ ଆକାଉଣ୍ଟିଂ ପ୍ଲାଟଫର୍ମ ଯଥା ସମନ୍ୱିତ ଆର୍ଥିକ ପରିଚାଳନା ବ୍ୟବସ୍ଥା (ଆଇଏଫ୍‌ଏମ୍‌ଏସ୍), ୱାର୍କସ୍ ଆଣ୍ଡ୍ ଆକାଉଣ୍ଟ୍‌ସ ମ୍ୟାନେଜମେଣ୍ଟ୍, ଇନ୍‌ଫର୍ମେସନ୍ ସିଷ୍ଟମ୍ (ୱାମିସ୍) ଓ ମାନବ ସମ୍ବଳ ପରିଚାଳନା ବ୍ୟବସ୍ଥା 'ଇଏଚ୍‌ଆରଏମ୍‌ଏସ୍' କାର୍ଯ୍ୟକାରୀ କରିବାରେ ଓଡ଼ିଶା ଉଲ୍ଲେଖନୀ ପ୍ରଗତି ହାସଲ କରିଥିବା ସେ କହିଛନ୍ତି। ଲୋକସେବା ଭବନରେ ଅନୁଷ୍ଠିତ ଦ୍ୱିବାର୍ଷିକ ଅଧିକ୍ଷଣ ଯନ୍ତ୍ରୀ ଓ ଡିଭିଜନାଲ ଲେଖା ଅଧିକାରୀମାନଙ୍କ ସମ୍ମିଳନୀକୁ ଆଭାସୀ ମାଧ୍ୟମରେ ସମ୍ବୋଧିତ କରି ସିଏଜି ଶ୍ରୀ ମୂର୍ତ୍ତି ଡିଜିଟାଲ ଆର୍ଥିକ ପ୍ରଶାସନରେ



ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟ କହିଛନ୍ତି। ସେ ୱାମିସ୍ ପ୍ଲାଟଫର୍ମକୁ ଅନ୍ୟ ରାଜ୍ୟମାନଙ୍କ ଅନୁକରଣ ପାଇଁ ଏକ ମଡେଲ୍ ବୋଲି କହିଛନ୍ତି। ଇଞ୍ଜିନିୟର୍ସ ଇଣ୍ଡିଆ ଲିମିଟେଡ୍ ଓ ଇନଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ୍‌ସ ଅଫ୍ ଇଣ୍ଡିଆ (ଆଇସିଏଆଇ) ସହଯୋଗରେ ଖୁବ୍‌ଶୀଘ୍ର ଦକ୍ଷତା ଗଠନ କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି ସେ ସୂଚନା ଦେଇଥିଲେ। ଗ୍ରାମୀଣ ବିକାଶ ସଚିବ ଯାମିନି ଷଡ଼ଙ୍ଗୀ କହିଥିଲେ ଯେ ଆଇଏଫ୍‌ଏମ୍‌ଏସ୍, ଇଜିପିଏନ୍‌ଆଇସି, ସିଡିଏମ୍‌ଏସ୍ ଓ ଜିଆଇଏସ୍ ପ୍ଲାଟଫର୍ମ ସହ ୱାମିସ୍‌କୁ ସମନ୍ୱିତ କରିବା ଦ୍ୱାରା ପ୍ରକଳ୍ପ କାର୍ଯ୍ୟର ବାସ୍ତବ ସମୟ ନିରୀକ୍ଷଣ ହୋଇପାରୁଛି। ଅର୍ଥ ବିଭାଗର ପ୍ରମୁଖ ସଚିବ ସଞ୍ଜୀବ ମିଶ୍ର ଆଗାମୀ ଆଇଏଫ୍‌ଏମ୍‌ଏସ୍ ୩.୦ ଏବଂ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଆଧାରିତ ନିରାପତ୍ତା ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ବଢୁଥିବା ସାଇବର ନିରାପତ୍ତା ଆହ୍ୱାନକୁ ଦୃଷ୍ଟିରେ ରଖି ସରକାରୀ ଆର୍ଥିକ ବ୍ୟବସ୍ଥାରେ ଦୃଢ଼ ଡିଜିଟାଲ ସୁରକ୍ଷାର ଆବଶ୍ୟକତା ଥିବା କହିଥିଲେ। ଭବିଷ୍ୟତରେ ସର୍ବଭାରତୀୟ ୱାମିସ୍ ସମ୍ମିଳନୀ ଆୟୋଜନ କରିବାକୁ ଓଡ଼ିଶା ପ୍ରସ୍ତୁତ ହେଉଥିବା ସୂଚନା ଦିଆଯାଇଥିଲା। ଏହି ଅବସରରେ ଡେପୁଟି ସିଏଜି (ପୂର୍ବାଞ୍ଚଳ) କିର୍ତ୍ତୀ ତିୱାରୀ, ବରିଷ୍ଠ ଡିଭିଜନାଲ ଲେଖା ଅଧିକାରୀ ସମରେନ୍ଦ୍ର ପଟ୍ଟନାୟକ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଶିବ ପ୍ରସାଦ ପାଢ଼ୀ, ପ୍ରଧାନ ମହାଲେଖାକାର ଡି ସାହୁ, ଉପ ମହାଲେଖାକାର ଏନ ବାଲକ୍ରିଷ୍ଣା, ବରିଷ୍ଠ ଲେଖା ଅଧିକାରୀ ଆନନ୍ଦ ଭଞ୍ଜ, ବରିଷ୍ଠ ଉପ ମହାଲେଖାକାର ମନୋଜ ଏକ୍କା, ସମ୍ବିତ ମିଶ୍ର ଓ ବିକ୍ରମ କେଶରୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ମାସକୁ ୩୦ କୋଟି ଆୟ ଲକ୍ଷ୍ୟ: ରାସ୍ତାରେ ପରିବହନ ବିଭାଗର ଫାଶ

**ଭୁବନେଶ୍ୱର, ୧୧/୦୫**
**ନ୍ୟୁଜ ବ୍ୟୁରୋ**

ଏବେ ରାସ୍ତାରେ ଗାଡ଼ି ଚଳାଇବା ବେଳେ ଅତ୍ୟନ୍ତ ସତର୍କ ହୋଇଯାଆନ୍ତୁ। କାରଣ ରାସ୍ତାରେ ଗାଡ଼ି ଚଳାଇଲାବେଳେ ଚାଳକ କ'ଣ ଭୁଲ୍, ତ୍ରୁଟି କରୁଛନ୍ତି ତାକୁ ଖୋଜି ଖୋଜି ମୋଟା ଅଙ୍କର ଜରିମାନା କାଟିବାକୁ ପରିବହନ ବିଭାଗ ଫାଶ ବସାଇବାକୁ ଯାଉଛି। ଲୋକଙ୍କଠାରୁ ରାସ୍ତା ଉପରୁ ମୋଟା ଅଙ୍କର ଜରିମାନା ଆଦାୟ କରିବାର କାରଣ ହେଉଛି ପରିବହନ ବିଭାଗକୁ ଏବେ ରାଜସ୍ୱ ଆଦାୟ ଚିନ୍ତା ଘାରିଛି। ଏଥିପାଇଁ ଓଡ଼ିଶା ମୋଟର ଯାନ ଡିଭିଜନ୍ ଅଧୀନରେ କାର୍ଯ୍ୟ କରୁଥିବା ଅଧିକାରୀମାନଙ୍କୁ ମାସିକିଆ ରାଜସ୍ୱ ଆଦାୟ ଟାର୍ଗେଟ୍ ଧରାଇ ଦିଆଯାଇଛି। ଆରଟିଓ, ଏମ୍‌ଭିଆଇ, ଅତିରିକ୍ତ ଆରଟିଓ (ଏନଫୋର୍ସମେଣ୍ଟ), ସହକାରୀ ଏମ୍‌ଭିଆଇ, କନିଷ୍ଠ ଏମ୍‌ଭିଆଇ, ଟିଆଇ/ଟିଏସ୍‌ଏଆଇ, ଅତିରିକ୍ତ ଆରଟିଓ, ସହକାରୀ ଆରଟିଓମାନଙ୍କୁ ମାସକୁ କେଉଁ ଭଳି ଇ-ଚାଲାଣ



କେମିତି କାଟିବେ ତା'ର ଲମ୍ବା ଚଉଡ଼ା ଚିଠା ପରିବହନ କମିଶନର ଧରାଇ ଦେଇଛନ୍ତି। ଲୋକଙ୍କୁ ରାସ୍ତାରେ ଅଟକାଇ ମାସକୁ ଅତି କମ୍‌ରେ ଯେପରି ୩୦ କୋଟି ଟଙ୍କା ସରକାରୀ ପାଣ୍ଠିରେ ଭର୍ତ୍ତି ହେବ ସେ ବାଟ ଏସ୍‌ଟିଏ କର୍ତ୍ତୃପକ୍ଷ କରିଛନ୍ତି।

ବିଡ଼ମ୍ବନାର ବିଷୟ ସରକାରଙ୍କ ରାଜସ୍ୱ ଭରିବାକୁ ରାଜ୍ୟରେ ବଢୁଥିବା ସଡ଼କ ଦୁର୍ଘଟଣାକୁ ଆଳ କରାଯାଇଛି। ଅଧିକ ଇ-ଚାଲାଣ କାଟିଦେଲେ ସଡ଼କ ଦୁର୍ଘଟଣା ଏବଂ ଦୁର୍ଘଟଣାଜନିତ ମୃତ୍ୟୁ କମିଯିବ ବୋଲି ପରିବହନ ବିଭାଗର ବାବୁମାନେ ବୁଝିଛନ୍ତି। ତେଣୁ ଯେଉଁ ଅଞ୍ଚଳରେ ଯେତେ ଅଧିକ ଗାଡ଼ି ଚାଲୁଛି, ପରିବହନ ବିଭାଗର ଯେଉଁଠି ଯେତେ ଅଧିକ କର୍ମଚାରୀ ଅଛନ୍ତି ସେହି ଅନୁଯାୟୀ ଚିଠା ଧରାଯାଇଛି। ଏହାସହ ତାଗିଦ୍ ବି କରାଯାଇଛି, ଗତ ବର୍ଷ ବହୁତ କମ୍ ଅଧିକାରୀ ଟାର୍ଗେଟ୍ ରାଜସ୍ୱ ଆଦାୟ କରିଥିଲେ। ବହୁ ଅଧିକାରୀ ଇ-ଚାଲାଣ ଟାର୍ଗେଟ୍ ପୂରଣ କରିନଥିଲେ। ତେଣୁ ଏଥର ଶତ ପ୍ରତିଶତ ଟାର୍ଗେଟ୍ ପୂରଣ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୫ ତାରିଖରେ ସମୀକ୍ଷା ବୈଠକ ବେଳକୁ ଯଦି କୌଣସି ଅଧିକାରୀଙ୍କ ଟାର୍ଗେଟ୍ ପୂରଣ ହୋଇନଥିବ ତେବେ ଏହାକୁ ଗୁରୁତ୍ୱର ସହ ନିଆଯିବ। ଅର୍ଥାତ୍ ଉକ୍ତ ବାବୁଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେବ।

ଗତ ୮ ତାରିଖରେ ପରିବହନ କମିଶନର ରାଜ୍ୟର ସମସ୍ତ ଆରଟିଓ, ଅତିରିକ୍ତ ଆରଟିଓ, ଟ୍ରାଫିକ୍ ଡେପୁଟି ସୁପରିନ୍‌ଟେଣ୍ଡେଣ୍ଟମାନଙ୍କୁ ମାସିକିଆ ଟାର୍ଗେଟ୍ ଦେଇ ଚିଠି ଲେଖିବା ପରେ ଏହି ବାବୁମାନେ ସୋମବାରଠାରୁ କିପରି କେଉଁ ଛକରେ, ରାସ୍ତା କଡ଼ରେ ସାଧାରଣ ଲୋକଙ୍କଠାରୁ ଜରିମାନା ନାଁରେ ଟଙ୍କା ଆଦାୟ କରି ହେବ ସେ ନେଇ ପୂରା ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛନ୍ତି। ଖାଲି ସେତିକି ନୁହେଁ, ଆରଟିଓମାନେ ଜରିମାନା କାଟିବାକୁ ଯେପରି ମଇଦାନକୁ ଓହ୍ଲାଇବେ ସେଥିପାଇଁ ତାଙ୍କୁ ମଧ୍ୟ ଇ-ଚାଲାଣ ଟାର୍ଗେଟ୍ ଦିଆଯାଇଛି। ସବୁଠୁ ଆଶ୍ଚର୍ଯ୍ୟର ବିଷୟ ହେଲା, ଏହି ମାସିକିଆ ଟାର୍ଗେଟ୍‌ରେ ମଦ୍ୟପାନ କରି ଗାଡ଼ି ଚଳାଉଥିବା, ଦ୍ରୁତ ଗତିରେ ଗାଡ଼ି ଚଳାଉଥିବା, ଗାଡ଼ି ଚଳାଇବାବେଳେ ମୋବାଇଲ ଫୋନ୍ ବ୍ୟବହାର କରୁଥିବା, ବିନା ହେଲମେଟ୍, ସିଟ୍ ବେଲ୍ଟରେ ଗାଡ଼ି ଚଳାଉଥିବା, ସାମଗ୍ରୀ ନେବା ଗାଡ଼ିରେ ଯାତ୍ରୀ ନେଉଥିବା, ଅଧିକ ମାଲ୍ ନେଉଥିଲେ, ଭୁଲ୍ ରାସ୍ତାରେ ଗାଡ଼ି ଚଳାଉଥିଲେ, ଟେଲ୍ ଲ୍ୟାମ୍ପ କାମ କରୁନଥିଲେ, ଭୁଲ୍ ସ୍ଥାନରେ ପାର୍କିଂ କରିଥିଲେ ଏହିଭଳି ୧୦ଟି ଭୁଲ୍ ପାଇଁ ଜରିମାନା ଆଦାୟ କରିବାକୁ କୁହାଯାଇଛି। ଏଥିରୁ ସବୁ ଠିକ୍ ଥିଲେ ମଧ୍ୟ ଟ୍ରାଫିକ୍ ଓ ଗାଡ଼ି ଚାଳନା ସଂକ୍ରାନ୍ତୀୟ ଅନ୍ୟାନ୍ୟ ତ୍ରୁଟି ଦେଖାଇ ଜରିମାନା ଆଦାୟ କରିବାକୁ କୁହାଯାଇଛି। ଏଥିପାଇଁ ବି ଟାର୍ଗେଟ୍ ଦିଆଯାଇଛି।

ଅତିରିକ୍ତ ଆରଟିଓ (ଏନ୍‌ଫୋର୍ସମେଣ୍ଟ), ସହକାରୀ ଏମ୍‌ଭିଆଇ, କନିଷ୍ଠ ଏମ୍‌ଭିଆଇ, ଟିଆଇ/ଟିଏସ୍‌ଏଆଇମାନଙ୍କୁ ତାଙ୍କ ପଦବୀ ଅନୁସାରେ ଟାର୍ଗେଟ୍ ଧରାଇ ଦିଆଯାଇଛି। କାହାକୁ ମାସକୁ ୧୯ ଲକ୍ଷ ତ କାହାକୁ ୨୪ ଲକ୍ଷ। ଅବଶ୍ୟ ଛୋଟ ଜିଲ୍ଲାରେ ଏହା ୭ ଆଉ ୧୨ ଲକ୍ଷ ରଖାଯାଇଛି। ଏମିତିରେ ୩୦ଟି ଯାକ ଜିଲ୍ଲାରୁ ମାସକରେ ୧୮ କୋଟି ଆଦାୟ ରଖାଯାଇଛି। ଆରଟିଓ, ଏମ୍‌ଭିଆଇ, ଅତିରିକ୍ତ ଆରଟିଓ, ସହକାରୀ ଆରଟିଓମାନଙ୍କୁ ଇ-ଚାଲାଣ ଟାର୍ଗେଟ୍ କମ୍ ଦିଆଯାଇଛି। ରାସ୍ତାରେ ଯାଞ୍ଚ ବେଳେ ଗାଡ଼ି ପିଛା ଲକ୍ଷାଧିକ ଟଙ୍କାର ଫାଇନ୍ ଲଗାଇବାର କ୍ଷମତା ଥିବାରୁ ସେମାନଙ୍କୁ ଟାର୍ଗେଟ୍ ଦିଆଯାଇନି। ଏହିପରି ମାସକରେ ୩୦ କୋଟି କେବଳ ଗାଡ଼ି ଚାଳକ/ମାଲିକଙ୍କଠାରୁ ଆଦାୟ କରିବାକୁ ପୂରା ଯୋଜନା ପ୍ରସ୍ତୁତ ହୋଇଛି। କିନ୍ତୁ ସଡ଼କ ଦୁର୍ଘଟଣା କିପରି କମିବ, କିପରି ଅଧିକ ସଚେତନତା ସୃଷ୍ଟି କରାଯିବ, କିପରି ଅଧିକ ଟ୍ରକ୍ ଟର୍ମିନାଲ, ରାସ୍ତା ପାର୍ଶ୍ୱ ସୁବିଧା କେନ୍ଦ୍ର, ଅଧିକ ପାର୍କିଂ ଅଞ୍ଚଳ, ରାସ୍ତାରେ ଖାଲଖମା ରହିବନି, ସମସ୍ତ ଛକ, ଜନଗହଳି ଓ ବ୍ଲାକସ୍ପଟ୍ ଅଞ୍ଚଳରେ ଆଲୋକୀକରଣ ହେବ, ସେ ନେଇ ପରିବହନ ବିଭାଗର ବାବୁମାନେ ଚିନ୍ତା କରିନାହାନ୍ତି।